

ରାଜପାଲଙ୍କୁ ମିଳିଲାନି ଜାମିନ

ପୃଷ୍ଠା ୪

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



କିସ୍ ଡେ'

Vol. 33 | ISSUE 321 ଭାଗ ୩୩ | ସଂଖ୍ୟା ୩୨୧ | Friday 13 February 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୧୩ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପାକିସ୍ତାନ ଓ ଚୀନ୍ ପାଇଁ ସତର୍କ ଘଣ୍ଟି

# ୧୧୪ ରାଫେଲ୍ ଜେଟ୍ ପ୍ରସ୍ତାବକୁ ଡିଏସି ମଞ୍ଜୁରୀ

- ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଆଗମନ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି
- ଖର୍ଚ୍ଚ ହେବ ୩.୨୫ ଲକ୍ଷ କୋଟି
- ବଢ଼ିବ ବାୟୁସେନା ବଳ
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେବ



ନୂଆଦିଲ୍ଲୀ,୧୨।୨: ଆଗାମୀ ଦିନରେ ଭାରତୀୟ ବାୟୁସେନାର ଶକ୍ତି ଯଥେଷ୍ଟ ମାତ୍ରାରେ ବଢ଼ିବ। କାରଣ ଖୁବ୍ ଶୀଘ୍ର ଭାରତ ୧୧୪ଟି ରାଫେଲ୍ ଜେଟ୍ କିଣିବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦିଲ୍ଲୀ ଗସ୍ତ ପୂର୍ବରୁ ଏହି ଲଢୁଆ ବିମାନ କିଣିବା ସକାଶେ ଭାରତ ଓ ଫ୍ରାନ୍ସ ମଧ୍ୟରେ ମେଗା ଡିଲ୍ ନେଇ ଆଜି ଏକ ସକାରାତ୍ମକ ଖବର ସାମ୍ନାକୁ ଆସିଛି। ଗୁରୁବାର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଏହି ଡିଲ୍‌କୁ ମଞ୍ଜୁରୀ ମିଳିଛି। ଏହି ୧୧୪ଟି ରାଫେଲ୍ ଜେଟ୍ ଭାରତରେ ନିର୍ମିତ ହେବାକୁ ଥିବା ବେଳେ ଏ ବାବଦରେ ମୋଟ ୩.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହାକି ବିଶ୍ୱର ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି ମଧ୍ୟରେ ଅନ୍ୟତମ।

ଗତ ମାସରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା କ୍ରୟ ବୋର୍ଡ ବାୟୁସେନାର ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା କୌଣସି ପ୍ରତିରକ୍ଷା ଚୁକ୍ତି କ୍ଷେତ୍ରରେ ପ୍ରଥମ ପଦକ୍ଷେପ। ଡିଏସିଠାରୁ ଏହି ପ୍ରସ୍ତାବ ମଞ୍ଜୁରୀ ପାଇବା ପରେ ଏବେ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥ ମନ୍ତ୍ରଣାଳୟ ଓ ସୁରକ୍ଷା କ୍ୟାବିନେଟ କମିଟି (ସିସିଏସ୍)ରେ ଉପସ୍ଥାପିତ ହେବ। ଏହି ୧୧୪ଟି ରାଫେଲ ଲଢୁଆ ବିମାନ ମଧ୍ୟରୁ ୧୬ଟି ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରିବାର ସମ୍ଭାବନା ରହିଛି। ଏହାଛଡ଼ା ୧୧୪ଟିଯାକ ରାଫେଲ୍ ଜେଟ୍ ବାୟୁସେନାର ୫/୬ଟି ସ୍କ୍ୱାଡ୍ରନକୁ ସମର୍ଥନ କରିବାର କ୍ଷମତା ରଖେ। ଭାରତୀୟ ବାୟୁସେନାର ଗୋଟିଏ ସ୍କ୍ୱାଡ୍ରନରେ ୧୮ରୁ ୨୦ଟି ଲଢୁଆ ବିମାନ ରହିଛି। ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀ ମାକ୍ରନ ଭାରତ ଆସିବାକୁ ଥିବା ବେଳେ ତାଙ୍କର ଏହି ଗସ୍ତ ପୂର୍ବରୁ ଆଲୋଚ୍ୟ ଚୁକ୍ତି ସମ୍ପର୍କରେ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଗତ ୨୦୧୬ରେ ଭାରତ ପ୍ରାୟ ୫୯ ହଜାର କୋଟି ଟଙ୍କାରେ ଫ୍ରାନ୍ସରୁ ୩୬ଟି ରାଫେଲ୍ ଜେଟ୍ କିଣିବା ସକାଶେ ନିଷ୍ପତ୍ତି ନେଇଥିଲା। ଗତ ବର୍ଷ ଏପ୍ରିଲରେ ଭାରତୀୟ ନୌସେନା ପାଇଁ ଏହି ଜେଟ୍‌ର ସାମୁଦ୍ରିକ ସଂସ୍କରଣ ରାଫେଲ (ଏମ୍) କିଣିବା ସକାଶେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଲଢୁଆ ବିମାନଗୁଡ଼ିକୁ ସ୍ୱଦେଶୀ ବିମାନ ବାହକ ଆଇଏନ୍ଏସ୍ ବିକ୍ରାନ୍ତରେ ନିୟୋଜିତ କରାଯିବ। ବାୟୁସେନାରେ ସ୍କ୍ୱାଡ୍ରନ ଆକାର ହ୍ରାସ ପାଉଥିବାରୁ ଏହାର ମୁକାବିଲା ପାଇଁ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗରେ ୧୧୪ଟି ରାଫେଲ୍ ଜେଟ୍ ନିର୍ମାଣ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସେନା ପକ୍ଷରୁ ଏକ ପ୍ରସ୍ତାବ ➡ପୃଷ୍ଠା-୬



## ଦେଶବ୍ୟାପୀ ବନ୍ଦ ଶାନ୍ତିପୂର୍ଣ୍ଣ

# ସାମିଲ ହେଲେ ୩୦ କୋଟିରୁ ଅଧିକ ଶ୍ରମିକ

- ଜାତୀୟ ଅର୍ଥନୀତିକୁ ୨୦ହଜାର କୋଟିର କ୍ଷତି
- ଅଟକିଲା ବର ଗାଡ଼ି, ପର୍ଯ୍ୟଟକ ହଟହଟା
- ରାଜପଥରେ ଠିଆ ହେଲା ଶହ ଶହ ଟ୍ରକ
- ମଲରେ ହଙ୍ଗାମା, ବନ୍ଦ ହେଲା ତାଲିମ ଶିବିର

ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ): ଦେଶବ୍ୟାପୀ ସବୁ ଶ୍ରମିକ ସଂଗଠନ ଓ ଟ୍ରେଡ ୟୁନିୟନର ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଦେଶର ପ୍ରାୟ ୩୦ କୋଟି ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଯଦିଓ ବନ୍ଦ ସମୟରେ ବିଶେଷ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନଥିଲା, ତଥାପି ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଏଥିସହିତ ୧୨ ଘଣ୍ଟିଆ ବନ୍ଦ ଯୋଗୁଁ ଜାତୀୟ ଅର୍ଥନୀତିରେ ପ୍ରାୟ ୨୦ ହଜାର କୋଟିର କ୍ଷତି ହୋଇଥିବା ଆକଳନ କରାଯାଉଛି। ବନ୍ଦ ଯୋଗୁଁ ଓଡିଶା ➡ପୃଷ୍ଠା-୬

---

● ଜମି ଦଲାଲ୍‌ଙ୍କୁ ଚେକ୍ ଦେବାକୁ ନୂଆ ତରିକା

# ପଟ୍ଟାରେ ଲାଗିବ କ୍ୟୁଆର କୋଡ୍

**ସ୍କାନ୍ କରିବା ମାତ୍ରେ ମିଳିବ ସମ୍ପୂର୍ଣ୍ଣ ତଥ୍ୟ**

ଭୁବନେଶ୍ୱର,୧୨।୨ (ସଂଚାର ବ୍ୟୁରୋ): ଏଣିକି ଜମି ଦଲାଲ୍‌ମାନେ ଆଉ ମିଥ୍ୟା କାଗଜପତ୍ରରେ କୌଣସି ଜମି ବିକ୍ରି କରିପାରିବେ ନାହିଁ। ରାଜ୍ୟରେ ଜମି ଦଲାଲ୍‌ଙ୍କ ଦୌରାତ୍ମ୍ୟ ବଢ଼ିଚାଲିଥିବାରୁ ଏହାକୁ ଚେକ୍ ଦେବା ସକାଶେ ବିଜେପି ସରକାର ନୂଆ ତରିକା ଆପଣାଇବାକୁ ନିଷ୍ପତ୍ତି ନେଇଛି। ନୂଆ ଜ୍ଞାନକୌଶଳ ଉପଯୋଗରେ ରାଜ୍ୟରେ ଜମି ଠକେଇକୁ ରୋକାଯିବ। ଏଥିସକାଶେ ଏଣିକି ଜମି ପଟ୍ଟାରେ ଲାଗିବ କ୍ୟୁଆର କୋଡ୍। ଏହି କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ତୁରନ୍ତ ଉକ୍ତ ଜମି ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ହେବ।

ଫଳରେ ଏଣିକି ଜମି ଦଲାଲ୍‌ମାନେ ବିଭିନ୍ନ ସମୟରେ ଜୀବନଯାକର ପୁଞ୍ଜି ଲଗାଇ ଘର ଖଣ୍ଡେ ତିଆରି କରିବାର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ ଆଉ ଠକିପାରିବେ ନାହିଁ। କାରଣ ଅତୀତରେ ➡ପୃଷ୍ଠା-୬

# ପାଣ୍ଡ୍ୟା ପରାକ୍ରମ, ଭାରତର ବଡ଼ ବିଜୟ

## ଈଶାନ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ



ନୂଆଦିଲ୍ଲୀ,୧୨।୨: ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଆଜି ଅନ୍ୟତମ ଆୟୋଜକ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ବେଳେ ଏଥିରେ ବେଶ୍ ସହଜରେ ବିଜୟୀ ହୋଇଛି। ଦଳ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇବା ପରେ ଓପନର ଈଶାନ୍ କିଶନ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରାକ୍ରମୀ ପ୍ରଦର୍ଶନ ମାଧ୍ୟମରେ ୯୩ ରନ୍‌ରେ ବିଜୟୀ ହୋଇଛି। ବ୍ୟାଟିଂରେ ମାତ୍ର ୨୮ଟି ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୫୨ ରନ୍ କରିଥିବା ହାର୍ଦ୍ଦିକ ବୋଲିଂରେ ବି ଦୁଇଟି ୱିକେଟ୍ ନେଇ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହ ଦଳ ମୋଟ ୪ ପଏଣ୍ଟ୍ ଓ ଉନ୍ନତ ରନ୍ ହାରରେ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି।

ପ୍ରଥମେ ବୋଲିଂ ନେଇଥିବା ନାମ୍ବିଆ ଭାରତୀୟ ଓପନରଙ୍କ ଦୁର୍ଦ୍ଧର୍ଷ ରୂପ ଦେଖିଥିଲା। ବିଶେଷକରି ଈଶାନ୍ ତାଙ୍କ ରୌଦ୍ର ରୂପ ଦେଖାଇ ଗୋଟିଏ ପରେ ଗୋଟିଏ ବଡ଼ ବଡ଼ ଶଟ୍ ଖେଳିଚାଲିଥିଲେ। ତାଙ୍କ ସାଥୀରେ ଅଭିଷେକ ଶର୍ମାଙ୍କ ସ୍ଥାନରେ ଓପନିଂ କରିଥିବା ସଞ୍ଜୁ ସାମ୍‌ସନ୍ ଯଦିଓ ୩ଟି ବଡ଼ ଛକା ଓ ଗୋଟିଏ ଚୌକା ମାଧ୍ୟମରେ ୨୨ ରନ୍ କରିଥିଲେ, କିନ୍ତୁ ➡ପୃଷ୍ଠା-୬

### ପୀତବାସ ପଣ୍ଡା ହତ୍ୟାରେ ନୂଆ ଟ୍ୱିଷ୍ଟ

# ସିକ୍ରେଟ ଲକର୍‌ରୁ ମିଳିଲା ୪ ଫଟୋ

- ବିକ୍ରମଙ୍କ ଆପତ୍ତିଜନକ ଫଟୋ ହତ୍ୟାର କାରଣ କି?
- ପୁଲିସର ନୂଆ ଫଣ୍ଡାକୁ ନେଇ ଆପତ୍ତି କଲେ ଓକିଲ



ବ୍ରହ୍ମପୁର,୧୨।୨(ସଂଚାର ବ୍ୟୁରୋ): ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସକୁ ମିଳିଛି ନୂଆ ସୁରାକ। ହତ୍ୟା ପଛର କାରଣ ଖୋଜୁଥିବା ପୁଲିସକୁ ଆଉ ଏକ ଖିଅ ଦେଇଛି ମୃତ ଆଇନଜୀବୀଙ୍କ ପଇତାରେ ଝୁଲିଥିବା ଲକର ଚାବି। ପୀତବାସଙ୍କ ଲକରରୁ ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ଜଣେ ମହିଳାଙ୍କ ଆପତ୍ତିଜନକ ଫଟୋ ମିଳିଛି। ତେବେ ଏହି ଫଟୋକୁ ନେଇ ବିକ୍ରମଙ୍କ ଓକିଲ ପ୍ରଶ୍ନ ଉଠାଇଛନ୍ତି।

ଏହି ଚାବିଟି ପୀତବାସଙ୍କ ଆଲମାରିର ସିକ୍ରେଟ୍ ଚ୍ୟାମ୍ବରର ବୋଲି ଜେରା ବେଳେ ତାଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା କହିଛନ୍ତି। ସୁସ୍ମିତାଙ୍କ ଅନୁମତି ନେଇ ଯେତେବେଳେ ପୁଲିସ ସେହି ସିକ୍ରେଟ ଲକର ଖୋଲିଲା, ସେଠାରୁ ପୁଲିସ ଏକ ଲଫାପାରୁ ୪ଟି ଫଟୋ ପାଇଥିଲା। ଫଟୋରେ ବିକ୍ରମଙ୍କ ସହ ଜଣେ ମହିଳା ଅଛନ୍ତି। ତାହା ପୁଣି ଅତି ଆପତ୍ତିଜନକ ଅବସ୍ଥାରେ। ମହିଳା ଓ ବିକ୍ରମଙ୍କ ପାଖରେ ଗୋଟିଏ ମଦ ଗ୍ଲାସ ଅଛି। ପୁଲିସ ରେକର୍ଡ କରିଥିବା ଷ୍ଟେଟମେଣ୍ଟରେ ବି ଏ କଥା ଉଲ୍ଲେଖ ରହିଛି। ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି, ଏହି ଫଟୋ ହିଁ ହତ୍ୟାର ଏକ କାରଣ ହୋଇଥାଇପାରେ। ପୁଲିସ ଚାର୍ଜସିଟରେ ଏ କଥା ଉଲ୍ଲେଖ ଅଛି।

ସେପଟେ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଏହି ଫଟୋକୁ ନେଇ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ପୁଲିସ ପକ୍ଷରୁ କୋର୍ଟରେ ଘଟଣାର ସିଜର ଲିଷ୍ଟ ଉଲ୍ଲେଖ କରାଯାଇନି। ମୁଦାଲାକୁ ଏହାର ଏକ କପି ଦେବା ଦରକାର। ଜଣେ ରାଜନେତାଙ୍କୁ ବଦନାମ କରିବା ପାଇଁ ପୁଲିସ ଅନେକ କିଛି କରିପାରେ ବୋଲି ସେ କହିଛନ୍ତି। ଆଜିକାଲି ଏଆଇ ବ୍ୟବହାର କରି ଅନେକ ପ୍ରକାର ଫଟୋ ହୋଇପାରୁଛି। ଏହାବି ଗୋଟିଏ ଏଆଇ ଫଟୋ ହୋଇଥାଇପାରେ। ପୁଲିସ ପାଞ୍ଚଟା ଦିଗ ଦେଖୁଛି, ହେଲେ କେଉଁ ଦିଗ ପାଇଁ ସେ ହତ୍ୟା କଲେ, ତାହା ସ୍ପଷ୍ଟ କରିବା ଦରକାର। ବର୍ତ୍ତମାନ ପୁଲିସ ଏକ ଦିଗହରା ଚାର୍ଜଶିଟ୍ ଦେଇଛି। ସିକ୍ରେଟ୍ ଚ୍ୟାମ୍ବରରେ କେବଳ ଗୋଟିଏ ଫଟୋ ନଥାଏ, ଏଥିରେ ଅନେକ କିଛି ଥାଏ। କଣ ➡ପୃଷ୍ଠା-୬

---



## କାନ ଡେରିଥା

ଡ୍ରେସ ଚେଞ୍ଜ ଭଳି ପ୍ରେମିକ ଚେଞ୍ଜ
ଆଜିକାର ସତ କଥା
ଟାଇମ୍‌ପାସ୍ ବୋଲି
ଜାଣି ନ ପାରନ୍ତି
ଭାବିଲେ ଘୁରୁଛି ମଥା
ଇଏ ସବୁ ମୁଣ୍ଡ ବଥା...
ଯେମିତି ଦିଅଁକୁ ସେମିତି ପୂଜା
ଇଏ ପୂର୍ବ ଲୋକଗାଥା ।

■ ଦେବାଶିଷ

### 'ଭାରତ ବୋଧନ ଏଆଇ କନକ୍ଲେଭ' ଉଦ୍‌ଘାଟିତ

# ଶିକ୍ଷା ପ୍ରକ୍ରିୟାକୁ ସହଜ କରିବ 'ବୋଧନ ଏଆଇ'



- ଆଇଆଇଟି ବମ୍ବେ ଓ କଲମ୍ବିଆ ୟୁନିଭର୍ସିଟି ମଧ୍ୟରେ ଚୁକ୍ତି
- ୨୦୩୫ ସୁଦ୍ଧା ଅର୍ଥନୀତିରେ ୧.୭ ଟ୍ରିଲିଅନ୍ ହେବ ଏଆଇ ଅବଦାନ

ନୂଆଦିଲ୍ଲୀ,୧୨।୨: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ଆୟୋଜିତ 'ଭାରତ ବୋଧନ ଏଆଇ କନକ୍ଲେଭ'ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି। ଭାରତକୁ ଏକ 'ଏଆଇ ଲିଡର' ଦେଶ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଦୋହରାଇ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ସେ କହିଛନ୍ତି ଯେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ 'ବୋଧନ ଏଆଇ'ର ଶୁଭାରମ୍ଭ କରାଯାଇଛି। ଏହା ଶିକ୍ଷକମାନଙ୍କ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ। ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାରେ ଉପଲବ୍ଧ ହେବା ଉଚିତ, ଯାହାଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ବୁଝିପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ 'ଏଆଇ -ପ୍ରସ୍ତୁତି' ପାଇଁ ଆହ୍ୱାନ ଦେଇଛନ୍ତି। ସେ ମଧ୍ୟ ନୈତିକ, ଦାୟିତ୍ୱସମ୍ପନ୍ନ ଓ ସମାବେଶୀ ଏଆଇର ବିକାଶ ତଥା ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ➡ପୃଷ୍ଠା-୬

### ଭାରତୀୟ ଛାତ୍ରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ମାମଲା

# ୨୬୦ କୋଟି କ୍ଷତିପୂରଣ ଦେବ ଅଭିଯୁକ୍ତ



ନ୍ୟୁୟର୍କ,୧୨।୨: ଆମେରିକାରେ ଜଣେ ଭାରତୀୟ ଛାତ୍ରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଥିବା ମାମଲାରେ ଅଭିଯୁକ୍ତ ଉପରେ ବଡ଼ ଆକାରର ଜରିମାନା ହୋଇଛି। ଏବେ ଅଭିଯୁକ୍ତ ଉକ୍ତ ଭାରତୀୟ ଛାତ୍ରୀଙ୍କ ପରିବାରକୁ ୨୦ ନିୟୁତ ଆମେରିକୀୟ ଡଲାର୍ ଅର୍ଥାତ୍ ୨୬୦ କୋଟି ଭାରତୀୟ ମୁଦ୍ରା କ୍ଷତିପୂରଣ ଆକାରରେ ଦେବା ସକାଶେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏହି ଖବର ସବୁଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ, ଗତ ୨୦୨୩ରେ ଉକ୍ତ ୨୩ ବର୍ଷୀୟା ଭାରତୀୟ ଛାତ୍ରୀଙ୍କୁ ଜଣେ ପୁଲିସ କର୍ମଚାରୀ ଗାଡ଼ି ଚଢ଼ାଇ ମାରିଦେଇଥିଲେ। ସେତେବେଳେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ➡ପୃଷ୍ଠା-୬


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026,
Please visit: www.soa.ac.in


# ବିଜେଡି ବିପର୍ଯ୍ୟୟ ପାଇଁ ନିଜେ ନବୀନ ଦାୟୀ

- ଆମ ଭିତରେ ହୋଇଥିବା ଚୁକ୍ତି ଭାଙ୍ଗିଛନ୍ତି ସଭାପତି
- ନିର୍ବାଚନ ପୂର୍ବରୁ ଜନମତକୁ ପଢ଼ି ପାରିନଥିଲେ ମୁଖିଆ
- ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ବହୁତ ଭଲ କାମ କରୁଛନ୍ତି



ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ଓ ପରବର୍ତ୍ତୀ ସମୟରେ ଦଳ ଯେଭଳି ବିପର୍ଯ୍ୟୟ ଦେଇ ଗତି କରୁଛି, ସେଥିପାଇଁ ନିଜେ ଦଳର ସଭାପତି ନବୀନ ପଟ୍ଟନାୟକ ହିଁ ଦାୟୀ। ଅନେକ ତାଙ୍କ ପରାମର୍ଶଦାତା ଓ ଅନ୍ୟ କାର୍ପେଟଦାରମାନଙ୍କୁ ମଧ୍ୟ ଦାୟୀ କରୁଛନ୍ତି। କିନ୍ତୁ ସଭାପତି ଭାବେ ନବୀନ ପଟ୍ଟନାୟକ କ'ଣ କରୁଥିଲେ। ସେ କାହିଁକି ଭୁଲ ପରାମର୍ଶ ଗ୍ରହଣ କରୁଥିଲେ? ସେ କିଛି ନେତାଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କାହିଁକି ପାଳନ କଲେ ନାହିଁ? ତେଣୁ ବିଜେଡି ବର୍ତ୍ତମାନ ଯେଉଁ ସ୍ଥିତିକୁ ଆସିଛି, ଏଥିପାଇଁ ଏକମାତ୍ର ନବୀନ ହିଁ ଦାୟୀ। 'ସଂଚାର' ସହ ସ୍ୱତନ୍ତ୍ର ସାକ୍ଷାତକାରରେ ଏହା କହିଛନ୍ତି ପୂର୍ବତନ ସାଂସଦ ବାବା ପ୍ରସନ୍ନ ପାଟ୍ଟଶାଣୀ।

ଏହି ସାକ୍ଷାତକାରରେ ପ୍ରସନ୍ନ ପାଟ୍ଟଶାଣୀ ୨୮ ବର୍ଷ ତଳେ ନବୀନ ଓ ତାଙ୍କ ମଧ୍ୟରେ ହୋଇଥିବା ଏକ ଅଲିଖିତ ସଙ୍କଳ୍ପର ଖୁଲାସା କରିଛନ୍ତି। ସେ କହିଛନ୍ତି, ଯେତେବେଳେ ନବୀନ ଓଡ଼ିଶା ରାଜନୀତିକୁ ଆସିଲେ, ସେତେବେଳେ ସେ ସବୁବେଳେ ତାଙ୍କ ସହ ବୁଲୁଥିଲେ। ଦିନେ ରାତିରେ ହଠାତ ନବୀନ ତାଙ୍କ ଘରେ ଆସି ପହଞ୍ଚିଗଲେ ଆଉ ଗାଡ଼ିରେ ତାଙ୍କ ସହ ଯିବାକୁ ଡାକିଲେ। ନବୀନ ବାବୁ ଡାକିବାରୁ ସେ ସଙ୍ଗେ ସଙ୍ଗେ ରାଜି ହୋଇଯାଇଥିଲେ। ଗାଡ଼ିରେ ଭୁବନେଶ୍ୱରରେ ବୁଲିବା ସମୟରେ ନବୀନ ତାଙ୍କୁ କହିଥିଲେ, "ଆମେ ପରସ୍ପରକୁ ଏକ ପ୍ରତିଶ୍ରୁତି ଦେବା। କେହି କାହା ସହ କେବେ ବି ବିଶ୍ୱାସଘାତକତା କରିବା ନାହିଁ।" ସେ ସମୟରେ ମୁଁ ତାଙ୍କୁ କହିଥିଲି, "ଆପଣ ମୋ' ସହ ବିଶ୍ୱାସଘାତକତା କଲେ ଚଳିବ, କିନ୍ତୁ ମୁଁ କେବେ ବି ଆପଣଙ୍କ ବିଶ୍ୱାସରେ ବିଷ ଦେବିନି।"

କିନ୍ତୁ ନବୀନ ୨୦୧୯ ଓ ୨୦୨୪ ଦୁଇଟିଯାକ ନିର୍ବାଚନରେ ନିଜ ପ୍ରତିଶ୍ରୁତି ରକ୍ଷା କରିନାହାଁନ୍ତି। ଯାହାକୁ ମୋ ସ୍ଥାନରେ ଟିକେଟ ଦେଲେ ସେ ହାରିଲେ। ଯିଏ ଥରେ ହାରେ ତାକୁ ଆଉ ଥରେ ଆଉ ଗୋଟିଏ ନିର୍ବାଚନମଣ୍ଡଳୀରୁ କେମିତି ଟିକେଟ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବହୁ ନେତା ତାଙ୍କ ପରାମର୍ଶଦାତାଙ୍କୁ ଦାୟୀ କରୁଛନ୍ତି। କିନ୍ତୁ ମୁଁ ଅନ୍ୟ କାହାକୁ ଦାୟୀ କରିବି ନାହିଁ। ସବୁ ପାଇଁ ଦାୟୀ ନିଜେ ନବୀନ। ତାଙ୍କ ଟିକେଟ ➡ପୃଷ୍ଠା-୬

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜିଲ୍ଲା ବିଜେପି ନେତା

## ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା ଦାବି



**ପଟ୍ଟାମୁଣ୍ଡାଇ,୧୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଜିଲାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସହ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ନେତାମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି। ଜିଲ୍ଲାର ରେଳପଥ ବିକାଶ, ଶିଳ୍ପ ପ୍ରତିଷ୍ଠା, ଶିଳ୍ପ ଭିତ୍ତିଭୂମି ସୁଦୃଢ଼ କରିବା ଗମନାଗମନ ବ୍ୟବସ୍ଥାରେ ଉନ୍ନତି ସହ ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ପର୍କ ଆଲୋଚନା କରିଥିଲେ । ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ ଓ ସାଧାରଣ ସମ୍ପାଦକ ଅମିତାଭ ସୁଆର ପ୍ରମୁଖ ଜିଲ୍ଲା ବିଜେପି ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେବା ସହ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା ଦାବୀ ପ୍ରତି ସରକାର ଉଚିତ ସମୟରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ ।

## ଗରଦପୁର ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଯୁବଶକ୍ତିଙ୍କୁ ଆଗକୁ ଆସିବାକୁ ଆହ୍ୱାନ




**ଗରଦପୁର,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ତହସିଲ ପଡିଆରେ ଆୟୋଜିତ 'ଗରଦପୁର ଯୁବ ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟା ବିଭିନ୍ନ ସାମାଜିକ ଓ ଜାତୀୟ ସନ୍ଦେଶରେ ଭରିଥିବା ଏକ ଗୌରବମୟ ଅବସର ରୂପେ ପାଳିତ ହୋଇଥିଲା । ଏହି ଅବସରରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ଓ ପାଟକୁରା ନିର୍ବାଚନ ମଣ୍ଡଳୀର ନେତା ତଥା ଯୁବ ମହୋତ୍ସବ ଅଧକ୍ଷ ତେଜେଶ୍ୱର ପରିଡ଼ା ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

ଅତିଥିମାନେ ତାଙ୍କ ଅଭିଭାଷଣରେ ଯୁବଶକ୍ତିକୁ ରାଜ୍ୟ ଓ ଦେଶର ମେରୁଦଣ୍ଡ ବୋଲି ବର୍ଣ୍ଣନା କରିଥିଲେ। ଯୁବକ ମାନଙ୍କୁ ଆତ୍ମନିର୍ଭର ଭାରତ ଗଠନରେ ସକ୍ରିୟ ଭାଗିଦାର ହେବା ସହ ନିଜେ ଚାକିରୀ ପାଇବା ସହ ଅନ୍ୟମାନଙ୍କୁ ଚାକିରୀ ଦେବା ପାଇଁ ଉଦ୍ୟମୀ ହେବାର ଆହ୍ୱାନ ଜଣାଇଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଓ ରୋଜଗାରମୂଳକ ଯୋଜନାର ସଠିକ ଲାଭ ଉଠାଇବାକୁ ଯୁବମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେଥିପାଇଁ ନିଶାମୁକ୍ତ ସମାଜ ଗଠନରେ ଯୁବମାନଙ୍କ ଭୂମିକା ଓ ସୋସିଆଲ ମିଡିଆରେ ଅନାବଶ୍ୟକ ସମୟ ନଷ୍ଟ ନ କରି ସୃଜନଶୀଳ କାର୍ଯ୍ୟରେ ଲାଗିବାକୁ ଉତ୍ସାହିତ କରାଯାଇଥିଲା ।

ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ ଯେ, ଏହି ଅଞ୍ଚଳର ଯୁବକମାନଙ୍କ ବିକାଶ ପାଇଁ ଯାହା ଆବଶ୍ୟକ, ସେଥିପାଇଁ ସେ ସଦା ଚେଷ୍ଟା କରିବେ । ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ନୂତନ ଶିଳ୍ପ ସ୍ଥାପନା ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିବା ମଧ ସେ ଉଲ୍ଲେଖ କରିଥିଲେ। ଏପରିକି ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ, ଯୁବଶକ୍ତି ଯଦି ଇଚ୍ଛା କରିବେ, ତେବେ ଅସମ୍ଭବକୁ ମଧ ସମ୍ଭବ କରିପାରିବେ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆଗକୁ ନେବାରେ ଯୁବକମାନେ ନେତୃତ୍ୱ ନେବା ଆବଶ୍ୟକ। ମହୋତ୍ସବ ଅବସରରେ ଆୟୋଜିତ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାରେ ପ୍ରଦର୍ଶିତ ବିଭିନ୍ନ ଷ୍ଟଲ୍‌ଗୁଡ଼ିକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଏହି ମେଳା ମାଧମରେ ସ୍ଥାନୀୟ ଉଦ୍ୟମ ଓ ସ୍ୱଦେଶୀ ପଦାର୍ଥକୁ ପ୍ରୋତ୍ସାହନ ମିଳୁଥିବାରୁ ଏହାକୁ ଯୁବକମାନଙ୍କ ଆର୍ଥିକ ସଶକ୍ତିକରଣରେ ଏକ ମୁଖ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବିଜେପି ନେତାଙ୍କ ସମେତ ବହୁ ସାମାଜିକ ଓ ରାଜନୈତିକ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## କେନ୍ଦ୍ରାପଡା ଜିଲ୍ଲାରେ ଭାରତ ବନ୍ଦର ପ୍ରଭାବ ଆଂଶିକ ପ୍ରଭାବ




**କେନ୍ଦ୍ରାପଡ଼ା,୧୨।୨ (ସଂଚାର ବ୍ୟୁରୋ):** ଭାରତ ବନ୍ଦ ଜିଲ୍ଲାରେ ମଧମ ଧାରଣ ପ୍ରଭାବ ପଡିଛି। ମନରେଗା ବଞ୍ଚାଅ ଭି. ବି. ଜି.ରାମ୍.ଜି ଆଇନକୁ ପ୍ରତ୍ୟାହାର କର,ଶ୍ରମିକ ବିରୋଧୀ ଶ୍ରମ କୋଡ଼ ରଦ୍ଦ କର, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କର, କୃଷକ ବିରୋଧୀ ବିହନ ବିଲ୍ -୨୦୨୫ ବାତିଲ କର,ଧାନ ମଣ୍ଡିରୁ ସରକାରୀ ମୂଲ୍ୟରେ ସମସ୍ତ ଧାନକ୍ରୟ କର,କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ କର ପ୍ରଭୃତି ୨୧ଦଫା ଦାବିରେ ଆଜି ୧୨ ଫେବୃଆରୀ ୨୦୨୬ ଦେଶବ୍ୟାପୀ ସାଧାରଣ ଧର୍ମଘଟ କେନ୍ଦ୍ରାପଡା ଜିଲ୍ଲା ତଥା ସହରରେ ମଧମ ଧାରଣ ସଫଳ ହୋଇଛି। କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ସ୍ୱାଧୀନ ଫେଡରେସନ ସମୂହ ଡ଼ାକରାରେ କେନ୍ଦ୍ରାପଡା ଜିଲ୍ଲାରେ କଂଗ୍ରେସ ସମେତ ସମସ୍ତ ବାମଦଳ ବନ୍ଦରେ ସିଧାସଳଖ ସାମିଲ ହୋଇଥିଲେ। ବିଜେଡି ପୂର୍ଣ ସମର୍ଥନ ଜଣାଇ ବିଭିନ୍ନ ସ୍ଥାନରେ ସାମିଲ ହୋଇଥିଲା। କେନ୍ଦ୍ରାପଡା ସହରର ତିନିମୁହାଣୀ ଠାରେ ସକାଳ ଛଅ ଘଟିକରୁ ପିକେଟିଂ କରାଯାଇ କଟକ ଚାନ୍ଦବାଲି ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା। ପରେ ଶୋଭାଯାତ୍ରାରେ ଯାଇ ବିଭିନ୍ନ ଅଫିସି ଦସ୍ତର, ବ୍ୟାଙ୍କ, ବୀମା, ପୋଷ୍ଟାଲ, ଦୋକାନ ବଜାର, ସ୍କୁଲ କଲେଜ କିଛି କ୍ଷଣ ପାଇଁ ବନ୍ଦ କରାଯାଇଥିଲା । ଅନ୍ୟ ପକ୍ଷରେ ଏହି ବନ୍ଦକୁ ସମସ୍ତ ବ୍ୟାଙ୍କ,ବୀମା ଓ ପୋଷ୍ଟାଲ କର୍ମଚାରି ସଙ୍ଘ ପକ୍ଷରୁ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିଲେ । ଆଶା,ପାଚିକା, ଅଙ୍ଗନବାଡି କର୍ମୀ, ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପକ୍ଷରୁ ମଧ ବନ୍ଦକୁ ସମର୍ଥନ କରାଯାଇଥିଲା।

## ପଟ୍ଟାମୁଣ୍ଡାଇରେ ରାସ୍ତାରୋକ ଓ ହରତାଳ




**ପଟ୍ଟାମୁଣ୍ଡାଇ,୧୨।୨ (ସଂଚାର ବ୍ୟୁରୋ):** ୪ଟି ଶ୍ରମ କୋଡ଼ ବାତିଲ କରିବା, ୨୦୨୫ ବିଦ୍ୟୁତ ସଂଶୋଧନ ବିଲ ବାତିଲ ସହ ସ୍ମାର୍ଟ ମିଟର ନାଁ ରେ ବିଦ୍ୟୁତ ଉପଭୋକ୍ତା ଶୋଷଣ ବନ୍ଦ କରିବା ବିହନ ବିଲ ବାତିଲ, ଭି ବି ଗ୍ରାମୀଣ ଆଇନ ୨୦୨୫ ରଦ୍ଦ କରିବା, ଅଣ ସଂଗଠିତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା,ଦରଦାମ ବେକାରୀ ବୃଦ୍ଧି ନିୟନ୍ତ୍ରଣ କରିବା ଓ ମଣ୍ଡିରେ ସରକାରଙ୍କ ଦ୍ୱାରା ଘୋଷିତ ସହାୟକ ମୂଲ୍ୟ କୃଷକମାନଙ୍କୁ ପ୍ରଦାନ କରିବା ଦାବୀ ନେଇ ବିଭିନ୍ନ ଶ୍ରମିକ ସଂଗଠନ ଆହ୍ୱାନରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ଭାରତ ବନ୍ଦକୁ କଂଗ୍ରେସ ସମେତ ବିଭିନ୍ନ ବାମପନ୍ଥୀ ଦଳ ସମର୍ଥନ କରି ରାସ୍ତାରୋକ ଓ ହରତାଳ କରିଥିଲେ । ବିଭିନ୍ନ ବିରୋଧୀ ଦଳର ରାସ୍ତାରୋକ ଓ ହରତାଳ ଯୋଗୁଁ ପଟ୍ଟାମୁଣ୍ଡାଇ ଅଂଚଳରେ ଯାନବାହନ ଚଳାଚଳ ବନ୍ଦ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିଲା । ସେହିପରି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି ଓ ବଲୁରିଆ ଠାରେ ସିପିଆଇଏମଏଲ ନେତା ଓ କର୍ମୀମାନେ ହରତାଳ କରିଥିଲେ ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ ପକ୍ଷରୁ ଧର୍ମଘଟ




**ନିଶ୍ଚିନ୍ତକୋଇଲି, ୧୨।୨ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଠାରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ଧର୍ମଘଟ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତି, ଜନମାରଣା ନୀତି ପ୍ରତିବାଦରେ ସର୍ବଭାରତୀୟ ଧର୍ମଘଟରେ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ସମ୍ପାଦକ ତ୍ରୈଲୋକ୍ୟ ନାଥଙ୍କ ନେତୃତ୍ୱରେ ଅହେମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ, ନିଶ୍ଚିନ୍ତକୋଇଲି ପାଖରୁ ଶ୍ରମିକ ମାନଙ୍କ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହ ବସଷ୍ଟାଣ୍ଡ ଠାରେ ଧର୍ମଘଟ ଓ ପ୍ରତିବାଦ ସଭା କରାଯାଇଥିଲା। ଦଶଦଫା ଦାବି ନେଇ ଏହି ଧର୍ମଘଟର ଡ଼ାକରା ଦିଆଯାଇଥିବା ବେଳେ ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡ଼ ଆଇନର ପ୍ରତ୍ୟାହାର ପ୍ରମୁଖ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ମହିଳା, ପୁରୁଷ ଓ ଯୁବଗୋଷ୍ଠୀ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ ଥିଲେ। ଭିଟାମାଟି ଶ୍ରମିକ ସଂଘ ସମ୍ପାଦକ ସରୋଜ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣା ନୀତି, କୃଷକ ମାରଣା ନୀତିର ବିରୋଧ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିରୁଦ୍ଧରେ ବିଭିନ୍ନ ନାରାବାଜୀ ଦେବା ସହ କଟୁ ସମାଲୋଚନା କରିଥିଲେ।

## ଅଟଳ ସେନା ପକ୍ଷରୁ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ସମର୍ପଣ ଦିବସ ପାଳିତ

**ନିଶ୍ଚିନ୍ତକୋଇଲି,୧୨।୨(ସଂଚାର ବ୍ୟୁରୋ):** ଅଟଳ ସେନା ତରଫରୁ ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ନେମାଳ ଥାନା ଅନ୍ତର୍ଗତ ତିଳକଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମର୍ପଣ ଦିବସ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତିଳକଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଶ୍ୱନାଥ ପଣ୍ଡା ଯୋଗ ଦେଇ ସମର୍ପଣ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ କର ଯୋଗ ଦେଇ ଦୀନଦୟାଲ ଉପାଧ୍ୟାୟଙ୍କୁ ଏକାତ୍ମ ମାନବବାଦ ଦର୍ଶନର ପ୍ରବର୍ତ୍ତକ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧରେ ଅଟଳସେନା ସାମାଜିକ ଗଣମାଧମ କାର୍ଯ୍ୟକର୍ତ୍ତା ହରେକୃଷ୍ଣ ସାମଲ, ସାମ୍ବାଦିକ ଭାବଗ୍ରାହୀ ମିଶ୍ର, ସଂଗଠକ ବିଚିତ୍ରାନନ୍ଦ ଦାସ, ଦିଲ୍ଲୀପ କୁମାର ସ୍ୱାଇଁ, ୱାର୍ଡ଼ ସଭ୍ୟ ସୁବାଷଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## କଖାରୁଣୀ ସ୍କୁଲରେ ଶିକ୍ଷକ ଅଭାବ ଘଟଣାର ପ୍ରତିବାଦ

# ଶ୍ରେଣୀ ଗୃହରେ ଶିକ୍ଷକଙ୍କୁ ତାଲା, ବାରଣ୍ଡାରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା






**ପଟ୍ଟାମୁଣ୍ଡାଇ,୧୨।୨(ସଂଚାର ବ୍ୟୁରୋ):** ଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଘଟଣାର ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି ଛାତ୍ର ଛାତ୍ରୀ ଓ ଅଭିଭାବକ । ଆଜି ଏହି ଘଟଣା ଭିନ୍ନ ମୋଡ଼ ନେଇଛି । ଆବଶ୍ୟକ ଶିକ୍ଷକ ଦାବୀ କରି କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ସିଆରସିସି ଓ ଶିକ୍ଷକମାନଙ୍କୁ ଶ୍ରେଣୀ ଗୃହରେ ତାଲା ପକାଇ ଦେଇଛନ୍ତି। ସ୍କୁଲ ବାରଣ୍ଡାରେ ସ୍କୁଲ ଛାତ୍ରଛାତ୍ରୀ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଧାରଣା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଛି।

ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ଅଧୟନ କରୁଛନ୍ତି। ଏହି ସ୍କୁଲରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି । ଯାହାଫଳରେ ପାଠାପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । ଏହି ବିଷୟରେ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ ଓ କଖାରୁଣୀ ଗ୍ରାମ ବାସୀ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କିଛି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଗତକାଲି କଖାରୁଣୀ ସ୍କୁଲ ଛାତ୍ରଛାତ୍ରୀମାନେ ମଧାହ୍ନ ଭୋଜନ ବର୍ଜନ କରିବା ସହିତ ସ୍କୁଲରୁ ମିଳିଥିବା ଡ୍ରେସକୁ ଫେରାଇ ଦେଇଥିଲେ ।

ଆଜି ଏହି ଘଟଣା ଭିନ୍ନ ମୋଡ଼ ନେଇଛି । ସ୍କୁଲ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲର ଶ୍ରେଣୀ ଗୃହ ମଧରେ ସିଆରସିସି ଅରବିନ୍ଦ ବଳ, ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ଓ ଅନ୍ୟ ୩ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ତାଲା ପକାଇ ଦେଇଥିଲେ। ଏହାପରେ ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ, ଅଭିଭାବକ ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ପରିଡା ଉପସଭାପତି ସୁଶୀଳା ପ୍ରଧାନ ଓ ପରିଚାଳନା କମିଟି ସଦସ୍ୟା ମାନସୀ ମଳିକ ରେବତୀ ପ୍ରଧାନ ଓ କଳ୍ପନା ମଳିକ ପ୍ରମୁଖ ଧାରଣା ଦେଇ ଅବିଳମ୍ବେ ଶିକ୍ଷକ ନିଯୁକ୍ତି ପାଇଁ ଅଡ଼ି ବସି ଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରି ୨ଜଣ ଶିକ୍ଷକଙ୍କ ନିଯୁକ୍ତି ପତ୍ର ପଠାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

## କେନ୍ଦ୍ରାପଡ଼ା ଆଶାକର୍ମୀ ସଂଘ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ୭ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମାଲିକଙ୍କୁ ପ୍ରଦାନ କରାଯାଇଛି । ଏହି ଦାବି ଗୁଡିକ ମଧରୁ ତୁରନ୍ତ ପ୍ରତ୍ୟେକ ମାସର ପାରିଶ୍ରମିକ ମାସକର ପ୍ରଥମ ସପ୍ତାହରେ ପ୍ରଦାନ ବାକି ରହିଥିବା ଟଙ୍କା ତୁରନ୍ତ ପ୍ରଦାନ କରାଯାଉ, ଆଶାକର୍ମୀ ମାନଙ୍କର ସର୍ବନିମ୍ନ ମାସିକ ଭତା ୨୬ ହଜାର ଟଙ୍କାକୁ ବୃଦ୍ଧି କରାଯାଉ, ପ୍ରତ୍ୟେକ କାମ ପାଇଁ ଖାତା ଓ ଟଙ୍କା ଦିଆଯାଉ, ପ୍ରତ୍ୟେକ ଗ୍ରାମରେ ଆଶା ଗୃହ ନିର୍ମାଣ କରାଯାଉ, ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ଟଙ୍କା ପ୍ରଦାନ କାରଯାଉ, ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦନ କାରଯାଇ ପେନଶନ ବ୍ୟବସ୍ଥା କରାଯାଉ ସଂଘ ପକ୍ଷରୁ ଦାବି କାରଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଅଇନଜିବୀ ରମଣୀ ରଂଜନ ରାଉତରାୟଙ୍କ ସମେତ ଲିଲା ଜୁବୁଲି ସାହୁ, ଅମ୍ବିକା ବାଳା ନାଥ, ନିଳିମା ଦାସ, ଦିଲଜାନ ଖାନାମ, ଅଞ୍ଜଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡ଼ା ଜିଲ୍ଲାକୁ ମିଳିଲା ୭ଟି ନୂଆ ଆମ୍ବୁଲାନ୍ସ



**କେନ୍ଦ୍ରାପଡା,୧୨।୨ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା ପାଇଁ ୭ ନୂଆ ଆମ୍ବୁଲାନ୍ସ ପ୍ରଦାନ କରାଯାଇ ଥିବା ଜଣାପଡିଛି। ଏଥିରୁ ରାଜକନିକା ସିଏସସି କୁ ଗୋଟିଏ, ଆଳିକୁ ୨ଟି, ପଟ୍ଟାମୁଣ୍ଡାଇ, ରାଜନଗର, ଡେରାବିଶ ଓ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ର କୁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ମୋଟ୍ ୩୯ଟି ୧୦୮ ଆମ୍ବୁଲାନ୍ସ ଓ ୨ଟି ବୋଟ ଆମ୍ବୁଲାନ୍ସ ସମୁଦାୟ ୪୧ଟି କାର୍ଯ୍ୟରେ ଲାଗୁଥିବା ବେଳେ ସେଥି ମଧରୁ ପୁରୁଣା ଓ ଅକାମୀ ହୋଇ ଯାଇଥିବା ୭ଟି ଆମ୍ବୁଲାନ୍ସ ବଦଳରେ ଏହି ୭ଟି ଆମ୍ବୁଲାନ୍ସକୁ କାର୍ଯ୍ୟରେ ଲଗାଇବା ପାଇଁ ଯୋଗାଇ ଦିଆ ଯାଇଥିବା ଜଣାପଡିଛି । ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ଆମ୍ବୁଲାନ୍ସ ଗୁଡିକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସଂପୃକ୍ତ ଚିକିତ୍ସାଳୟ ମାନଙ୍କୁ ଯୋଗାଇ ଦେଇଥିଲେ ।

## କେନ୍ଦ୍ରାପଡ଼ା କଲେଜ ଇଂରାଜୀ ବିଭାଗର ଟପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଇଂରାଜୀ ବିଭାଗର ଟପର ଛାତ୍ରୀ ଆଫ୍ରିନ ଫିରଦଶ ଫିରୋଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ପ୍ରତିଷ୍ଠା ଦିବସରେ ଛାତ୍ରୀ ଫିରଦଶଙ୍କୁ ଦେବଲତା ମେମୋରିଆଲ ଆୱାର୍ଡ-୨୦୨୫ ସମ୍ମାନରେ ସମ୍ବର୍ଦ୍ଧି କରାଯାଇ ଥିବା ବେଳେ ନଗଦ ଆର୍ଥିକ ପ୍ରୋତ୍ସାହନ ରାଶି ସମ୍ମାନିତ କରାଯାଇଛି । ଏହା ସହ କଲେଜ ତରଫରୁ ଛାତ୍ରୀ ଫିରଦଶଙ୍କୁ ଏକ ଟ୍ରଫି ପ୍ରଦାନ କରାଯାଇ ଥିବା ଜଣାପଡିଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ପରିଚାଳନା ସମିତିର ସଭାପତି ନବକ୍ରୀଷ୍ଣ ଜେନା, ଅଧକ୍ଷ ପ୍ରଫେସର ସାନ୍ତନୁ କୁମାର ଜେନା ଓ ଇଂରାଜୀ ବିଭାଗର ପ୍ରଧାପକ ଅଚ୍ୟୁତାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । କୁମାରୀ ଫିରଦଶ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ତମାଳ ଶାସନ ଗ୍ରାମର ସ୍ୱର୍ଗତ ମହମ୍ମଦ ଫିରୋଜ ଅଲ୍ଲୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ୟାସମିନ ସୁଲତାନାଙ୍କ କନ୍ୟା ଅଟନ୍ତି ।

## ପାରାଦୀପ କ୍ୟାଲସିନର ଲିମିଟେଡ ସମ୍ମୁଖରେ ଶ୍ରମିକଙ୍କ ଧାରଣା



**ପାରାଦୀପ,୧୨।୨(ସଂଚାର ବ୍ୟୁରୋ):** ପାରାଦ୍ୱୀପ କ୍ୟାଲସିନର ଲିମିଟେଡ଼ କମ୍ପାନୀ ଆଗରେ ଶ୍ରମିକ ମାନଙ୍କ ର ଧାରଣା। ଆଜି ସକାଳୁ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ କାମ ବନ୍ଦ କରି କମ୍ପାନୀ ଫାଟକ ଆଗରେ ଶାନ୍ତିପୂର୍ଣ ଧାରଣା ଦେଇଛନ୍ତି। ଶ୍ରମିକ ମାନଙ୍କ ୫ଦଫା ଦାବି ଭିତରେ ଶ୍ରମିକ ମାନଙ୍କୁ ପ୍ରତି ମାସରେ କମ୍ପାନୀ ଠିକ ସମୟରେ ଦରମା ନ ଦେବା, ସରକାରୀ ଭାବେ ଷାଠିଏ ବର୍ଷରେ ଶ୍ରମିକ ମାନେ ଅବସର ନେବା ପାଇଁ ନିୟମ ଥିଲା ବେଳେ ସେମାନଙ୍କୁ ଜୋର ଜବରଦସ୍ତ ୫୮ ବର୍ଷ ରେ ଅବସର ଦିଆ ଯାଉଥିବା ୨୦୨୧ ରେ ହୋଇଥିବା ଚୁକ୍ତିନାମା କୁ ଅଦ୍ୟାବଧି କାର୍ଯକାରୀ ନ କରିବା ଆଦି ଦାବିକୁ ନେଇ ଶ୍ରମିକମାନେ ଅଡ଼ି ବସିଥିବା ବେଳେ କମ୍ପାନୀର କାର୍ଯ୍ୟ ସମ୍ପୂର୍ଣ ଭାବେ ବନ୍ଦ ହୋଇଯାଇଛି। ଶ୍ରମିକ ମାନଙ୍କ ମଧରେ ଅନେକ ମହିଳା ଶ୍ରମିକ ଧାରଣାରେ ଉପସ୍ଥିତ ଥିବା ବେଳେ ଏବେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ପାଇଁ ଏହା ମୁଖ୍ୟ ଚିନ୍ତାର ବିଷୟ ହୋଇଛି। ପାରାଦ୍ୱୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନ ର ବ୍ୟାନର ରେ ଏହି ଶାନ୍ତିପୂର୍ଣ ଧାରଣା ଚାଲିଥିବା ବେଳେ ସଙ୍ଘର ନେତାଙ୍କ ସହିତ ଆଲୋଚନା ଚାଲିଥିବା ଓ ଖୁବ ଶୀଘ୍ର ସମାଧାନର ରାସ୍ତା ବାହାରିଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ଶ୍ରୀ ଜଗନ୍ନାଥ ଷ୍ଟଡି ସେଣ୍ଟରରେ ବିଦାୟକାଳୀନ ସମାରୋହ




**ରାଜନଗର,୧୨।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହିଂଶାସୁର ଶ୍ରୀ ଜଗନ୍ନାଥ ଷ୍ଟଡି ସେଣ୍ଟର ଫଳାଫଳ ଘୋଷଣା ଓ ବିଦାୟକାଳୀନ ସମାରୋହ (ଚିରସ୍ମୃତି - ୨୦୨୬) ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଷ୍ଟଶମ୍ଭୁ ମହାବିଦ୍ୟାଳୟର ଅଧାପିକା ଭଗବତୀ ରାଉତ, ସମ୍ମାନୀତ ଅତିଥି ଭାବେ ରାଜନଗର କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସମ୍ବିତ୍ ରଞ୍ଜନ ସ୍ୱାଇଁ ବାର୍ଷିକ ଶିକ୍ଷା ବିବରଣୀ ପାଠ କରିଥିଲେ ଓ ଶିକ୍ଷାବର୍ଷର ବିଭିନ୍ନ ଶିକ୍ଷାଗତ ସଫଳତା, ପରୀକ୍ଷା ଫଳାଫଳ, ସହପାଠ୍ୟ କାର୍ଯ୍ୟକଳାପ ଓ ସଂସ୍କାର ଉନ୍ନତିମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ ଯେ, ଶିକ୍ଷାର ଲକ୍ଷ୍ୟ କେବଳ ଭଲ ମାର୍କ ରଖିବା ନୁହେଁ, ବରଂ ଜୀବନରେ ଜଣେ ଉତ୍ତମ, ସଚେତନ ଏବଂ ଦାୟିତ୍ୱଶୀଳ ମଣିଷ ହେବା ଆବଶ୍ୟକ।

# ଆର୍‌ଡି ରାସ୍ତା ନିମ୍ନମାନର ଅଭିଯୋଗ

**ଛୋଟିରୁ ତ୍ରିପୁରାରୀପୁର ପର୍ଯ୍ୟନ୍ତ କାର୍ଯ୍ୟକୁ ନେଇ ପ୍ରଶ୍ନ**

**ଦୁଇ ମାସ ମଧରେ ରାସ୍ତା ଅବସ୍ଥା ଖରାପ**



**ଡେରାବିଶ,୧୨।୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ଠାରୁ ତ୍ରିପୁରାରୀ ପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓଡ଼ିଶା ସରକାର ପକ୍ଷରୁ ଆର୍ ଡି ରାସ୍ତା ନିମ୍ନ ମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏହି ରାସ୍ତା ପାଇଁ ପୁରୁଣା ପିଚୁକୁ ଖୋଳା ଯାଇ ନୂତନ ଭାବେ ପୁଣି ଗୋଡ଼ି ପକାଇ ରୋଲିଂ କରାଯାଇଥିଲା। ଅଧିକାଂଶ ରାସ୍ତା ପିଚୁ ହୋଇଥିବା ବେଳେ କିଛି ସ୍ଥାନରେ ଢ଼ଳାଇ ହେବାର ବ୍ୟବସ୍ଥା କରାଯାଇଥିଲା। ଗୋଡ଼ି ପଡ଼ିଲା ପରେ ୨୩ ଅକ୍ଟୋବର ମାସରେ ଜିଲ୍ଲାର ଆର୍ ଡି ବିଭାଗର ଅଧିକାରୀ ମାନେ ଆସି ତଦନ୍ତ କରିଥିଲା ପରେ ପିଚୁ କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ବାବଦରେ ପ୍ରାୟ ୩ କୋଟି ୩୨ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ କାମ କରିବା ପାଇଁ ଜଣେ ଠିକାଦାର ଜଣଙ୍କୁ ଦିଆଯାଇଛି । ଏହି ପିଚୁ କାମକୁ ଦୁଇ ମାସ ହୋଇ ନଥିବା ବେଳେ ପିଚୁରୁ ଗୋଡ଼ି ଉଠି ରାସ୍ତାର ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳୁଛି।

ଏହି କାମରେ ଆରଡି ବିଭାଗର ଜିଲ୍ଲା ଅଧିକାରୀ ଓ ଠିକାଦାର ମାନଙ୍କ ମଧୁ ଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରି ସରକାରଙ୍କ କୋଟିକୋଟି ଟଙ୍କାକୁ ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏହି ପ୍ରୋଜେକ୍ଟ ରେ ଅନ୍ୟତ୍ର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମ ନଣ୍ଡା ପଡ଼ିଆ ରାସ୍ତା କାମ ଚାଲୁଥିବା ଦେଖିବାକୁ ମିଳୁଛି । ଏହାର ତଦନ୍ତ କରାଯାଇ ନିମ୍ନ ମାନର କାର୍ଯ୍ୟ କରିଥିବା ଠିକାଦାର ଓ ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲକାଟି କପ-୨୦୨୬ ଉଦ୍‌ଯାପିତ

# ଆଳି ଟାଉନକୁ ହରାଇ ଖରାଖାଇ ଚାମ୍ପିଅନ




**ଆଳି,୧୨।୨(ସଂଚାର ବ୍ୟୁରୋ):** ଆଳି ବାଲକାଟି ଖେଳ ପଡ଼ିଆରେ ବାଲକାଟି ଯୁବ କ୍ରିକେଟ କ୍ଲବର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ବାଲକାଟି କପ-୨୦୨୬ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଳି ଟାଉନକୁ ହରାଇ ଖରାଖାଇ ଚମ୍ପିୟାନ ହୋଇଛି । ଉଦଯାପନୀ ଦିବସରେ ଆଳି ଟାଉନ ଓ ଖରାଖାଇ କ୍ରିକେଟ ଟିମ ମଧରେ ଖେଳ ଅନୁଷ୍ଠିତ ହୋଇଥିଲା ।ଆଳି ଟାଉନ ଟିମ ପ୍ରଥମେ ବ୍ୟାଟିଙ୍ଗ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୪୫ ରନ କରିଥିବା ବେଳେ ଖରାଖାଇ କ୍ରିକେଟ ଟିମ ୧୧ ଓଭରରେ ୩ ଉଇକେଟ ହରାଇ ୧୪୬ ରନ କରି ବିଜୟ ଲାଭ କରିଥିଲା । ଏହି ଅବସରରେ ବାଲକାଟି ସମିତି ସଭ୍ୟ ବିପିନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ସାମଲ, ବାଲକାଟି ସରପଞ୍ଚ ସୁକାନ୍ତି ପରିଡା, ଯୁବ ସମାଜସେବୀ ହେମନ୍ତ ବେହେରା, ବାଲକାଟି ଯୁବ କ୍ରିକେଟ କ୍ଲବ ସଭାପତି ହରିଶ ମଳିକ ଯୋଗଦେଇଚାମ୍ପିୟନ ଟିମ ଖରାଖାଇ ଟିମକୁ ଚମ୍ପିୟାନ ଟ୍ରଫି ଓ ଆଳି ଟାଉନ ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ମହମ୍ମଦ ଇସ୍ତେକାର ଓ ମ୍ୟାନ ଅଫ ଦି ସିରିଜ ଚନ୍ଦନ ସାହୁଙ୍କୁ ପୁରସ୍କୃତ କରିଥିଲେ ।

## ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି

# ଅଟକିଥିବା ୩୧ ବୃହତ ପ୍ରକଳ୍ପ ପାଇଁ ମିଳିଲା ଜମି



**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡକୋ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି।
ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି।

ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ବୈଠକରେ ଏମଏସଏମଇ ବିଭାଗର କମିଶନର ତଥା ଇଡକୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍ୱଚ୍ଛତା, ସମୟବଦ୍ଧ ନିଷ୍ପତ୍ତି ଏବଂ ସକ୍ରିୟ ସହଯୋଗ ଉପରେ କମିଟି ନିଜର ପ୍ରତିବଦ୍ଧତା ଦୋହରାଇଛି, ଯାହା ଓଡ଼ିଶାର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜବୁତ କରିବ ବୋଲି କହୁଯାଇଛି।

### ଶ୍ରମିକ ସଂଗଠନର ଦାବି ଧର୍ମଘଟ ସଫଳ

## ରାଜ୍ୟବାସୀଙ୍କୁ ଫରୱାର୍ଡ ବ୍ଲକ୍‌ର କୃତଜ୍ଞତା




**ଭୁବନେଶ୍ୱର,୧୨।୨ (ସଂଚାର ବ୍ୟୁରୋ):** ଦଶଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନମାନଙ୍କର ପକ୍ଷରୁ ଡାକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ରାଜଧାନୀରେ ଯଥେଷ୍ଟ ଅନୁଭୂତ ହୋଇଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ୟୁଟିୟୁସିୟୁ, ଏଲପିଏଫ, ସେବା ଓ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସ୍ୱାଧୀନ ସଂଗଠନ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କର ୪ଟି ଲେବର କୋଡ୍ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବି ନେଇ ସର୍ବଭାରତୀୟ ଧର୍ମଘଟରେ ହଜାର ହଜାର ଶ୍ରମିକ ରେଳ ଷ୍ଟେସନ, ବସଷ୍ଟାଣ୍ଡ, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ଜାତୀୟ ରାଜପଥ ଓ ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଓ ରାସ୍ତାରେ ହରତାଳ କରାଯାଇଥିଲା। ଖୋର୍ଦ୍ଧା ଶିଳ୍ପାଞ୍ଚଳ, ରାଉରକେଲା, ପାରାଦ୍ୱୀପ, ରାୟଗଡ଼ା, ଅନୁଗୁଳ, ସମ୍ବଲପୁର ସମେତ ୩୦ଟି ଜିଲ୍ଲାରେ ପ୍ରାୟ ୧ କୋଟିରୁ ଅଧିକ ଶ୍ରମଜୀବୀ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ମଧ୍ୟାହ୍ନ ୧୨ଟା ସମୟରେ ଏକ ବିରାଟ ପଦଯାତ୍ରା ମାଷ୍ଟର କ୍ୟାଣ୍ଟିନ୍‌ରୁ ବାହାରି ରାଜମହଲ ଛକ ଦେଇ ଗାନ୍ଧୀ ମାର୍ଗରେ ପହଞ୍ଚିଥିଲା। ସେଠାରେ ପୁଲିସ ଶ୍ରମିକ ନେତା ଓ କର୍ମୀଙ୍କୁ ଗିରଫ ଆନ୍ଦୋଳନକାରୀଙ୍କ ମନୋବଳ ଭାଙ୍ଗିବାକୁ ଉଦ୍ୟମ କରିଥିଲା। କିଶୋର ଜେନା, ମହେନ୍ଦ୍ର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ବିଏନ୍ ମହାପାତ୍ର, ସୁର ଜେନା ପ୍ରମୁଖ ଶ୍ରମିକ ନେତା ଗିରଫ ହୋଇଥିବା ବେଳେ ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ନିନ୍ଦା କରିଛନ୍ତି। ଏହି ବନ୍ଦ ଫରୱାର୍ଡ ବ୍ଲକ ରାଜ୍ୟ କମିଟି ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛି।

## ରମଜାନ ପାଇଁ ମେୟରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



**କଟକ,୧୨।୨(ସଂଚାର ବ୍ୟୁରୋ):** କଟକରେ ରମଜାନ ମାସ ପାଇଁ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସହରର ଭିନ୍ନ ଭିନ୍ନ ଅଞ୍ଚଳରୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ବୈଠକରେ ଯୋଗ ଦେଇଥିଲେ। ମୁସଲିମ ସମ୍ପ୍ରଦାୟ ବସବାସ କରୁଥିବା ଅଞ୍ଚଳ, ମସଜିଦ ଆଖପାଖ ଅଞ୍ଚଳର ରାସ୍ତାଘାଟ ମରାମତି, ପରିମଳ, ନାଳ ନର୍ଦ୍ଦମାର ସଫେଇ, ସ୍ୱଚ୍ଛତା, ଆଲୋକିକରଣ, ୨୪ ଘଣ୍ଟିଆ ପାନୀୟ ଯୋଗାଣ ପାଇଁ ଅନୁରୋଧ କରିଥିଲେ। ମେୟର ଏସବୁ ସମସ୍ୟାର ଯୁଦ୍ଧକାଳିନ ଭିତ୍ତିରେ ସମାଧାନ ପାଇଁ ଦାଇତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମେୟରଙ୍କ ସହ ଡେପୁଟି ମେୟର, ସିଏମସି କମିଶନର, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, କର୍ପୋରେଟର, ମୁସଲିମ ସମ୍ପ୍ରଦାୟର ମୁରବିମାନେ ଉପସ୍ଥିତ ଥିଲେ।

## ଏସସିବି ଅଘଟଣ ନେଇ କଂଗ୍ରେସର ଦାବିପତ୍ର



**କଟକ,୧୨।୨(ସଂଚାର ବ୍ୟୁରୋ):** ଏସସିବି ମେଡିକାଲ ଆଇସିୟୁରେ ରୋଗୀ ତଳେ ପଡ଼ିଯିବା ଘଟଣାକୁ ନିନ୍ଦା କରିଛି କଂଗ୍ରେସ। ଏ ନେଇ ଆଜି ମେଡିକାଲ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। କଂଗ୍ରେସ ଅଭିଯୋଗ କରିଛି ଯେ, ଏସସିବି ମେଡିକାଲକୁ ଏମ୍ସ ପ୍ଲସ କରିବା ପାଇଁ ସରକାର ଡିଣ୍ଡିମ ପିଟୁଥିବା ବେଳେ ଆଇସିୟୁରେ ରୋଗୀମାନେ ତଳେ ପଡ଼ିଯାଉଛନ୍ତି। ବଡବଡିଆମାନେ ମେଡିକାଲରେ ସବୁ ପ୍ରକାର ସୁବିଧା ପାଉଥିବା ବେଳେ ଜଣେ ସାଧାରଣ ରୋଗୀଟିଏ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଛି। ଏବେତବ ଘଟଣାକୁ ଯେତେ ଚପାଇବାକୁ ଉଦ୍ୟମ କରାଗଲେ ମଧ ତାହା ପଦାରେ ପଡ଼ିଯାଉଛି ବୋଲି କଂଗ୍ରେସ କହିଛି। ଏ ଘଟଣା ପୁନର୍ବାର ନ ଘଟେ ସେଥିପାଇଁ ଆଇସିୟୁ ଭିତରେ ସିସିଟିଭି ଲଗାଇବା ସହ ସାର୍ବଜନୀନ କରିବାକୁ ଦାବି କରିଛନ୍ତି ଦଳର ବରିଷ୍ଠ ନେତା ସୁରେଶ ମହାପାତ୍ର।

## ନୂତନ ଶ୍ରମ ସଂହିତାକୁ ବିରୋଧ ଶ୍ରମିକ ସ୍ୱାର୍ଥବିରୋଧୀ



**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଆଣିଥିବା ୪ଟିଯାକ ନୂତନ ଶ୍ରମ ଆଇନ ଶ୍ରମିକମାନଙ୍କର ହିତ ପାଇଁ ଉଦ୍ଦିଷ୍ଟ। ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ନ୍ୟୂନତମ ଦରମାକୁ ନିଶ୍ଚିନ୍ତ କରିବା, କାର୍ଯ୍ୟ ସ୍ଥଳରେ ଶ୍ରମିକଙ୍କ ସୁରକ୍ଷାକୁ ନିଶ୍ଚିତ କରିବା, ମହିଳାମାନଙ୍କ ପାଇଁ ଆଗରୁ ଥିବା ତାରତମ୍ୟ ହଟାଇ ସେମାନଙ୍କୁ ସମାନ କାମର ସୁଯୋଗ ଦେବା ଓ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଯଥା ଭବିଷ୍ୟନିଧି ପାଣ୍ଠି, ସ୍ୱାସ୍ଥ୍ୟ ସୁରକ୍ଷା ଓ ପଞ୍ଜିକରଣକୁ ବାଧ୍ୟତାମୂଳକ କରିବା ଭଳି ଶ୍ରମିକଙ୍କ ହିତରେ ଅନେକ ଐତିହାସିକ ନିଷ୍ପତ୍ତି ନୂତନ ଲେବର କୋଡ୍‌ରେ ସ୍ଥାନ ପାଇଛି। ବ୍ରିଟିଶ ଅମଳରୁ ଚାଲି ଆସିଥିବା ଶ୍ରମିକ ଆଇନକୁ ହଟାଇ ଦିଆଯାଇ ୨୯ଟି ଜଟିଳ ଆଇନ ବଦଳରେ ଏବେ ୪ଟି ସରଳ ଆଇନ ଅଣାଯାଇଛି। ସାରା ଦେଶରେ ଶ୍ରମିକ ଓ ଶ୍ରମିକ ସଂଗଠନମାନେ ଏହାକୁ ସ୍ୱାଗତ କରୁଥିବା ବେଳେ କିଛି ହାତଗଣତି ତଥାକଥିତ ଆନ୍ଦୋଳନଜୀବୀ ଶ୍ରମିକ ସଂଗଠନ ଏହାକୁ ବିରୋଧ କରୁଛନ୍ତି। ଯେଉଁମାନେ ଶ୍ରମିକଙ୍କ ନାଁରେ ରାଜନୀତି କରୁଥିଲେ, ସେମାନେ ଏହାକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇଛନ୍ତି। ସେମାନଙ୍କୁ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସମର୍ଥନ ଦେବା ଦୁର୍ଭାଗ୍ୟଜନକ। ଓଡ଼ିଶାରେ ଏହି ଭାରତ ବନ୍ଦକୁ ଲୋକେ ପ୍ରତ୍ୟାଖାନ କରିଛନ୍ତି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି ଯେ ନୂତନ ଶ୍ରମ ସଂହିତା କେବଳ ଏକ ନୀତିରେ ପରିବର୍ତ୍ତନ ନୁହେଁ, ବରଂ ଶ୍ରମିକଙ୍କ ସାମାଜିକ ନ୍ୟାୟ, ଶ୍ରମିକଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଏକ ଦୃଢ଼ ସଂକଳ୍ପ। ସେହିଭଳି ଅନ୍‌ଲାଇନ ଆପରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ପୁରୁଣା ଆଇନ୍‌ରେ କୌଣସି ବ୍ୟବସ୍ଥା ନ ଥିଲା। ପୁରୁଣା ଆଇନରେ ମହିଳାଙ୍କ ପାଇଁ ଅନେକ ପ୍ରତିବନ୍ଧକ ଥିଲା, ଯାହାକୁ ନୂତନ ଆଇନରେ ହଟାଇ ଦିଆଯାଇଛି। ଏଭଳି ଉପଯୁକ୍ତ ସଂସ୍କାରକୁ ବିଜେଡି ଓ କଂଗ୍ରେସ ବିରୋଧ କରିବା ନିନ୍ଦାଜନକ ବୋଲି ସେ କହିଛନ୍ତି।

## ମହିଳାଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ଘଟଣାରେ ଯୁବକ ଗିରଫ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** କିଛି ଦିନ ତଳେ ବଡି ଭୋରରୁ ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ସୁନା କାନ ଫୁଲ ଚୋରି କରିବା ଘଟଣାରେ ଲୁଟେରା ଗିରଫହୋଇଛି। ସିସିଟିଭି ଫୁଟେଜ୍ ଆଧାରରେ ଲୁଟେରା ବ୍ୟବହାର କରୁଥିବା ସ୍କୁଟି ନମ୍ବରକୁ ଯାଞ୍ଚ କରି ଲୁଟେରା ଅଶୋକ କୁମାର ବେହେରା ନାମକ ଜଣେ ଯୁବକକୁ ପୁଲିସ୍ ଗିରଫ କରିଛି। ଲୁଟେରା ନକଲି ବନ୍ଧୁକ ଦେଖାଇ ମହିଳା ଜଣଙ୍କୁ ଧମକାଇ ସୁନା କାନ ଫୁଲ ଓ ଚୁଡ଼ି ନେଇଯାଇଥିଲା। ସୂଚନା ଅନୁଯାୟୀ ଦୁର୍ବୃତ୍ତ ମହିଳାଙ୍କୁ ପୂର୍ବରୁ ଜାଣିଥିଲା, ଅନେକ ଧାର କରଜରେ ବୁଡିଥିଲା ଦୁର୍ବୃର୍ତ୍ତ। ସେଥିପାଇଁ ମହିଳାଙ୍କୁ ସେ ଟାର୍ଗେଟ କରିଥିଲା। ମହିଳା ଜଣଙ୍କ ବଡ଼ି ଭୋରୁ ଫୁଲ ତୋଳିବାକୁ ଯାଆନ୍ତି। ସେଥିପାଇଁ ସେହି ସମୟରେ ମୁହଁରେ କପଡ଼ା ବାନ୍ଧି ନକଲି ବନ୍ଧୁକ ଧରି ଅଶୋକ ଲୁଟ୍ କରିଥିଲା।

## ବାଇକକୁ ପିଟିଲା କାର୍: ଜଣେ ମୃତ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ବଡ଼ି ଭୋରୁ ରାଜଧାନୀରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଓ ରାମ ମନ୍ଦିର ଛକରେ ବାଇକକୁ ପିଟିଲା କାର ଓ ଦୁର୍ଘଟଣାରେ ପ୍ରାଣ ହରାଇଲେ ବାଇକ ଚାଳକ ରିତେଶ କୁମାର ଖଟୁଆ ଓ ପ୍ରାଣ ହରାଇଥିବା ବାଇକ ଚାଳକ ଜଣଙ୍କ ଘର ସମ୍ବଲପୁର ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି ଓ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି ପୁଲିସ ଓ ଦୁର୍ଘଟଣା ଘଟାଇ ଥିବା କାରକୁ ଜବତ୍ କରିବା ସହିତ କାର ଚାଳକକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ

## ବନ୍ଧୁକ ମୂନରେ ସୁନା ଲୁଟ୍ ଘଟଣା, ଜଣେ ଗିରଫ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ନୟାପଲ୍ଲୀ ଗଡ଼ ସାହିରେ ଜଣେ ବରିଷ୍ଠ ନାଗରିକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଲୁଟ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ନିକଟରୁ ଏକ ଖେଳନା ବନ୍ଧୁକ ଜବତ ହୋଇଛି। ଭୋର ସମୟରେ ନୟାପଲ୍ଲୀ ଗଡ଼ ସାହିରେ ଲୁଟ କରି ଫେରାର ହୋଇଯାଇଥିଲା ଲୁଟେରା। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ।

## ଚୋରି ଉଦ୍ୟମ ବେଳେ ଧରାପଡ଼ିଲା ଲୁଟେରା


**ଭଦ୍ରକ,୧୨।୨(ସଂଚାର ବ୍ୟୁରୋ):** ଜିଲ୍ଲାର ଆଗରପଡ଼ା ଥାନା ଅଧିନ ଆଡିଆଠାରେ ଅପେରା ଚାଲିଥିବା ବେଳେ ଏହାର ସୁଯୋଗ ନେଇ ଚୋରି ଉଦ୍ୟମ ହୋଇଥିବା ବେଳେ ଏଥିରେ ଜଣେ ଲୁଟେରା ଗିରଫ ହୋଇଛି। ନିରଞ୍ଜନ ମଲ୍ଲିକଙ୍କ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ବିଳମ୍ବିତ ରାତିରେ ପୁଅ ଆଶୁତୋଷ ଘର ଆଡ଼େ ବୁଲି ଆସିଥିଲେ। ତେବେ ସେତେବେଳେ ୩ ଜଣ ଲୁଟେରା ଦୌଡ଼ି ପଳାଇଯିବା ସମୟରେ ଆଶୁତୋଷ ସେମାନଙ୍କ ମଧ୍ୟରୁ ଜଣକୁ ଗ୍ରାମବାସୀଙ୍କ ସହଯୋଗରେ କାବୁ କରିଥିଲେ। କିନ୍ତୁ ଲୁଟେରାଙ୍କ ଆକ୍ରମଣରେ ଆଶୁତୋଷ ଆହତ ହୋଇଥିଲେ। ଉକ୍ତ ଲୁଟେରାର ଘର ଭଣ୍ଡାରିପୋଖରୀ ଥାନା ଅଧିନ କଣ୍ଟିମଣିବାଜ ଗ୍ରାମରେ ଓ ତା'ର ନାମ ସୀତାଶୁଂ ବେହେରା ଓରଫ ଲିଟୁ ବୋଲି ଜଣାପଡ଼ିଛି। ଲୁଟେରାମାନେ ଘରର ପଛ ପଟେ ପଶି ଗଡରେଜ୍ ଭାଙ୍ଗି ସେଥିରୁ କାନଫୁଲ ଓ ରୁପା ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କା ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ଏଥିସହ ପୁଲିସ୍ ବନ୍ତ ଥାନାର ସାହାଡାଗଡ଼ିଆର ପ୍ରଫୁଲ୍ଲ ଜେନା, ନିରଞ୍ଜନ ଜେନା ଓ ଦେବାଶିଷ ରାଉତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## କେରଳ ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି



**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଗଣମାଧ୍ୟମ ପରିଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳ କେରଳ ରାଜ୍ୟପାଳଙ୍କ ସହ ପ୍ରଶାସନ, ସହଯୋଗୀ ସଂଘୀୟ ବ୍ୟବସ୍ଥା ଏବଂ ରାଜ୍ୟରେ ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ଓ ନୀତିଗତ ହସ୍ତକ୍ଷେପର ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ରାଜ୍ୟପାଳ କହିଥିଲେ, ସାମାଜିକ କ୍ଷେତ୍ର, ବିଶେଷକରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ କେରଳ ଅନେକ ସଫଳତା ହାସଲ କରିଛି। ରାଜ୍ୟ ମାନବ ବିକାଶ ସୂଚକାଙ୍କରେ ନିରନ୍ତର ଭଲ ପ୍ରଦର୍ଶନ କରିଛି। ସେ କେରଳର ସୁଦୃଢ଼ ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ରାଜ୍ୟର ୧୦୦ ପ୍ରତିଶତ ସାକ୍ଷରତା ହାସଲ ବିଷୟରେ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କେରଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଉଚ୍ଚ ସ୍ୱଚ୍ଛତା ମାନଦଣ୍ଡ ବିଷୟରେ ମଧ କହିଥିଲେ। ଏଗୁଡ଼ିକୁ ସେ ରାଜ୍ୟ ପରିଚୟର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରିଥିଲେ। ପ୍ରତିନିଧି ଦଳ ଭିଝିଞ୍ଜମ ଅନ୍ତର୍ଜାତୀୟ ସାମୁଦ୍ରିକ ବନ୍ଦର ମଧ ପରିଦର୍ଶନ କରି ସେଠାରେ ବନ୍ଦରର ଭିତ୍ତିଭୂମି, ପରିଚାଳନା ଗତ କାର୍ଯ୍ୟଦକ୍ଷତା ଓ ରଣନୀତିକ ଗୁରୁତ୍ୱ ନେଇ ଅବଗତ ହୋଇଥିଲେ। ଭିଝିଞ୍ଜମ ଅନ୍ତର୍ଜାତୀୟ ବନ୍ଦର ବାଣିଜ୍ୟିକ କାର୍ଯ୍ୟର ଗୋଟିଏ ବର୍ଷ ପୂରଣ କରିଛି ଓ ଭାରତର ସବୁଠାରୁ ଉନ୍ନତ ଗଭୀର ଜଳ ବନ୍ଦର ମଧ୍ୟରୁ ଅନ୍ୟତମ। ୧୮ରୁ ୨୦ ମିଟର ପ୍ରାକୃତିକ ସାମୁଦ୍ରିକ ଗଭୀରତା ଓ ପ୍ରମୁଖ ପୂର୍ବ-ପଶ୍ଚିମ ଅନ୍ତର୍ଜାତୀୟ ଜାହାଜ ମାର୍ଗ ସହ ସଂଯୋଗ ହୋଇଥିବା ଏହି ବନ୍ଦର ସର୍ବନିମ୍ନ ଡ୍ରେଜିଂ ସହ ଅଲ୍ଟ୍ରା ଲାର୍ଜ କଣ୍ଟେନର ଜାହାଜ (ୟୁଏଲସିଭି) ପରିଚାଳନା କରିବାକୁ ସକ୍ଷମ। ଏହି ଗସ୍ତ ସମୟରେ ପିଆଇବି ତିରୁଅନନ୍ତପୁରମର ଅତିରିକ୍ତ ମହାନିର୍ଦ୍ଦେଶକ ଭି. ପଲାନିସାମିଙ୍କୁ ମଧ ସାକ୍ଷାତ କରିଥିଲେ।

## ଭାଲେଣ୍ଟାଇନ୍ ଡେ' ପୂର୍ବରୁ ଝୁଲିପଡ଼ିଲେ ପ୍ରେମୀଯୁଗଳ



**ପଟ୍ଟାଙ୍ଗି, ୧୨।୨ (ସଂଚାର ବ୍ୟୁରୋ) :** ଭାଲେଣ୍ଟାଇନ୍ ସପ୍ତାହ ଚାଲିଥିବା ବେଳେ ପ୍ରେମର ଏକ କରୁଣ ପରିଣତି ଦେଖିବାକୁ ମିଳିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ପଞ୍ଚାୟତରେ ଏକ ପ୍ରେମୀଯୁଗଳ ଗୋଟିଏ ଗଛର ଗୋଟିଏ ଡାଳରେ ଆତ୍ମହତ୍ୟା କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୁଙ୍କି ଥାନା ଅନ୍ତର୍ଗତ ଉକ୍ତ ପଞ୍ଚାୟତର ମାଟାମ୍ ଜିଲ୍ଲା ଗୁଣ୍ଡା ଗ୍ରାମର ଆରୁଜୁ ସିନ୍ଧେରିଙ୍କ ପୁଅ ରବି ସିନ୍ଧେରି ଏବଂ ବଡାଗୁଡା ଗ୍ରାମର ବିରୁସୁ ସୋଡା ପେଲିଙ୍କ ନାବାଳିକା ଝିଅ ମେରି ସୋଡା ପେଲି ଦୁହିଁଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଗୁରୁବାର ସକାଳୁ ଝିଅର ଗ୍ରାମରେ ରହିଥିବା ପ୍ରାଥମିକ ବିଦ୍ୟାଳୟ ପଛ ପଟେ ଏକ ତେନ୍ତୁଳି ଗଛରେ ଓହଳି ଥିବା ଦେଖି ଗ୍ରାମବାସୀ ପ୍ରଥମେ ଭୟଭୀତ ହୋଇ ପଡି ଝିଅର ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ପୁଅ ଘରକୁ ମଧ ଖବର ଦେଇଥିଲେ। ଉଭୟ ପୁଅ ଝିଅ ପରିବାର ଘଟଣା ସ୍ଥଳେ ପହଞ୍ଚି ଦେଖିବାକୁ ପାଇଥିଲେ ଗୋଟିଏ ଗଛର ଗୋଟିଏ ଡାଳରେ ଦୁହେଁ ଓହଳି ପଡିଛନ୍ତି।

ସୂଚନା ଅନୁଯାୟୀ, ରବି ଓ ମେରିଙ୍କ ମଧ୍ୟରେ କିଛି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବାକୁ ଚାହୁଁଥିଲେ ମଧ ପରିବାର ଏଥିରେ ରାଜି ହୋଇନଥିଲେ। ଏଥିସହ ରବି ପୂର୍ବରୁ ବିବାହିତ ଥିଲେ ଏବଂ ତାଙ୍କର ଏକ ସନ୍ତାନ ମଧ ରହିଛି। ପରିବାରର ବିରୋଧ ଏବଂ ପ୍ରେମରେ ବିଫଳତାକୁ ସହ୍ୟ ନକରି ପାରି ଉଭୟ ଏହି ଚରମ ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

### ଧାନ ମଣ୍ଡିରେ ଚାଷୀଙ୍କ ସମସ୍ୟା ପ୍ରସଙ୍ଗ

## ମୁହାଁମୁହିଁ ହେଲେ ଅରୁଣ ଓ ପ୍ରଦୀପ ବଳସାମନ୍ତ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ଧାନ ମଣ୍ଡିରେ ସମସ୍ୟା ଏବଂ ମିଲର୍ସଙ୍କ ଯୋଗୁ ଚାଷୀ ଭୋଗୁଥିବା ସମସ୍ୟାକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଗୁରୁବାର ଅରୁଣ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ସରକାରଙ୍କୁ ଏପ୍ରସଙ୍ଗରେ ଘେରିଛନ୍ତି। ଯାହାର ପାଲଟା ଜବାବ ବି ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ।

ଅରୁଣ ଅଭିଯୋଗ କରିଛନ୍ତି ଯେ, ମିଲର୍ସ ଆଉ ସରକାର ମଧ୍ୟରେ ମଧୁଚନ୍ଦ୍ରିକା ରହିଛି। ଏମାନେ ସମସ୍ତେ ସମ୍ପୂର୍ଣ୍ଣ ଲୁଟି ସାରିଲେଣି । ଧାନ ଉଠିପାରୁନି, ସବୁଠି ଅସନ୍ତୋଷ। ସରକାର ବିରୋଧୀ ଦଳ ଟ୍ରମାରୁ ବାହାରି ପାରୁନାହାଁନ୍ତି। ଷ୍ଟୋରେଜ ସମସ୍ୟା କାହିଁକି ଏ ସରକାରରେ ଦେଖାଦେଉଛି ? ପୂର୍ବ ସରକାରରେ ତ ଷ୍ଟୋରେଜ ସମସ୍ୟା ନଥିଲା ? ଚାଷୀ ଓ ଚାଷ ପାଇଁ ସରକାର ମନୋବୃତ୍ତି ନାହିଁ । 'ଚା'ରେ ପଡ଼ିବ କେତେ ଚିନି, ଚାଲ ଯିବା ଦିଲ୍ଲୀ, ଏହି ନ୍ୟାୟରେ ଚାଲିଛି ଡବଲ ଇଞ୍ଜିନ ସରକାର' ଏହି ନ୍ୟାୟରେ ସରକାର ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସେପଟେ ମନ୍ତ୍ରୀ କହିଛନ୍ତି ମିଲର୍ସଙ୍କ ପାଖରେ ଷ୍ଟୋରେଜ କ୍ଷମତା ଯେତିକି ଥିଲା ସେତିକି ଧାନ ରହିଯାଇଛି । ଯେତେ ଯେତେ ଖାଲି ହେଉଛି ସେତିକି ସେତିକି ଧାନ ଉଠୁଛି । ସବୁ ଚାଷୀଙ୍କ ଧାନ ଉଠିବ। ସମୟ ଅବଧି ସରିଲେ ବି ତାକୁ ବୃଦ୍ଧି କରାଯିବ। ଏବର୍ଷ ପ୍ରବଳ ଧାନ ହୋଇଛି । ପ୍ରତି ପଞ୍ଚାୟତରେ ମଣ୍ଡି ତିଆରି ହୋଇ ଷ୍ଟୋର କରାଯିବ। ସରକାର ନିଷ୍ପତ୍ତି ନେଇଛନ୍ତି । ବିଧାନସଭାରେ ବିରୋଧୀ ପ୍ରସଙ୍ଗ କଲେ ସେଥିପାଇଁ ଉତ୍ତର ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

### ଆଦର୍ଶ ବିଦ୍ୟାଳୟରେ ବୋର୍ଡ ପରୀକ୍ଷା ନେଇ ସମୀକ୍ଷା

## ସିବିଏସଇ ନିର୍ଦ୍ଦେଶାବଳୀ କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ଆଗାମୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଏକ ସମୀକ୍ଷା ତଥା ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଭାସୀରେ ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ବୈଠକରେ ଡା. ନାୟକ ସିବିଏସଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୂର୍ବ ବର୍ଷର ବାର୍ଷିକ ଫଳାଫଳର ସମୀକ୍ଷା କରିବା ସହ ଚଳିତ ବର୍ଷରେ ଫଳାଫଳ କିପରି ଉନ୍ନତ ହେବ, ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ସମସ୍ତ ଅଧ୍ୟକ୍ଷଙ୍କୁ ଉତ୍ତମ ପ୍ରଦର୍ଶନ ସୁନିଶ୍ଚିତ କରିବା ଓ ସମସ୍ତ ବିଦ୍ୟାଳୟରେ ଶୈକ୍ଷିକ ଉତ୍କର୍ଷତା ବଜାୟ ରଖିବାକୁ ପଦକ୍ଷେପ ନେବା ସକାଶେ ମଧ ନିର୍ଦ୍ଦେଶ ଦେଇଛନ୍ତି। ସିବିଏସଇ ବୋର୍ଡ ପରୀକ୍ଷା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷାଗୁଡ଼ିକୁ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପରିଚାଳନା କରାଯିବ ବୋଲି ଡା. ତିରୁମାଲା କହିଛନ୍ତି।

# ଅନୁକମ୍ପାମୂଳକ ନିଯୁକ୍ତି; କୋର୍ଟଙ୍କ ରାୟ ଓ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଳମ୍ବିତ

**ଭୁବନେଶ୍ୱର,୧୨।୨:** ଅନୁକମ୍ପାମୂଳକ ନିଯୁକ୍ତି ସୁଯୋଗରୁ ବଞ୍ଚିତ କଟକ ଜିଲ୍ଲାର ଜଣେ ପ୍ରାର୍ଥୀ ବିଭିନ୍ନ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରି କରି ମଧ ତାଙ୍କ ଅଭିଯୋଗର ସମାଧାନ ନହେବାରୁ ସେ ଆତ୍ମହତ୍ୟା କରିବା ଘଟଣା ପ୍ରଚାରିତ ହେବା ପରେ ଏବେ ଶାସନକଳର ନିଦ ଭାଙ୍ଗିଛି। କେଉଁ ବିଭାଗର କେଉଁ କେଉଁ ଦପ୍ତରରେ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତୀୟ କେତେ ସଂଖ୍ୟକ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶ ଓ ଚାକିରି ପ୍ରତ୍ୟାଶୀଙ୍କ ଆବେଦନ ପଡ଼ିରହିଛି ତାହାର ଏବେ ଖୋଳତାଡ଼ ଚାଲିଛି। ଯେଉଁ ଅଧିକାରୀଙ୍କ ବିଳମ୍ବ ଯୋଗୁଁ ଆଇନ୍ ଅଦାଲତଙ୍କ ରାୟ ସତ୍ତ୍ୱେ ନିଯୁକ୍ତି ଦିଆଯାଉ ନାହିଁ ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ସଚିବାଳୟରେ ଚର୍ଚ୍ଚା ଚାଲିଛି। ଏଠାରେ ଉଲ୍ଲେଖନୀୟ ଯେ ସରକାରୀ ଚାକିରିରେ ଥାଇ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରର ଆର୍ଥିକ ଦୁର୍ଗତିକୁ ବିଚାରକୁ ନେଇ ତାଙ୍କର ଜଣେ ଉତ୍ତରାଧିକାରୀଙ୍କୁ ଯୋଗ୍ୟତା ମୁତାବକ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପାହ୍ୟାରେ ନିଯୁକ୍ତି ଦେବା ଲାଗି ୧୯୯୦ ମସିହାରେ ରାଜ୍ୟ ସରକାର ଆଇନ୍ ପ୍ରଣୟନ କରିଥିଲେ। ଏହା ପୂର୍ବରୁ ଶ୍ରମ ଓ ନିଯୁକ୍ତି ବିଭାଗର ଏକ ନିର୍ଦ୍ଦେଶାବଳୀ ଆଧାରରେ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ମୂଳ ଆଇନ୍‌ରେ କେତେକ ସଂଶୋଧନ ମଧ ଅଣାଯାଇଥିଲା। ୨୦୨୦ ମସିହାରେ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ଏକ ନୂଆ ବ୍ୟବସ୍ଥା ପ୍ରଚଳନ କରିଥିଲେ।

ମୃତ କର୍ମଚାରୀଙ୍କ ପରିବାରକୁ ଆର୍‌ôଥକ ଦୁର୍ଗତିରୁ ତୁରନ୍ତ ମୁକ୍ତ କରିବା ଲାଗି ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ପ୍ରଣୟନ ହୋଇଛି। ଏହି ଆଇନ୍‌କୁ ମଧ ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥା, ସ୍ୱୟଂ ଶାସିତ ଅନୁଷ୍ଠାନ ଓ ସରକାରୀ ନିଗମ ଆଦି ଅନୁପାଳନ କରିଆସୁଛନ୍ତି। ତେବେ ଗତ ୨୫ବର୍ଷ ଧରି ଅନୁକମ୍ପାମୂଳକ ନିଯୁକ୍ତି ଦେବା କ୍ଷେତ୍ରରେ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇବା ସହିତ ଆବେଦନଗୁଡ଼ିକୁ ମଧ ଆଖିବୁଜା ଖାରଜ କରିଦିଆଗଲା। ଏ ପ୍ରସଂଗରେ ସ୍ୟାଟ୍, କ୍ୟାଟ୍, ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ବିଭିନ୍ନ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟମାନ ଦେଇ ଯେବେ ସମ୍ପୃକ୍ତ କର୍ମଚାରୀଙ୍କ ଦେହାନ୍ତ ହେଲା ସେ ସମୟ ସୁଦ୍ଧା ଯେଉଁ ଆଇନ୍ ବ୍ୟବସ୍ଥା ବଳବତ୍ତର ରହିଥିବ ତଦନୁଯାୟୀ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଂଗ ବିଚାର କରିବାକୁ ଆଇନ୍ ଅଦାଲତ ବାରମ୍ବାର ନିର୍ଦ୍ଦେଶ ଦେଇ ଆସୁଛନ୍ତି। ବିଶେଷକରି ମଳୟାନନ୍ଦ ସେଠୀ, ଅମୀୟ କୁମାର ଜେନା, ବିନ୍ଦୁ ସାଗର ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ପଙ୍କଜିନୀ ଦ୍ୱିବେଦୀ, ଅନୀଲ କୁମାର ପାଢ଼ୀ, ରାଜେନ୍ଦ୍ର କୁମାର ଜେନା ଆଦିଙ୍କ ମାମଲାରେ ଆଇନ୍ ଅଦାଲତ ଯେଉଁ ନୀତି ନିର୍ଦ୍ଧାରଣ କରିଛନ୍ତି ତାହାକୁ ନୀତିଗତ ଭାବେ ରାଜ୍ୟ ସରକାର ମାନିନେଇଛନ୍ତି। ଏଭଳି ସ୍ଥିତିରେ ଅନେକ ରାୟ ଆଧାରରେ ଅନୁକମ୍ପା ନିଯୁକ୍ତି ମଧ ଦିଆଯାଇଛି। ତେବେ ଆଉ କେତେକ ଅନୁରୂପ ଘଟଣାରେ ଅଦାଲତଙ୍କ ରାୟକୁ ଉପର ଫୋରମ୍‌ରେ ସରକାର ଚାଲେଞ୍ଜ କରି ଆସୁଛନ୍ତି। ଏହା କେବଳ ସମୟ ଗଡ଼ାଇବା ପାଇଁ ହେଉଥିବାରୁ ବହୁ କ୍ଷେତ୍ରରେ ଚାକିରି ପ୍ରତ୍ୟାଶୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ ମାଲମାଲ ଅଦାଲତ ଅବମାନନା ମାମଲା ରୁଜୁ କରୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଶୁକ୍ରବାର ୧୩ ଫେବୃଆରୀ ୨୦୨୬, ଭୁବନେଶ୍ୱର
Friday 13 February 2026, Bhubaneswar

# ଅଭିଶାପ ହୋଇପାରେ ସୋସିଆଲ ମିଡିଆ

ଆଧୁନିକ ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ପଡ଼ିଛି। ଫେସବୁକ, ଇନଷ୍ଟାଗ୍ରାମ, ୱାଟ୍ସଆପ, ଏକ୍ସ ଏବଂ ଟିକ୍ଟକ ଭଳି ପ୍ଲାଟଫର୍ମ ମାଧ୍ୟମରେ ଆମେ ସହଜରେ ପରସ୍ପର ସହିତ ଯୋଗାଯୋଗ ରଖୁଛୁ, ଖବର ଜାଣୁଛୁ ଏବଂ ବିଭିନ୍ନ ଜ୍ଞାନ ଆହରଣ କରୁଛୁ। କିନ୍ତୁ ଏହି ସୁବିଧାର ସହିତ ଆସୁଛି ଗମ୍ଭୀର ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ। ଅତ୍ୟଧିକ ବ୍ୟବହାର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ଏବେ ସମୟ ଆସିଛି ସୋସିଆଲ୍ ମିଡିଆର ଦୁଇ ପାର୍ଶ୍ୱ ବିଶ୍ଳେଷଣ କରିବା ଏବଂ ସମତୁଳିତ ବ୍ୟବହାରର ଆବଶ୍ୟକତା ଉପରେ ଆଲୋଚନା କରିବାର। ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ୍ ମିଡିଆର ପ୍ରଭାବ ସବୁଠୁ ଚିନ୍ତାଜନକ। ଏହି ପ୍ଲାଟଫର୍ମରେ ଲୋକମାନେ ନିଜର ସୁଖୀ ଏବଂ ସଫଳ ଜୀବନର ଚିତ୍ର ପ୍ରଦର୍ଶନ କରନ୍ତି, ଯାହା ଫଳରେ ଅନ୍ୟମାନଙ୍କ ସହିତ ତୁଳନା ହୁଏ। ଏହା 'ଫିଅର୍ ଅଫ୍ ମିସିଙ୍ଗ୍ ଆଉଟ୍' ସୃଷ୍ଟି କରେ ଏବଂ ହୀନମନ୍ୟତା, ଉଦବେଗ ତଥା ବିଷାଦ ବଢ଼ାଏ। ପ୍ୟୁ ରିସର୍ଚ୍ଚ ସେଣ୍ଟରର ୨୦୨୫ ଅଧ୍ୟୟନ ଅନୁସାରେ, ୪୮ ପ୍ରତିଶତ କିଶୋର କହିଛନ୍ତି ଯେ ସୋସିଆଲ ମିଡିଆ ସେମାନଙ୍କ ବୟସର ଲୋକଙ୍କ ଉପରେ ମୁଖ୍ୟତଃ ନକାରାତ୍ମକ ପ୍ରଭାବ ପକାଉଛି, ଯାହା ୨୦୨୨ ତୁଳନାରେ ବହୁତ ବଢ଼ିଛି। କିଶୋରୀମାନଙ୍କ ମଧ୍ୟରେ ୨୫ ପ୍ରତିଶତ କହିଛନ୍ତି ଯେ ଏହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି।

ଭାରତରେ ମଧ୍ୟ ପରିସ୍ଥିତି ସମାନ। ଏକ ଅଧ୍ୟୟନରେ ଦେଖାଯାଇଛି ଯେ ଅଧିକ ସ୍କ୍ରିନ ଟାଇମ ଥିବା କିଶୋର ଏବଂ ଯୁବକମାନଙ୍କ ମଧ୍ୟରେ ବିଷାଦର ପ୍ରବଳତା ୩୭.୯ ପ୍ରତିଶତ, ଉଦବେଗ ୩୩.୩ ପ୍ରତିଶତ ଏବଂ ଉଚ୍ଚ ଚାପ ୪୩.୭ ପ୍ରତିଶତ ରହିଛି। ସାଇବର ବୁଲିଙ୍ଗ ଏବଂ ଅନଲାଇନ ହାରାସମେଣ୍ଟ ଫଳରେ ଅନେକ ଯୁବକ ମାନସିକ ଚାପରେ ଭୁଗୁଛନ୍ତି ଏବଂ କେତେକ କ୍ଷେତ୍ରରେ ଆତ୍ମହତ୍ୟା ପର୍ଯ୍ୟନ୍ତ ଘଟଣା ଘଟିଛି। ଓଡ଼ିଶାର ଯୁବପିଢ଼ି ମଧ୍ୟ ଏହି ପ୍ରଭାବରୁ ମୁକ୍ତ ନୁହନ୍ତି। ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନେ ପଢ଼ା ଏବଂ ପରିବାର ସହିତ ସମୟ ବିତାଇବା ପରିବର୍ତ୍ତେ ସୋସିଆଲ ମିଡିଆରେ ଘଣ୍ଟା ଘଣ୍ଟା ବ୍ୟୟ କରୁଛନ୍ତି, ଯାହା ସେମାନଙ୍କ ମନୋଯୋଗ ଏବଂ ଭାବନାତ୍ମକ ସ୍ଥିରତାକୁ କ୍ଷତି ପହଞ୍ଚାଉଛି।



ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଏହି ପ୍ରଭାବରୁ ରକ୍ଷା ପାଇ ନାହିଁ। ଦୈନିକ ତିନି ଘଣ୍ଟାରୁ ଅଧିକ ସୋସିଆଲ ମିଡିଆ ବ୍ୟବହାର କରୁଥିବା ଲୋକମାନଙ୍କର ନିଦ୍ରା ଚକ୍ର ବିଘ୍ନିତ ହୁଏ। ସ୍କ୍ରିନରେ ବ୍ଲୁ ଲାଇଟ ମେଲାଟୋନିନ ହର୍ମୋନକୁ ପ୍ରଭାବିତ କରି ଅନିଦ୍ରା ସୃଷ୍ଟି କରେ। ଫଳରେ ଦିନରେ ଥକ୍କା ଲାଗେ ଏବଂ ଉତ୍ପାଦନଶୀଳତା କମିଯାଏ। ଅଧିକ ସମୟ ବସି ରହିବା ଫଳରେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଏ, ଯାହା ମୋଟାପଣ, ଡାଇବେଟିସ, ହୃଦ୍ରୋଗ ଏବଂ ଆଖିର ସମସ୍ୟା ସୃଷ୍ଟି କରେ। ଅଧ୍ୟୟନରେ ପ୍ରକାଶ ପାଇଛି ଯେ ଅତ୍ୟଧିକ ସୋସିଆଲ୍ ମିଡିଆ ବ୍ୟବହାର ଖରାପ ଖାଦ୍ୟ ଅଭ୍ୟାସ ଏବଂ ସେଡେଣ୍ଟାରୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ।

ତଥାପି, ସୋସିଆଲ୍ ମିଡିଆର ଇତିବାଚକ ପାର୍ଶ୍ୱ ମଧ୍ୟ ଉପେକ୍ଷା କରିହେବ ନାହିଁ। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ବହୁତ ବଢ଼ିଛି। ଯୋଗ, ଫିଟନେସ ଚ୍ୟାଲେଞ୍ଜ, ପୁଷ୍ଟିକର ଖାଦ୍ୟ ରେସିପି ଏବଂ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ଲୋକଙ୍କୁ ପ୍ରେରଣା ଦେଉଛି। କୋଭିଡ-୧୯ ମହାମାରୀ ସମୟରେ ସୋସିଆଲ ମିଡିଆ ସ୍ୱାସ୍ଥ୍ୟ ସୂଚନା ଦ୍ରୁତ ଗତିରେ ପ୍ରସାରଣ କରି ଲୋକଙ୍କୁ ସଚେତନ କରିଥିଲା। ଅନେକ ମାନସିକ ସ୍ୱାସ୍ଥ୍ୟ ସମର୍ଥନ ଗ୍ରୁପ ମାଧ୍ୟମରେ ଲୋକମାନେ ନିଜର ସମସ୍ୟା ସେୟାର କରି ସାହାଯ୍ୟ ପାଉଛନ୍ତି। ଭାରତରେ ମଧ୍ୟ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହି ପ୍ଲାଟଫର୍ମ ବ୍ୟବହାର କରି ଜନସାଧାରଣଙ୍କୁ ସୁସ୍ଥ ଜୀବନଶୈଳୀ ବିଷୟରେ ଶିଖାଉଛନ୍ତି।

ଓଡ଼ିଶାର ପ୍ରସଙ୍ଗରେ କହିବାକୁ ଗଲେ, ଯୁବକମାନେ ଅଧିକ ସମୟ ସୋସିଆଲ୍ ମିଡିଆରେ ବ୍ୟୟ କରୁଥିବାରୁ ସେମାନଙ୍କ ଅଧ୍ୟୟନ, ପରିବାର ସମ୍ପର୍କ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ପାରମ୍ପରିକ ମୂଲ୍ୟବୋଧ ଏବଂ ପରିବାର ବନ୍ଧନ ଦୁର୍ବଳ ହେବାର ଆଶଙ୍କା ରହିଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବ୍ୟକ୍ତିଗତ ଏବଂ ସାମୂହିକ ପ୍ରୟାସ ଆବଶ୍ୟକ।

ସୋସିଆଲ ମିଡିଆ ଏକ ଦ୍ୱିଧାରୀ ଖଣ୍ଡା ସଦୃଶ୍ୟ। ଏହାର ସୁବିଧା ଉପଭୋଗ କରିବା ସହିତ କ୍ଷତିକର ପ୍ରଭାବରୁ ରକ୍ଷା ପାଇବା ଦରକାର। ପ୍ରତ୍ୟେକ ବ୍ୟକ୍ତି ଦୈନିକ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ, ରାତିରେ ସ୍କ୍ରିନ ବନ୍ଦ କରନ୍ତୁ, ବ୍ୟାୟାମ କରନ୍ତୁ, ପରିବାର ସହିତ ସମୟ ବିତାନ୍ତୁ ଏବଂ ଡିଜିଟାଲ ଡିଟକ୍ସ ଅଭ୍ୟାସ କରନ୍ତୁ। ସରକାର, ଶିକ୍ଷା ପ୍ରତିଷ୍ଠାନ ଏବଂ ସମାଜ ମିଶି ସଚେତନତା କାର୍ଯ୍ୟକ୍ରମ ଚଳାଇବା ଉଚିତ୍। ଯଦି ଆମେ ଏହି ଦିଗରେ ପଦକ୍ଷେପ ନେବୁ, ତେବେ ସୋସିଆଲ ମିଡିଆ ଆମ ଜୀବନକୁ ଉନ୍ନତ କରିପାରିବ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିବ। ଅନ୍ୟଥା ଏହା ଏକ ଅଦୃଶ୍ୟ ଅଭିଶାପ ହୋଇପାରେ।

# ଭାଲେଣ୍ଟାଇନ ଡେ-ଏକ ବ୍ୟକ୍ତିର ମୃତ୍ୟୁ ଦିବସର ଦିନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ। ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ , କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା। ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂମି। କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା ଆମ ପରମ୍ପରା ଓ ସଂସ୍କୃତି କୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସ୍କୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ି ମାନଙ୍କୁ। ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତି କୁ ଆଦୌ ଜାଣି ନାହାଁନ୍ତି କି ବୁଝି ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷ ମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନଡେକୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କଣ ଜାଣି ନଥିବେ। ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ। ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ। ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା। କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି। ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସତ୍ ମାର୍ଗ ଅପଣାଇବାକୁ ପଛାଉନାହାନ୍ତି।

ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ। କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର। ଭାଲେନଣ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେନଣ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧର କାରଣ ରୋମର ରାଜା ଥିଲେ। ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ। ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ। କିନ୍ତୁ ଭାଲେନଣ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ। ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେନଣ୍ଟାଇନ। ତେବେ ରାଜା ଭାଲେନଣ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ। ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେନଣ୍ଟାଇନଙ୍କ ସ୍ମରଣରେ ଭାଲେନଣ୍ଟାଇନ ଡେ ପାଳନ କରାଯାଏ ବୋଲି ଲୋକକଥା ରହିଛି। ପ୍ରକୃତ ପ୍ରେମର ସଂଜ୍ଞା ବହୁତ୍ ମୂଲ୍ୟବାନ୍। ପ୍ରେମ ଦୁଇ ହୃଦୟର ମିଳନ। ପ୍ରେମରେ ପହିଥିବା ମଣିଷ ଜାତି , ଧର୍ମ ଓ ବର୍ଣ୍ଣର ବାଛ ବିଚାର ରଖେ ନାହିଁ। ଏହା କେତେବେଳ , କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ। ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି। ଏହା ତ୍ୟାଗ ଉପରେ ପର୍ଯ୍ୟବେସିତ ନହୋଇ ଭୋଗ , ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ। ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଜ୍ଞା ଆଜି ବଦଳିଯାଇଛି। ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ। ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ। ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ। ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ। ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଛକ ଉଦାହରଣ ଭରି ରହିଛି। ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ। ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ -ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି। ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ। ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ। ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ। ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସ୍କୃତି ଓ ପରମ୍ପରା ଆମକୁ ଶିଖାଇଛି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ପାଠ୍ୟ ପୁସ୍ତକରେ ରହୁ ଦୁର୍ନୀତି ଲକ୍ଷ୍ମୀଙ୍କ ଚେତନା

ରଘୁନାଥ ମହାପାତ୍ର

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସମ୍ପଦ ବୃଦ୍ଧି ଘଟେ। ଏକଦା ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ଚଳିଯାଆନ୍ତା'। ତାଙ୍କ କଥାକୁ ନିରୀଖେଇ ଦେଖିଲେ ଜଣାଯାଏ କଥାଟା ବାସ୍ତବିକ ଅତ୍ୟୁକ୍ତି ନୁହେଁ।

କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି। ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମକୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ।



ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ୱାରେଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନି ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତରତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳା ଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ। ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡ଼ୁଛି ଏକଥା ପିଲାଏ ଜାଣିବା ଉଚିତ। ବାପା ଠିକ ସମୟରେ ଅଫିସ ଯାଆନ୍ତି ନାହିଁ, ଲଞ୍ଚବ୍ରେକରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳେକୁ ଅଫିସ ଯାଆନ୍ତି। ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡ଼ନ୍ତି, ଘରକୁ ବି ଆସନ୍ତି। ଟଙ୍କା ନଦେଲେ ସରକାରୀ କାମ ହୁଏନି - ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ ପିଲାଟି ବେଳୁ। ତାହେଲେ ସେମାନେ ବାପାଙ୍କୁ ପଚାରି ପାରିବେ ଏତେ ଡେରିରେ କ'ଣ ଅଫିସ ଯାଉଛ? ବାପାମାନେ ମଧ୍ୟ ସଚେତନ ହେବେ।

ଠିକାଦାର ସଠିକ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡ଼ୁଛି, କାମ ସରୁ ସରୁ ରାସ୍ତାରୁ ପିଚୁ ଉଠିଯାଉଛି। ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି ଏସବୁ ପିଲାଏ ଜାଣିବା ଉଚିତ। ବିକାଶର ବାଧକ ଦୁର୍ନୀତି, ଏଥି ସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି? ସିଏ ଜାଣେ ଲାଞ୍ଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ।

ସାର ସ୍କୁଲରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ ଭଲ ପଢ଼ାନ୍ତି। ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନଙ୍କର ସେବା ଯୋଗାନ୍ତି ତାଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମରେ ସେଇ ଡାକ୍ତର ଯୋଗାଇଥାନ୍ତି - ଏସବୁ ଯେ ଦୁର୍ନୀତିଏକଥା ପିଲାଟି ଜାଣୁ। ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣିଛନ୍ତି? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟି ଦିନୁ। ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା। ପ୍ରତିଦିନ ଦୁର୍ନୀତି ଜାଲରେ ପଡ଼ୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡ଼ାଇ ଦେଇହେବ ନାହିଁ। ଯୁବକମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ଏମାନେ ସ୍କୁଲରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି? ନଥିଲା। ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡ଼ୁଛି? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି।

ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟ ସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଉପରେ ଆଧାରିତ ହେବ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା - କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି। ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ।

ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ। ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ। ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ। ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ। ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ।

**ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦**

# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି। ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିତ୍ତ ଏମବିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ-ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି। ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମବିବିଏସ ପାଇଁ ନିଟ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ ପିଜି ପ୍ରଚଳିତ ଅଛି। ଏହି ପ୍ରଶେିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ। ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଖଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ। ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥିା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷ ମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି। ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚିଳତ ବର୍ଷ କଟଅପ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ। ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିନ୍ତ ପଡ଼ିବ।

ଏହା ବେଶ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡ଼ୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢ଼ୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ।

ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିନ୍ତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟଅଫ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅଫ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମବିବିଏସ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ। ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶୀତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ। ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବାବେ କିମ୍ବା ସେଠାରୁ ଫେରୁଥିବେ।

**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଲାଲକିଲ୍ଲା ବିସ୍ଫୋରଣ ପଛରେ ପାକିସ୍ତାନ

## ଜାତିସଂଘ ରିପୋର୍ଟରେ ସାମିଲ ହେଲା ଜୈଶ୍-ଏ-ମହମ୍ମଦ



ଦିଲ୍ଲୀ,୧୨।୨: ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣର ତଦନ୍ତରେ ଏକ ବଡ଼ ଖୁଲାସା ହୋଇଛି। ୩୭ ତମ ଜାତିସଂଘ ରିପୋର୍ଟରେ ଦିଲ୍ଲୀ ଲାଲକିଲ୍ଲା ଆକ୍ରମଣରେ ଜୈଶ-ଏ-ମହମ୍ମଦକୁ ସାମିଲ କରାଯାଇଛି। ଗତବର୍ଷ ନଭେମ୍ବର ୧୦ ତାରିଖରେ ହୋଇଥିବା ଏହି ଆକ୍ରମଣରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଜୈଶ ସେତେବେଳେ ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଥିଲା। ୩୭ ତମ ଜାତିସଂଘ ରିପୋର୍ଟରେ ମସୁଦ ଆଜାରର ନୂତନ ଶାଖା ଜମାତ-ଉଲ-ମୁମିନାତ ବିଷୟରେ ମଧ ଉଲ୍ଲେଖ ଅଛି।


ଏହି ରିପୋର୍ଟ ସୀମାପାର ଆତଙ୍କବାଦ ବିଷୟରେ ପ୍ରଶ୍ନ ଉଠାଇଛି, ଯେତେବେଳେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜୈଶର କାର୍ଯ୍ୟକଳାପ ଉପରେ ମତଭେଦ ପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ପ୍ରତିବନ୍ଧକ କମିଟି ପାଇଁ ପ୍ରସ୍ତୁତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ନଭେମ୍ବର ୧୦ ତାରିଖରେ ନୂଆଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆକ୍ରମଣରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଜାତିସଂଘର ରିପୋର୍ଟରେ କୁହାଯାଇଛି ଯେ ଗୋଟିଏ ସଦସ୍ୟ ଦେଶ ରିପୋର୍ଟ କରିଛି ଯେ ଜୈଶ-ଏ-ମହମ୍ମଦ ଆକ୍ରମଣ ପାଇଁ ଦାୟୀ।

ଭାରତ ଦାବି କରିଛି ଯେ ଜୈଶ ଏବେ ବି ସକ୍ରିୟ ଏବଂ ଏହି ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡିତ, ଯେତେବେଳେ ପାକିସ୍ତାନ ସଂଗଠନକୁ ନିଷ୍କ୍ରିୟ ବୋଲି ବର୍ଣ୍ଣନା କରିଛି। ପାକିସ୍ତାନ ପୂର୍ବରୁ କହିଛି ଯେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୈବା ନିଷିଦ୍ଧ ହେବା ପରେ ଆଉ ସକ୍ରିୟ ନାହାନ୍ତି। କିନ୍ତୁ ଅପରେସନ ସିନ୍ଦୂର ବେଳେ ଏହାର ସଦସ୍ୟମାନଙ୍କ ସହ ପାକିସ୍ତାନ ସେନାଙ୍କ ଗତିବିଧି ସନ୍ଦେହ ସୃଷ୍ଟି କରିଥିଲା। ପରେ ଅନେକ ଆତଙ୍କବାଦୀ ଏହା ବି ସ୍ୱୀକାର କରିଥିଲେ ଯେ କିପରି ପାକିସ୍ତାନ ସେନା ସେମାନଙ୍କୁ ତାଙ୍କ କାର୍ଯ୍ୟସିଦ୍ଧି ପାଇଁ ବ୍ୟବହାର କରିଥିଲେ। ତଥାପି ପାକିସ୍ତାନ ଏହାକୁ ଆନ୍ତର୍ଜାତୀୟ ଫୋରମରେ ପ୍ରତ୍ୟାଖ୍ୟାନ କରି ଆସୁଛି।

ଜାତିସଂଘର ରିପୋର୍ଟରେ ଏପ୍ରିଲ ୨୦୨୫ ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ବିଷୟରେ ମଧ ଉଲ୍ଲେଖ ଅଛି, ଯେଉଁଥିରେ ୨୬ ଜଣଙ୍କର ଜୀବନ ଯାଇଥିଲା। ସେହି ସମୟରେ ଆକ୍ରମଣ ପାଇଁ ପ୍ରତିରୋଧ ମୋର୍ଚ୍ଚା (ଟିଆରଏଫ) ଦାୟୀତ୍ୱ ନେଇଥିଲା। ରିପୋର୍ଟରେ ଏହା ମଧ ଉଲ୍ଲେଖ କରାଯାଇଛି ଯେ ୨୮ ଜୁଲାଇ, ୨୦୨୫ରେ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ସାମଗ୍ରିକ ଭାବରେ, ଏହି ସଦ୍ୟତମ ଜାତିସଂଘ ରିପୋର୍ଟ ପୁଣି ଥରେ ସୀମାପାର ଆତଙ୍କବାଦ ଏବଂ ଆଞ୍ଚଳିକ ସୁରକ୍ଷା ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

# ତୁର୍କୀ ଓ ପାକିସ୍ତାନକୁ ଟେନସନ ଦେଲେ ରାଜନାଥ


ନୂଆଦିଲ୍ଲୀ, ୧୨।୨: ତୁର୍କୀ ଓ ପାକିସ୍ତାନ ସହ ମୁକାବିଲା ପାଇଁ ଭାରତ ନୂଆ ଖେଳ ଖେଳିବା ଆରମ୍ଭ କରିଛି। ଭାରତ ପ୍ରତିରକ୍ଷା ଶିଳ୍ପ ସହଯୋଗ ବୃଦ୍ଧି କରିବା ପାଇଁ ଗ୍ରୀସ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷର କରିଛି । ଗ୍ରୀସର ପ୍ରତିରକ୍ଷା ମନ୍ତ୍ରୀ ନିକୋଲାସ-ଜର୍ଜିଓସ ଡେଣ୍ଡିଆସ ଓ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଫେବୃଆରୀ ୯ ତାରିଖରେ ବସିଥିବା ଏକ ବୈଠକରେ ଏହି ମିଳିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।



ବୈଠକରେ ଭାରତର "ଆତ୍ମନିର୍ଭର ଭାରତ" ପଦକ୍ଷେପକୁ ଗ୍ରୀସର "ଏଜେଣ୍ଡା ୨୦୩୦" ପ୍ରତିରକ୍ଷା ସଂସ୍କାର ଯୋଜନା ସହିତ ସମନ୍ୱୟ କରି ସେମାନଙ୍କର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଇଛି। ଦୁଇ ପ୍ରତିରକ୍ଷା ମନ୍ତ୍ରୀ ଆଞ୍ଚଳିକ ଶାନ୍ତି ଏବଂ ସୁରକ୍ଷା ସହିତ ଜଡିତ ପ୍ରସଙ୍ଗ ଉପରେ ମଧ ଆଲୋଚନା କରିଥିଲେ । ଭାରତ ଓ ଗ୍ରୀସ ମଧରେ ଏହି ପ୍ରତିରକ୍ଷା ସହଯୋଗ ଚୁକ୍ତି ପ୍ରତିରକ୍ଷା ଶିଳ୍ପ, ସାମରିକ ଅଭ୍ୟାସ ଓ ବୈଷୟିକ ସହଯୋଗକୁ ନେଇ ଏକ ପାଞ୍ଚ ବର୍ଷର ରୋଡମ୍ୟାପ ପ୍ରସ୍ତୁତ କରିଛି। ନୂଆଦିଲ୍ଲୀର ଏହି ପଦକ୍ଷେପ ତୁର୍କୀ ଓ ପାକିସ୍ତାନର ଟେନସନ ବଢ଼ାଇପାରେ, ବିଶେଷକରି ପୂର୍ବ ଭୂମଧସାଗର ଏବଂ ଦକ୍ଷିଣ ଏସିଆରେ ଭୂରାଜନୈତିକ ସନ୍ତୁଳନକୁ ପ୍ରଭାବିତ କରିପାରେ ।

ଉଲ୍ଲେଖଯୋଗ୍ୟ, ଭାରତ-ପାକିସ୍ତାନ ମଧରେ ବିବାଦ ଯେତେବେଳେ ଚରମ ସୀମାରେ ପହଞ୍ଚିଥିଲା ସେତେବେଳେ ତୁର୍କୀ ଖୋଲାଖୋଲି ଭାବରେ ପାକିସ୍ତାନକୁ ସମର୍ଥନ କରିଥିଲା। ଅପରେସନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଯୋଗାଇଦେଇଥିଲା। ତୁର୍କୀ ଡ୍ରୋନ ସାହାଯ୍ୟରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା, ଯାହାର ଜବାବରେ ଭାରତ ଗ୍ରୀସର ନିକଟତର ହୋଇଛି ।

# ରାଜପାଲଙ୍କୁ ମିଳିଲାନି ଜାମିନ



ନୂଆଦିଲ୍ଲୀ, ୧୨।୨: ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କ ଜାମିନ ଆବେଦନ ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ କରିଛନ୍ତି। ଆଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୧୬ ଫେବୃଆରିରେ ନିର୍ଦ୍ଧାରଣ କରିଛନ୍ତି। ଶୁଣାଣି ସମୟରେ ଅଭିନେତାଙ୍କ ପକ୍ଷରେ ଉପସ୍ଥିତ ଓକିଲ କୋର୍ଟକୁ ଜଣାଇଥିଲେ ଯେ ସେ ତାଙ୍କ କ୍ଲାଏଣ୍ଟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ତାଙ୍କ ସହ କଥା ହୋଇପାରିଲେ ନାହିଁ। ସେ କହିଥିଲେ ଯେ ଜାମିନ ଆବେଦନ ଦାଖଲ ହୋଇଛି ଏବଂ ପ୍ରତିପକ୍ଷକୁ ଉତ୍ତର ପ୍ରଦାନ ପାଇଁ ସମୟ ଦେବା ଆବଶ୍ୟକ। ଏହାସହ ମାମଲାକୁ ସୋମବାର ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ଅନୁରୋଧ କରାଯାଇଥିଲା। ଓକିଲ ଏହା କହିଥିଲେ କି ସେ ପରବର୍ତ୍ତୀ ତାରିଖରେ ବିସ୍ତୃତ ଦଲିଲ୍ ସହ ଆଦାଲତରେ ଉପସ୍ଥିତ ହେବେ।

ଏହି ସମୟରେ ଦିଲ୍ଲୀ ହାଇକୋର୍ଟ କହିଥିଲେ, ଆମେ ଆପଣଙ୍କ ପ୍ରତି ସହାନୁଭୂତି ରଖିପାରୁ, କିନ୍ତୁ ଆଇନ୍ ତା ବାଟରେ ରହିବ। କୋର୍ଟର ପୂର୍ବ ଆଦେଶ ସତ୍ତ୍ୱେ ଆପଣ ସରେଣ୍ଡର କରିନଥିଲେ। ପରେ ପୁନର୍ବାର ଆଦେଶ ଜାରି ହେବା ପରେ ଆପଣ ସରେଣ୍ଡର କରିଥିଲେ। ରାଜପାଲ ଯାଦବଙ୍କ ପକ୍ଷରୁ ତାଙ୍କ ବଡ଼ ଭାଇଙ୍କ ଝିଅର ବିବାହ ଅବସରରେ ଯୋଗଦେବା ପାଇଁ ଅନ୍ତରିଣ ଜାମିନ ଆବେଦନ କରାଯାଇଥିଲା। ଓକିଲ କୋର୍ଟକୁ ଏହା ମଧ ନିଶ୍ଚିତ କରିଥିଲେ ଯେ ଅବଶିଷ୍ଟ ରାଶି ଆଦାଲତରେ ଜମା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

ଢାକା, ୧୨।୨: ବାଂଲାଦେଶ ନିର୍ବାଚନ ପୂର୍ବରୁ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ଫେବୃଆରୀ ୧୧ ରାତିରେ ବାଂଲାଦେଶର ମୌଲଭିବଜାର ଜିଲ୍ଲାର କମଲଗଞ୍ଜ ଉପଖଣ୍ଡ ଅଞ୍ଚଳରେ ଏକ ଚା ବଗିଚାରୁ ୨୮ ବର୍ଷୀୟ ହିନ୍ଦୁ ଯୁବକ ରତନ ସାହୁକରଙ୍କ ମୃତଦେହ ଉଦ୍ଧାର କରାଯାଇଛି



ପୋଲିସ ରିପୋର୍ଟ କରିଛି ଯେ ତାଙ୍କ ହାତ ଗୋଡ ବନ୍ଧା ହୋଇଥିଲା ଏବଂ ତାଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ଏହି ଘଟଣା ନିର୍ବାଚନ ହିଂସା ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣର ବଢୁଥିବା ଭୟକୁ ଆହୁରି ବଢ଼ାଇ ଦେଇଛି।ସ୍ଥାନୀୟ ଲୋକମାନେ ଗତକାଲି ସକାଳ ୧୦ଟା ସମୟରେ ଚମ୍ପାର ଚା ବଗିଚାରେ ରତନଙ୍କ ମୃତଦେହ ଠାବ କରି ତୁରନ୍ତ ପୁଲିସକୁ ଖବର ଦେଇଥିଲେ।

ମୃତଦେହ ରକ୍ତରେ ଜୁଡୁବୁଡୁ ଥିଲା ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। କମଲଗଞ୍ଜ ଥାନା ପ୍ରଭାରୀ ଅବଦୁଲ ଆୱାଲ ନିଶ୍ଚିତ କରିଛନ୍ତି ଯେ ମୃତକ ରତନ ସାହୁକର, ସେହି ବଗିଚାରେ ଜଣେ ଶ୍ରମିକ ଏବଂ ଇସଲାମପୁର ୟୁନିଅନ ସହିତ ଜଡିତ ଥିଲେ।

# ଖିଲାପୀ ବିଲ୍ଡରଙ୍କୁ ସୁରକ୍ଷା ଦେଉଛି ରେରା

## ପ୍ରକୃତ ଆଭିମୁଖ୍ୟରୁ ଦୂରେଇ ଯାଇଛି ସଂସ୍ଥା





ନୂଆଦିଲ୍ଲୀ, ୧୨।୨: ସୁପ୍ରିମକୋର୍ଟ ଗୁରୁବାର ଏକ ମାମଲାର ଶୁଣାଣି କରିବା ସମୟରେ ରିଅଲ ଇଷ୍ଟେଟ ନିୟାମକ ପ୍ରାଧିକରଣ (ରେରା)ର କାର୍ଯ୍ୟକାରିତା ଉପରେ ଅତ୍ୟନ୍ତ କଠୋର ମନ୍ତବ୍ୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରେରା ଏବେ ଖିଲାପୀ ବିଲଡରମାନଙ୍କୁ ସୁରକ୍ଷା ଦେବାର ଏକ ମାଧମ ପାଲଟିଛି। ତେଣୁ ଏହାକୁ ବନ୍ଦ କରିବା ଭଲ ହେବ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲିଆ ବାଗଚିଙ୍କ ଖଣ୍ଡପୀଠ ଶୁଣାଣି ସମୟରେ ଏକ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ।

ବିଚାରପତିମାନେ କହିଛନ୍ତି ଯେ ସମସ୍ତ ରାଜ୍ୟ ସରକାର ଏବେ ଗମ୍ଭୀରତାର ସହିତ ବିଚାର କରିବା ଉଚିତ ଯେ ରେରା ନାମକ ସଂସ୍ଥା କେଉଁ ଉଦ୍ଦେଶ୍ୟରେ ଗଠନ କରାଯାଇଥିଲା। ଏହା ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ନା ବିଲଡରମାନଙ୍କୁ ସୁବିଧା ଯୋଗାଇବା ପାଇଁ? ମୁଖ୍ୟ ବିଚାରପତି ମନ୍ତବ୍ୟ ଦେଇଥିଲେ, "ଏହି ସଂସ୍ଥା କେବଳ ଡିଫଲ୍ଟ ବିଲଡରମାନଙ୍କୁ ସୁବିଧା ଯୋଗାଇବା ବ୍ୟତୀତ ଆଉ କିଛି କରୁନାହିଁ। ଏପରି ପରିସ୍ଥିତିରେ, ଏହାକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବା ଭଲ ହେବ।"

ହିମାଚଳ ପ୍ରଦେଶର ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏହି ଅସନ୍ତୋଷ ପ୍ରକାଶ କରିଥିଲେ। ହିମାଚଳ ପ୍ରଦେଶ ସରକାରଙ୍କ ରାଜ୍ୟ ରେରା କାର୍ଯ୍ୟାଳୟକୁ ସିମଲାରୁ ଧର୍ମଶାଳାକୁ ସ୍ଥାନାନ୍ତର କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିବାର ନିଷ୍ପତ୍ତି ନେଇ ବିବାଦ ହୋଇଥିଲା। ଏହି ନିଷ୍ପତ୍ତି ବିରୁଦ୍ଧରେ ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ ମାମଲା ହିମାଚଳ ପ୍ରଦେଶ ହାଇକୋର୍ଟରେ ପହଞ୍ଚିଥିଲା। ବିକଳ୍ପ ସ୍ଥାନ ଚିହ୍ନଟ ନକରି କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିବାରୁ ଗତ ବର୍ଷ ହାଇକୋର୍ଟ ସରକାରଙ୍କ ବିଜ୍ଞପ୍ତି ସ୍ଥଗିତ ରଖିଥିଲେ। ହାଇକୋର୍ଟ ତାଙ୍କ ଆଦେଶରେ ଏହା ମଧ କହିଥିଲେ ଯେ ୧୮ ଜଣ ଆଉଟସୋର୍ସ କର୍ମଚାରୀଙ୍କୁ ଅନ୍ୟ ବୋର୍ଡ ଏବଂ କର୍ପୋରେସନରେ ସ୍ଥାନ ଦିଆଯିବ, ଯାହା ରେରାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ଅଚଳ କରିଦେବ। ଏହି ଯୁକ୍ତିଗୁଡ଼ିକୁ ଆଧାର କରି, ହାଇକୋର୍ଟ ୧୩ ଜୁନ୍ ୨୦୨୫ର ବିଜ୍ଞପ୍ତିକୁ ସ୍ଥଗିତ ରଖିଥିଲେ। ତେବେ ଗୁରୁବାର, ସୁପ୍ରିମକୋର୍ଟ ହାଇକୋର୍ଟର ନିଷ୍ପତ୍ତିକୁ ପ୍ରତ୍ୟାହାର କର ରେରା କାର୍ଯ୍ୟାଳୟକୁ ଶିମଲାରୁ ଧର୍ମଶାଳାକୁ ସ୍ଥାନାନ୍ତର କରିବାକୁ ଅନୁମତି ଦେଇଥିଲେ।

# ବିଶ୍ୱ ପାଇଁ ଆତଙ୍କ ଚୀନର ଅଦୃଶ୍ୟ ହଣ୍ଟର୍



ବେଜିଂ, ୧୨।୨: ଅସ୍ତ୍ରଶସ୍ତ୍ର ଜଗତରେ ନୂଆ ଛାପ ଛାଡ଼ିବାକୁ ଚେଷ୍ଟା କରିଛି ଚୀନ। ଏଭଳି ଏକ ଅସ୍ତ୍ର ପ୍ରସ୍ତୁତ କରିଛି, ଯାହା ଆମେରିକା ଓ ୟୁରୋପ ସମେତ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଛି। ଚୀନ ଦ୍ୱାରା ବିକଶିତ ଅସ୍ତ୍ର ବାରୁଦ, ବୋମା କିମ୍ବା ଗୁଳି ବିନା ଲକ୍ଷ୍ୟକୁ ନଷ୍ଟ କରିପାରିବ। ଚୀନ ବୈଜ୍ଞାନିକଙ୍କ ଅନୁଯାୟୀ, ଏହି ଅସ୍ତ୍ର ଏତେ ଶକ୍ତିଶାଳୀ ଯେ ଏହା ମହାକାଶରେ ନିୟୋଜିତ ଉପଗ୍ରହକୁ ମଧ ଧ୍ୱଂସ କରିପାରିବ। ଏହାକୁ ଷ୍ଟାରଲିଙ୍କ କିଲର ମଧ କୁହାଯାଉଛି, ଯାହା ଏଲନ ମସ୍କଙ୍କ ଉପଗ୍ରହକୁ ଡିଲିଙ୍କ କରିବାରେ ସକ୍ଷମ।

ଚୀନର ଏହି ଅସ୍ତ୍ରକୁ ଅଦୃଶ୍ୟ ହଣ୍ଟର ବୋଲି କୁହାଯାଉଛି। ଚୀନ ଗଣମାଧମ ଅନୁଯାୟୀ, ଏହି ସିଷ୍ଟମ ଆଣ୍ଟି-ସାଟେଲାଇଟ୍ ମିସାଇଲ୍ ବ୍ୟବହାର ନକରି ଏଲନ ମସ୍କଙ୍କ ସ୍ପେସଏକ୍ସ କମ୍ପାନୀର ଷ୍ଟାରଲିଙ୍କ ସାଟେଲାଇଟ ନେଟୱାର୍କକୁ ଡି-ଲିଙ୍କ କରିପାରିବ। ଏହାକୁ ଏକ କମ୍ପାକ୍ଟ ଡ୍ରାଇଭର ଭାବରେ ବର୍ଣ୍ଣନା କରାଯାଇଛି, ଯାହା ୨୦ ଗିଗାୱାଟ ପର୍ଯ୍ୟନ୍ତ ଶକ୍ତି ପ୍ରଦାନ କରିପାରିବ ଏବଂ ଯେକୌଣସି ପ୍ଲାଟଫର୍ମ ଯେପରିକି ସ୍ଥଳ, ସମୁଦ୍ର, ବାୟୁ କିମ୍ବା ମହାକାଶରେ ନିୟୋଜିତ ହୋଇପାରିବ। ଚୀନର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଯଦି ଏହି ସିଷ୍ଟମକୁ ମହାକାଶରେ ନିୟୋଜିତ କରାଯାଏ, ତେବେ ବେଜିଂର ଅଦୃଶ୍ୟ ଆକ୍ରମଣ ଆହୁରି ଘାତକ ହେବ। ମାଇକ୍ରୋୱେଭ ଅସ୍ତ୍ରର ଦକ୍ଷତା ବାବଦରେ ଯଦି କହିବା ତାହେଲେ, ଏହା ପାରମ୍ପରିକ ଅସ୍ତ୍ରଶସ୍ତ୍ର ପରି ଧ୍ୱଂସାବଶେଷ ସୃଷ୍ଟି କରିବ ନାହିଁ ଏବଂ ବିନା ଦୃଶ୍ୟମାନରେ ଇଲେକ୍ଟ୍ରୋନିକ ସିଷ୍ଟମଗୁଡ଼ିକୁ ଡି-ଲିଙ୍କ କରିପାରିବ।

# ରାହୁଲଙ୍କ ବିରୋଧରେ ଆସିବନି ବିଶେଷାଧିକାର ଭଙ୍ଗ ପ୍ରସ୍ତାବ



ନୂଆଦିଲ୍ଲୀ, ୧୨।୨: ରାହୁଲ ଗାନ୍ଧୀ ଗୋଟିଏ ଦିନ ପୂର୍ବରୁ ଲୋକସଭାରେ ବଜେଟ ଉପରେ ଭାଷଣ ଦେଇ ଏପଷ୍ଟିନ ଫାଇଲର ଉଲ୍ଲେଖ କରିଥିଲେ। ସେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାମରେ ମଧ ଅଭିଯୋଗ ଆଣିଥିଲେ। ସରକାର ଘୋଷଣା କରିଥିଲେ ଯେ ସେମାନେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ବିଶେଷାଧିକାର ପ୍ରସ୍ତାବ ଆଣିବେ। ସରକାର ଏବେ ତାଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି।

ସରକାର ଆଉ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ବିଶେଷାଧିକାର ପ୍ରସ୍ତାବ ଆଣିବେ ନାହିଁ। ସରକାର ନିଜେ ଏହି ପ୍ରସ୍ତାବ ଘୋଷଣା କରିଥିଲେ ଏବଂ ଏବେ ନିଷ୍ପତ୍ତିକୁ ବଦଳାଇଛନ୍ତି। ଏହା ପଛରେ କାରଣ ଲୋକସଭାରେ ଏକ ନୂତନ ଅଚଳାବସ୍ଥାକୁ ଏଡାଇବା ପାଇଁ ଏକ ପ୍ରୟାସ ବୋଲି ଦର୍ଶାଯାଉଛି। ଉଲ୍ଲେଖନୀୟ ଯେ ବିରୋଧୀ ଦଳ ସରକାରଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଥିଲେ, ବିଶେଷାଧିକାର ପ୍ରସ୍ତାବକୁ ଏକ ବିପଥଗାମୀ ରଣନୀତି ବୋଲି କହିଥିଲେ। ବିରୋଧୀ ଶିବସେନାର ରାଜ୍ୟସଭା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ କହିଥିଲେ ଯେ ଏହି ବିଶେଷାଧିକାର ପ୍ରସ୍ତାବ କ୍ଷମତାରେ ଥିବା ଲୋକମାନଙ୍କ ଦ୍ୱାରା କରାଯାଇଥିଲା, ଯେଉଁମାନେ ଦେଶକୁ ବିକ୍ରି କରି, ଆମେରିକା ନିକଟରେ ଆତ୍ମସମର୍ପଣ କରି ଲୋକଙ୍କ ବିଶ୍ୱାସ ଭାଙ୍ଗିଥିଲେ।

# ଉତ୍ତର କୋରିଆର ନେତୃତ୍ୱ ନେବେ କିମ୍‌ଙ୍କ ଝିଅ




ନୂଆଦିଲ୍ଲୀ, ୧୨।୨: ଉତ୍ତର କୋରିଆର ନେତା କିମ୍ ଜଙ୍ଗ ଉନ୍ ତାଙ୍କ ଝିଅ କିମ ଜୁ ଏଙ୍କୁ ନିଜର ଉତ୍ତରାଧିକାରୀ ଭାବରେ ବାଛିଛନ୍ତି। ଦକ୍ଷିଣ କୋରିଆର ଗୁଇନ୍ଦା ସଂସ୍ଥା, ନ୍ୟାସନାଲ୍ ଇଣ୍ଟେଲିଜେନ୍ସ ସର୍ଭିସ (ଏନଆଇଏସ) ଏନେଇ ସଂସଦରେ ଘୋଷଣା କରିଛି। ଏନଆଇଏସ କହିଛି ଯେ, କିମ୍ ଜୁ ଏ ଏବେ 'ଉତ୍ତରାଧିକାରୀ ନିଯୁକ୍ତି ପର୍ଯ୍ୟାୟ'ରେ ପହଞ୍ଚିଛନ୍ତି। ପୂର୍ବରୁ କିମ ଜୁ ଏ ଉତ୍ତରାଧିକାରୀ ତାଲିକାରେ ଥିବା କଥା କହିଥିଲା ଏନଆଇଏସ। ଏହାର ଅର୍ଥ ହେଉଛି, ଉତ୍ତର କୋରିଆରେ କିମ୍ ପରିବାରର ଚତୁର୍ଥ ପିଢ଼ିକୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। କିମ୍ ଜୁ ଏ ବିଷୟରେ ସାର୍ବଜନୀନ ଭାବରେ ବହୁତ କମ ସୂଚନା ଉପଲବ୍ଧ। ତାଙ୍କୁ ପ୍ରାୟ ୧୩ ବର୍ଷ ବୟସ ବୋଲି ବିଶ୍ୱାସ କରାଯାଏ ଏବଂ ତାଙ୍କ ଜନ୍ମ ୨୦୧୩ ମସିହାରେ ହୋଇଥିଲା। ସେ ପ୍ରଥମ ଥର ପାଇଁ ନଭେମ୍ବର ୨୦୨୨ରେ ଏକ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ଦୁନିଆ ନଜରକୁ ଆସିଥିଲେ। ସେବେଠାରୁ ସେ ତାଙ୍କ ପିତାଙ୍କ ସହିତ ଅସ୍ତ୍ରଶସ୍ତ୍ର ପରୀକ୍ଷଣ, ସାମରିକ ପରେଡ, କାରଖାନା ଏବଂ କୋରିଆନ ପିପୁଲ୍ସ ଆର୍ମିର ପ୍ରତିଷ୍ଠା ଉତ୍ସବ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

## ଅହମ୍ମଦାବାଦରେ ଏୟାର ଇଣ୍ଡିଆ ଫ୍ଲାଇଟ ଦୁର୍ଘଟଣା ମାମଲା

# ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ ଯୋଗୁଁ ଦୁର୍ଘଟଣା

ଅହମ୍ମଦାବାଦ, ୧୨।୨: ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବୋଇଂ ୭୮୭ ଡ୍ରିମଲାଇନର ଦୁର୍ଘଟଣାର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଥିବା ବେଳେ, ଏକ ଇଟାଲୀୟ ଦୈନିକ ଖବରକାଗଜ କୋରିଏର ଡେଲା ସେରା, ବୋଇଂକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଛି। ଇଟାଲୀୟ ଖବରକାଗଜ ଦାବି କରିଛି ଯେ ଦୁର୍ଘଟଣାଟି କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନୁହେଁ, ବରଂ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସ୍ୱିଚ ଜାଣିଶୁଣି ବନ୍ଦ କରିବା ଦ୍ୱାରା ହୋଇଥିଲା ବୋଲି କୁହାଯାଇଛି। ଏହି ଖବରକାଗଜ ପାଇଲଟ ସୁମିତ ସବରୱାଲଙ୍କୁ ଦୋଷୀ ବୋଲି ଦର୍ଶାଇଛି।

ଗତ ବର୍ଷ, ଜୁନ ୧୨ ତାରିଖରେ, ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ଏୟାର ଇଣ୍ଡିଆ ଫ୍ଲାଇଟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନଟି ଏକ ମେଡିକାଲ କଲେଜ ହଷ୍ଟେଲରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀଙ୍କ ସମେତ ୨୬୦ ଜଣଙ୍କର ଜୀବନ ଯାଇଥିଲା। ବିଶ୍ୱାସକୁମାର ରମେଶ ନାମକ ଏକମାତ୍ର ଭାଗ୍ୟବାନ ଯାତ୍ରୀ ଥିଲେ ଯିଏ ଦୁର୍ଘଟଣାରୁ ବଞ୍ଚି ଯାଇଥିଲେ। ଘଟଣା ପରେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିଲା ଯେ ଦୁର୍ଘଟଣାଟି ଇଞ୍ଜିନରେ ଇନ୍ଧନ ହ୍ରାସ ଯୋଗୁଁ ହୋଇଥିଲା। ତା'ପରେ ପ୍ରଶ୍ନ ଉଠିଲା ଯେ ଇନ୍ଧନ ହ୍ରାସ ଯାନ୍ତ୍ରିକ କାରଣ ଯୋଗୁଁ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ ହୋଇଥିଲା। ଏହି ଉଡ଼ାଣଟି ପାଇଲଟ-ଇନ-କମାଣ୍ଡ ଥିଲେ କ୍ୟାପଟେନ ସୁମିତ ସବରୱାଲ୍, ଏବଂ କ୍ଲାଇଭ୍ କୁନ୍ଦର ସହ-ପାଇଲଟ୍ ଥିଲେ। ସିଭିଲ ଏଭିଏସନ୍ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବର୍ତ୍ତମାନ ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରୁଛି, ଏବଂ ଏହାର ରିପୋର୍ଟ ଅପେକ୍ଷାରେ ଅଛି। ତଥାପି, ଇଟାଲୀୟ ଦୈନିକ କୋରିଏର ଡେଲା ସେରା ନୂଆଦିଲ୍ଲୀ ଏବଂ ୱାଶିଂଟନ ମଧରେ ହୋଇଥିବା କଥାବାର୍ତ୍ତା ଉପରେ ଆଧାରିତ ଏକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟରେ ଦାବି କରାଯାଇଛି ଯେ ବୋଇଂ ୭୮୭ ଡ୍ରିମଲାଇନର ଦୁର୍ଘଟଣା, ଯାହା ଗୋଟିଏ ଇଞ୍ଜିନରେ ଇନ୍ଧନ କଟ ଅଫ ପରେ ହୋଇଥିଲା, ତାହା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହୋଇନଥିଲା। ରିପୋର୍ଟରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଏଆଇବି) ଦ୍ୱାରା ପ୍ରକାଶିତ କକପିଟରେ ଶେଷ ବାର୍ତ୍ତାଳାପକୁ ମଧ ଉଦ୍ଧୃତ କରାଯାଇଛି। କକପିଟ ଭଏସ ରେକର୍ଡିଂରେ, ଜଣେ ପାଇଲଟ୍ ପଚାରୁଥିବା ଶୁଣାଯାଉଛି, "ତୁମେ ଇନ୍ଧନ କାହିଁକି କାଟିଲ", ଅନ୍ୟ ଜଣକ ଉତ୍ତର ଦେଇଥିଲେ, "ମୁଁ କରିନାହିଁ।" ବ୍ଲାକ୍ ବକ୍ସ ତଥ୍ୟର ଯାନ୍ତ୍ରିକ ମୂଲ୍ୟାଙ୍କନ ମଧ ଯାନ୍ତ୍ରିକ ତ୍ରୁଟି ବଦଳରେ ମାନୁଆଲ ସଟଡାଉନ ସ୍ୱିଚକୁ ଇଙ୍ଗିତ କରିଛି, କାରଣ ଦୁର୍ଘଟଣା ସମୟରେ ଉଭୟ ଇଞ୍ଜିନ ବନ୍ଦ ହୋଇଯାଇଥିଲା।




### ଇଟାଲୀୟ ଦୈନିକ ଖବରକାଗଜର ପ୍ରକାଶିତ ରିପୋର୍ଟକୁ ନେଇ ଚର୍ଚ୍ଚା

ଇଟାଲୀୟ ଦୈନିକ ରିପୋର୍ଟ ଅନୁଯାୟୀ, ତଦନ୍ତକାରୀମାନେ ଦାବି କରିଛନ୍ତି ଯେ ଜଣେ ପାଇଲଟ୍ ଇଞ୍ଜିନର ଇନ୍ଧନ ନିୟନ୍ତ୍ରଣ ସ୍ୱିଚ ବନ୍ଦ କରିଦେଇଥିଲେ, ଯାହା ଫଳରେ ବିମାନଟି ଶକ୍ତି ହରାଇ ତଳେ ପଡ଼ିଗଲା। ରିପୋର୍ଟରେ କୁହାଯାଇଛି ଯେ ପରିସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ, କିନ୍ତୁ ମୁଖ୍ୟ କ୍ୟାପ୍ଟେନ ସୁମିତ ସବରୱାଲ, ବ୍ୟକ୍ତିଗତ କାରଣରୁ ଡିପ୍ରେସନରେ ପୀଡିତ ଥିଲେ। ତେବେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ପାଇଲଟ ସଂଘ ଏବଂ ସୁମିତ ସବରୱାଲଙ୍କ ପିତା ପ୍ରତ୍ୟାଖ୍ୟାନ କରିଛନ୍ତି।

# ଦିଲ୍ଲୀରେ ରାତିକ ପାଇଁ ହୋଟେଲ ଭଡ଼ା ୩୦ ଲକ୍ଷ

ନୂଆଦିଲ୍ଲୀ, ୧୨।୨: ରାଜଧାନୀ ଦିଲ୍ଲୀରେ ହୋଟେଲ ଭଡା ଏବେ ଆକାଶ ଛୁଆଁ। ଗୋଟିଏ ରାତି ଶୋଇବା ପାଇଁ ହୋଟେଲରେ ଦେବାକୁ ପଡିବ ୩୦ ଲକ୍ଷ ଟଙ୍କା। ଆସନ୍ତା ଫେବୃଆରୀ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀ ପାଇଁ ଦିଲ୍ଲୀରେ ହୋଟେଲ ଭଡା ଏଭଳି ଭାବେ ବୃଦ୍ଧି ପାଇଛି।

ଆସନ୍ତା ଫେବୃଆରୀ ୧୬ରୁ ୨୦ ଯାଏଁ ଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି ଏଆଇ ଇମ୍ପାକ୍ଟ ସମ୍ମିଳନୀ। ଏଥିରେ ଗୁଗଲ ସିଇଓ ସୁନ୍ଦର ପିଚାଇ ଓ ଓପନ-ଏଆଇର ସାମ ଅଲ୍ଟମ୍ୟାନଙ୍କ ଭଳି ବଡ଼ ବଡ଼ ଟେକ୍ ଲିଡର ସାମିଲ ହେବେ। ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ ୧୦ ହଜାର ବିଦେଶୀ ପ୍ରତିନିଧି ଓ ପ୍ରାୟ ଦେଢ ଲକ୍ଷ ଲୋକେ ଇଭେଣ୍ଟରେ ସାମିଲ ହେବାର କାର୍ଯ୍ୟକ୍ରମ ଅଛି। ତେଣୁ ଯେତେ ଯେତେ ଏହି ଏଆଇ ସମ୍ମିଳନୀର ତାରିଖ ପାଖେଇ ଆସୁଛି, ଦିଲ୍ଲୀରେ ହୋଟେଲ ରୁମର ଡିମାଣ୍ଡ ସେତେ ବଢିବାରେ ଲାଗିଛି। ଯେଉଁ ହୋଟେଲ ରୁମର ଦାମ ୨୦-୩୦ ହଜାର ଥିଲା, ତାହା ଏବେ ଲକ୍ଷ ଲକ୍ଷ ଟଙ୍କା। ଖାସ କରି ଫାଇଭ ଷ୍ଟାର ଓ ଲଗଜରୀ ହୋଟେଲ ଭଡା ଅହେତୁକ ଭାବେ ବଢ଼ିଛି। ଜାତୀୟ ଗଣମାଧମ ରିପୋର୍ଟ ଅନୁସାରେ, ଏଆଇ ସମ୍ମିଳନୀ ସମୟରେ ତାଜ ପ୍ୟାଲେସରେ ଗୋଟିଏ ପ୍ରେସିଡେନସିଆଲ ସୁଇଟର ଦାମ ରାତିକ ପାଇଁ ୩୦ ଲକ୍ଷ ଟଙ୍କା ଓ ସାଧାରଣ ରୁମର ମୂଲ୍ୟ ପାଖାପାଖି ଅଢେଇ ଲକ୍ଷ। ସେହିପରି ଲିଲା ପ୍ୟାଲେସରେ ଏକ ଲଗଜରୀ ସୁଇଟର ଦାମ ସାଧାରଣତଃ ଲକ୍ଷେରୁ ଲକ୍ଷେ ୧୫ ହଜାର ରହୁଥିବା ବେଳେ ତାହା ଏବେ ୧୪ ଲକ୍ଷ ୪୦ ହଜାର ଟଙ୍କା। ଏପରିକି ଏବେଠୁ ଆଇଟିସି ମୌର୍ଯ୍ୟ ଭଳି କିଛି କିଛି ହୋଟେଲରେ ବୁକିଂ ବନ୍ଦ ହୋଇସାରିଥିବା ବେଳେ ବାକି ଫାଇଭ ଷ୍ଟାର ହୋଟେଲଗୁଡିକର ଭଡା ୧୦ରୁ ୨୦ ଲକ୍ଷ ଟଙ୍କା ରହିଛି।



## ସାଂସଦଙ୍କ ମାତୃ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ମାତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ସାଇଟ୍ 'ଏକ୍ସ'ରେ ସେ ଲେଖିଛନ୍ତି ଆମ ଦଳର ଯାଜପୁର ସାଂସଦ ଶ୍ରୀ ରବୀନ୍ଦ୍ର ନାରାୟଣ ବେହେରାଙ୍କ ମାତା ସରସ୍ୱତୀ ବେହେରାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ଅତ୍ୟନ୍ତ ମେଳାପୀ, ପରୋପକାରୀ ଏବଂ ଧର୍ମପରାୟଣା ମହିଳା ଥିଲେ। ତାଙ୍କର ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

## ଦୂରଦର୍ଶନର ଉପସ୍ଥାପିକାଙ୍କ ପରଲୋକ

**ନୂଆଦିଲ୍ଲୀ,୧୨।୨(ସଂଚାର ବ୍ୟୁରୋ):** ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କ ଗୁରୁବାର ଦିନ ଏଠାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ବରିଷ୍ଠ ସମ୍ବାଦ ପାଠକ ଓ ମାହେଶ୍ୱରୀଙ୍କ ବନ୍ଧୁ ଶମ୍ମି ନାରଙ୍ଗ ତାଙ୍କ ମୃତ୍ୟୁ ନେଇ ସୂଚନା ଦେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ନବେ ଦଶକରେ ଦୂରଦର୍ଶନରେ ସମ୍ବାଦ ପାଠ କରୁଥିବା ଉପସ୍ଥାପକଙ୍କ ମଧ୍ୟରେ ନିଜ ପାଇଁ ସରଳା ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ।

## ବ୍ରାଉନସୁଗର ଜବତ, ୩ ଗିରଫ

**ଖୋର୍ଦ୍ଧା,୧୨।୨(ସଂଚାର ବ୍ୟୁରୋ):** ବ୍ରାଉନସୁଗର କାରବାର ଅଭିଯୋଗରେ ଆଦର୍ଶ ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଗୁରୁଜଙ୍ଗ ଦେୱାନ ସାହିର ମନୋଜ କୁମାର ପ୍ରଧାନ ଓରଫ କୁନା, ଗଡ଼ଖୋର୍ଦ୍ଧାର ହେମନ୍ତ ପରିଡ଼ା ଓରଫ ବଣ୍ଟି, ମୁକୁନ୍ଦପ୍ରସାଦ କଲେଜ ରୋଡ ହାଡ଼ି ସାହିର ଫିରୋଜ ଖାଁ। ପୁଲିସ ଏମାନଙ୍କୁ ଠାରୁ ୧୦ଗ୍ରାମ ବ୍ରାଉନସୁଗର, ଗୋଟିଏ ମାରୁତି ଇର୍ଟଗା, ଗୋଟିଏ ପଲସର୍ ବାଇକ୍, ୩ଟି ମୋବାଇଲ, ଗୋଟିଏ ପ୍ଲାଷ୍ଟିକ ଚାମଚ୍, ହଳଦିଆ ପର୍ପଲ୍ ରଙ୍ଗର ପେପର କଟିଙ୍ଗ ବଣ୍ଡଲ। ପୁଲିସ ସୁଚନା ମୁତାବକ ଗୁରୁଜଙ୍ଗ ମହୋଉତ୍ସବ ପଡ଼ିଆରେ ବ୍ରାଉନସୁଗର କାରବାର କରୁଥିବା ନେଇ ଖୋର୍ଦ୍ଧା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ପଡ଼ିଆରେ ଚଢ଼ାଉ କରି ଗିରଫ କରିଥିଲା।

## ବିଜେପିରେ ସାମିଲ ହେଲେ ୨ ସରପଞ୍ଚ ଓ ଜଣେ ସରପଞ୍ଚ

**ଭୁବନ,୧୨।୨(ସଂଚାର ବ୍ୟୁରୋ):** କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନ ବ୍ଲକ ନିଳକଣ୍ଠପୁର ଠାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବିଜେଡି ସମର୍ଥିତ ଦୁଇ ଜଣ ସରପଞ୍ଚ ଓ ଜଣେ ସମିତି ସଭ୍ୟ ବିଜେପିରେ ମିଶିଥିଲେ।

## ୧୦ ଲିଟର ମଦ ଜବତ, ୧ଗିରଫ

**ମାଲକାନଗିରି,୧୨।୨ (ସଂଚାର ବ୍ୟୁରୋ):** କାଲିମେଳା ଥାନା ପକ୍ଷରୁ ଆଜି ଚଢ଼ାଉ କରାଯାଇ ବେଆଇନ ଭାବେ ବିକ୍ରୀ ହେଉଥିବା ୧୦ ଲିଟର ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁସାରେ, ଭେଙ୍କଟପାଲମ ପଞ୍ଚାୟତ ଅନ୍ତର୍ଗତ ଏମପିଭି - ୭୦ ଗ୍ରାମର ରଞ୍ଜିତ ରାୟ ପାନିମେଟଲା ଗ୍ରାମ ନିକଟରେ ଏକ ଘରେ ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଉକ୍ତ ଘରେ ଚଢ଼ାଉ କରି ସେଠାରୁ ୧୫ ଟି କିଙ୍ଗ ଫିସର ବିୟର, ୧୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ କାଲିମେଳା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ୪ ଆଦିବାସୀ ଝିଅ



**ଭବାନୀପାଟଣା , ୧୨।୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଦୁର୍ଗମ ଲାଞ୍ଜି ପଞ୍ଚାୟତର ତୁର୍କା ଗ୍ରାମ ଗତ କିଛି ବର୍ଷ ତଳେ ବାହ୍ୟ ଜଗତରୁ ପ୍ରାୟ ବିଚ୍ଛିନ୍ନ ଥିଲା। ଏହି ଗ୍ରାମରେ ପକ୍କା ରାସ୍ତା, ପାନୀୟ ଜଳ କିମ୍ବା ବିଦ୍ୟୁତ ସୁବିଧା ନ ଥିଲା। ସେହିପରି ଶିକ୍ଷା ଗ୍ରାମର ଆଦିବାସୀ ପିଲାମାନଙ୍କ ପାଇଁ ସ୍ୱପ୍ନ ସଦୃଶ ଥିଲା। ଏପରିସ୍ଥିତିରେ ରାଜ୍ୟ ସଭା ଏମ୍‌ପି ସୁଜୀତ କୁମାରଙ୍କ ଦୃଷ୍ଟି ଏହି ଗ୍ରାମ ଉପରେ ପଡିଥିଲା। ତାହା ପରେ ବ୍ଲକ ଓ ଜିଲା ପ୍ରଶାସନର ମିଳିତ ପ୍ରଚେଷ୍ଟାରେ ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥା ସୁନିଶ୍ଚିତ ହୋଇଥିଲା। କିନ୍ତୁ ଝିଅମାନଙ୍କ ଶିକ୍ଷା ଏବେ ମଧ ଅପହଞ୍ଚ ଥିଲା । ୨୦୨୨ ପର୍ଯ୍ୟନ୍ତ ଗ୍ରାମର କୌଣସି ଝିଅ ସ୍କୁଲରେ ଭର୍ତ୍ତି ହୋଇ ନଥିଲେ । ସୁଜୀତ କୁମାର ଓ ବ୍ଲକ ପ୍ରଶାସନଙ୍କ ଉଦ୍ୟମରେ ୨୦୨୨ରେ ଗ୍ରାମର ୪ ଜଣ ଆଦିବାସୀ ଝିଅ ପଦ୍ମା ମାଝୀ, ଦଇମତି ମାଝୀ, ଗୀତା ମାଝୀ ଓ ଜନତି ମାଝୀଙ୍କୁ ନିକଟସ୍ଥ ଭଟାଙ୍ଗପଦରରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା। ଭଟାଙ୍ଗପଦର ପଞ୍ଚାୟତ ଓ ବିଦ୍ୟାଳୟ ଏମ୍‌ପି କୁମାରଙ୍କ ପୋଷ୍ୟ ଗ୍ରାମ ଓ ପୋଷ୍ୟ ବିଦ୍ୟାଳୟ ଅଟେ । ଏମ୍‌ପି କୁମାର ଏହି ଝିଅମାନଙ୍କ ସମସ୍ତ ଶିକ୍ଷା ଓ ଆନୁସଙ୍ଗିକ ଖର୍ଚ୍ଚ ବହନ କରୁଥିବା ସହ ତାଙ୍କର ଆବଶ୍ୟକ ସମସ୍ତ ବ୍ୟବସ୍ଥା ନିଜେ ନିରୀକ୍ଷଣ କରୁଛନ୍ତି । ଏମ୍‌ପିଙ୍କ ଉଦ୍ୟମରେ ଏହି ଝିଅମାନେ ନିକଟରେ ଦିଲ୍ଲୀ ଯାଇ ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଏଥିସହ ସେମାନେ ସଂସଦ ଭବନ ମଧ ପରିଦର୍ଶନ କରିଥିଲେ । ଏହି ସୁଯୋଗ ସେମାନଙ୍କ ପାଇଁ ଜୀବନରେ ଏକ ସ୍ମରଣୀୟ ଅନୁଭବ ହୋଇ ରହିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ସେହିଭଳି ମହାମହିମ ରାଷ୍ଟ୍ରପତି ମଧ ଏମ୍‌ପିଙ୍କ ଏହି ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ, ଏହା ରାଜ୍ୟ ଓ ଦେଶର ଲକ୍ଷାଧିକ ଆଦିବାସୀ ଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ।

● ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗ

## ୩ ମାସର କଷ୍ଟ ଦେଲେ ହାଇକୋର୍ଟ

**ପୁରୀ,୧୨।୨(ସଂଚାର ବ୍ୟୁରୋ):** ୩ ମାସ ଭିତରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ଶେଷ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୯୭୮ ଗଣତି ମଣତି ସହ ବର୍ତ୍ତମାନର ଗଣତି ମଣତି ମେଳ କରିବାକୁ ମଧ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ବିଧାନସଭା ଅଧିବେଶନରେ ଏହାକୁ ଉପସ୍ଥାପନ କରିବା ସକାଶେ ହାଇକୋର୍ଟ କହିଛନ୍ତି। ଏହି ମାମଲାରେ ୩ ମାସ ପରେ ରାଜ୍ୟ ସରକାର ହାଇକୋର୍ଟରେ କମ୍ପ୍ଲାଏନ୍ସ ରିପୋର୍ଟ ଦାଖଲ କରିବେ।

## ହଜିଥିବା ବ୍ୟାଗ୍ ଫେରାଇଲା ପୁଲିସ

**ପୁରୀ,୧୨।୨(ସଂଚାର ବ୍ୟୁରୋ):** ରାଜସ୍ଥାନର ଜଣେ ଭକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୁରୁବାର ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରିସରରେ ବୀଣା ଶର୍ମା (୩୯), ସ୍ୱାମୀ ଶିବରାଜ ଶର୍ମା ତାଙ୍କ ଭ୍ୟାନିଟି ବ୍ୟାଗ ହଜେଇ ଦେଇଥିବା ବିଷୟରେ ସିଂହଦ୍ୱାର ପୁଲିସ ଥାନା ଓ ପୁଲିସ କଂଟ୍ରୋଲ ରୁମ୍ କୁ ସୂଚନା ଦେଇଥିଲେ। ସୂଚନା ପାଇ ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ ତତକ୍ଷଣାତ୍ ସିଭିଲ ଷ୍ଟାଫଙ୍କୁ ତଦନ୍ତ ଓ ଖୋଜାଖୋଜି ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ କର୍ମଚାରୀମାନେ ମନ୍ଦିର ପରିସରରେ ସତର୍କତା ସହ କୁଏରି କରି ବ୍ୟାଗଟିକୁ ଠାବ କରିଥିଲେ। ଉକ୍ତ ଭ୍ୟାନିଟି ବ୍ୟାଗ୍ ଯାଞ୍ଚ୍ କରାଯାଇଥିବା ବେଳେ ତାହାର ଭିତରେ ନଗଦ ଟଙ୍କା ୫୨ ହଜାର ଟଙ୍କା ସହ ଅନ୍ୟାନ୍ୟ ଜରୁରୀ ଦଲିଲପତ୍ର ସୁରକ୍ଷିତ ଅବସ୍ଥାରେ ମିଳିଥିଲା।

ବାଲି ବୋଝେଇ ଗାଡ଼ି ଛାଡ଼ିବାକୁ ଲାଞ୍ଚ ଦାବି

# ଭିଜିଲାନ୍ସ କବ୍‌ଜାରେ ଅତିରିକ୍ତ ତହସିଲଦାର ଓ ୩ ଆର୍‌ଆଇ

**ଭଞ୍ଜନଗର,୧୨।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ବେଲଗୁଣ୍ଠା ତହସିଲ କାର୍ଯ୍ୟାଳୟରେ ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଜଣେ ବାଲି ବ୍ୟବସାୟୀଙ୍କ ବାଲି ବୋଝେଇ ଗାଡ଼ି ଛାଡ଼ିବା ସକାଶେ ରସିଦ୍ ଦେବା ସମୟରେ ୧୦ ହଜାର ଟଙ୍କା ମାଗିବା ଅଭିଯୋଗରେ ଅତିରିକ୍ତ ତହସିଲଦାରଙ୍କୁ ଭିଜିଲାନ୍ସ କାବୁ କରିଛି। ଏଥିସହ ଆହୁରି ୩ ଜଣ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ମଧ ଭିଜିଲାନ୍ସ ଟିମ୍ ପଚରାଉଚରା କରିବା ସକାଶେ ବ୍ରହ୍ମପୁର ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ ନୂଆଗାଁ ନଦୀରୁ ଧୂମୁଛାଇର ଜଣେ ଟ୍ରାକ୍ଟର ଗାଡି ମାଲିକ ବେନିୟମ ଭାବେ ବାଲି ଉଠାଇ ନେଉଥିଲେ। ଏନେଇ ରାଜସ୍ୱ ବିଭାଗ କର୍ମଚାରୀମାନେ ଟ୍ରାକ୍ଟରକୁ ଜବତ କରି ନେବା ସହ ଏ ବାବଦରେ ୩୦ ହଜାର ଟଙ୍କା ଜରିମାନା କଷିଥିଲେ। ଏହାପରେ କେତେକ କର୍ମଚାରୀ ଜରିମାନା ଅର୍ଥଠାରୁ ଅଧିକ ଟଙ୍କା ଉକ୍ତ ଟ୍ରାକ୍ଟର ମାଲିକଙ୍କଠାରୁ ଦାବି କରିଥିଲେ। ଫଳରେ ଟ୍ରାକ୍ଟର ମାଲିକ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଆଜି ପୂର୍ବ ଯୋଜନା ଅନୁସାରେ, ଟ୍ରାକ୍ଟର ମାଲିକ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ରସିଦଠାରୁ ଅଧିକ ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଜଣେ କର୍ମଚାରୀଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଏହି ମାମଲାରେ ଅତିରିକ୍ତ ତହସିଲଦାରଙ୍କ ସମେତ ଆଉ ୨ ଜଣ ରାଜସ୍ୱ ନିରୀକ୍ଷକ ଜଡ଼ିତ ଥିବା ଆଶଙ୍କାରେ ସେମାନଙ୍କୁ ଭିଜିଲାନ୍ସ ଟିମ୍ ଉଠାଇ ନେଇଥିବା ସୂଚନା ରହିଛି।

● ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍ ପ୍ରଭାବ

## ଚେନ୍ନାଇ-ଶ୍ରୀଲଙ୍କା ବିମାନ ଭଡ଼ା ବୃଦ୍ଧି

**ଚେନ୍ନାଇ,୧୨।୨(ସଂଚାର ବ୍ୟୁରୋ):** ଶ୍ରୀଲଙ୍କାରେ ଫେବୃଆରୀ ୧୫ ରେ ଭାରତ-ପାକିସ୍ତାନ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଦେଖିବା ପାଇଁ ବହୁ ସଂଖ୍ୟକ ଲୋକ ଚେନ୍ନାଇରୁ ଶ୍ରୀଲଙ୍କାକୁ ଟିକେଟ ବୁକ୍ କରୁଛନ୍ତି। ଫଳସ୍ୱରୂପ, ଚେନ୍ନାଇରୁ ଶ୍ରୀଲଙ୍କାକୁ ବିମାନ ଭଡ଼ା ବହୁ ପରିମାଣରେ ବୃଦ୍ଧି କରାଯାଇଛି। ଚେନ୍ନାଇ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଦିନ ଶ୍ରୀଲଙ୍କାକୁ ୮ଟି ଏବଂ ଶ୍ରୀଲଙ୍କାରୁ ଚେନ୍ନାଇକୁ ୮ଟି ବିମାନ ପରିଚାଳନା କରେ। ଏହା ବ୍ୟତୀତ, ଶ୍ରୀଲଙ୍କା ଦେଇ ଅନ୍ୟ ଅନେକ ଦେଶକୁ ସଂଯୋଗକାରୀ ବିମାନ ଉପଲବ୍ଧ ଥିବାରୁ ଭଡ଼ା ସାଧାରଣତଃ କମ୍ ଥାଏ। ଏହି କାରଣରୁ ଚେନ୍ନାଇରୁ ଶ୍ରୀଲଙ୍କା ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ସାଧାରଣତଃ ଅଧିକ ଥାଏ। ସାଧାରଣତଃ, ଚେନ୍ନାଇ ଏବଂ ଶ୍ରୀଲଙ୍କା ମଧ୍ୟରେ ବିମାନ ଭଡ଼ା ପ୍ରାୟ ୭, ୧୨୭ ଟଙ୍କା ହୋଇଥାଏ। ତଥାପି, ୧୩ ତାରିଖରେ, ଇଣ୍ଡିଗୋ ଏୟାରଲାଇନ୍ସର ଇକୋନୋମି କ୍ଲାସ ଭଡ଼ା ୨୨, ୦୭୩ ରୁ ୨୫, ୨୦୭ ପର୍ଯ୍ୟନ୍ତ ଥିଲା, ଯେତେବେଳେକି ଶ୍ରୀଲଙ୍କା ଏୟାରଲାଇନ୍ସର ଭଡ଼ା ୪୨, ୨୩୧ ରେ ପହଞ୍ଚି ଥିଲା। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ବର୍ତ୍ତମାନ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଚାଲିଛି। ଭାରତରୁ ବହୁ ସଂଖ୍ୟକ ଲୋକ ମ୍ୟାଚ୍ ଦେଖିବା ପାଇଁ ଶ୍ରୀଲଙ୍କା ଯାତ୍ରା କରୁଛନ୍ତି। ଫଳସ୍ୱରୂପ, ଚେନ୍ନାଇରୁ ଶ୍ରୀଲଙ୍କା ଯାଉଥିବା ସମସ୍ତ ବିମାନରେ ପ୍ରବଳ ଯାତ୍ରୀ ଯାତାୟାତ ହେଉଛି। ଏହି ସମୟରେ, ଭାରତ-ପାକିସ୍ତାନ ମ୍ୟାଚ୍ ଆଗାମୀ ୧୫ ତାରିଖରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅସ୍ମିତା ଶିବିର




**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ) :** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ " ଓଡ଼ିଆ ଅସ୍ମିତା ଶିବିର -୨୦୨୬" ଉଦଘାଟିତ ହୋଇଯାଇଛି। କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଏହି ରାଜ୍ୟସ୍ତରୀୟ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଆ ଅସ୍ମିତାକୁ ଆମର ସାଂସ୍କୃତିକ ପରିଚୟ ଓ ଗୌରବ ଭାବେ ସମସାମୟିକ ଯୁବପିଢ଼ି ଗ୍ରହଣ କରିବା ଉଚିତ। ଆମର ସାଂସ୍କୃତିକ ବିଭବର ସଂରକ୍ଷଣ ଓ ପ୍ରସାର ନିମନ୍ତେ ଆମ ଯୁବପିଢ଼ି ସଂକଳ୍ପବଦ୍ଧ ଭାବେ ଉଦ୍ୟମ କରିବାକୁ ଆଗଭର ହେବା ଉଚିତ ବୋଲି ସେ କହିଥିଲେ। ବିଶେଷକରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜର ସାମାଜିକ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଧରଣର ରାଜ୍ୟସ୍ତରୀୟ ଉତ୍ସବ ଜରିଆରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଉଭୟ ସାଂସ୍କୃତିକ ଓ ସାମାଜିକ ଭାବ ବିନିମୟର ସୁଯୋଗ ସୃଷ୍ଟି ହୋଇପାରିଛି। ସାମ୍ପ୍ରତିକ ସମୟରେ ଯୁବ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସମ୍ପର୍କରେ ସେ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର ରାଜ୍ୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ "ଓଡ଼ିଆ ଅସ୍ମିତା ଶିବିର "ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବିଶଦଭାବେ ଆଲୋଚନା କରିଥିଲେ। ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ସଂଯୋଜକମାନଙ୍କୁ ନେଇ ତିନିଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଅନ୍ୱେଷଣ ଏହି ଶିବିରର ଅନ୍ୟତମ ଆଭିମୁଖ୍ୟ । ଓଡ଼ିଶାର ସାଂସ୍କୃତିକ ପରମ୍ପରା ସଂମ୍ପର୍କରେ ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କୁ ସଚେତନ କରିବା ସହ ସେମାନଙ୍କ ପ୍ରତିଭାକୁ ସ୍ୱୀକୃତି ଦେବା ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଏହି ମିଳିତ ପ୍ରୟାସ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ. ସାରଦା ପ୍ରସନ୍ନ ଦାସ ତାଙ୍କ ସ୍ୱାଗତ ଭାଷଣରେ ସୂଚନା ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧୪...

ଦିଆଯାଇଥିଲା। ପୂର୍ବ ରାଫେଲ ଚୁକ୍ତି ପରି ଏହି ଚୁକ୍ତି ମଧ ଏକ ସରକାରରୁ ସରକାର (ଜିଟୁଜି) ଚୁକ୍ତି ହେବ। ଏହି ଚୁକ୍ତି ପରେ ରାଫେଲ ନିର୍ମାଣ କରୁଥିବା ଫ୍ରେଞ୍ଚ୍ କମ୍ପାନୀ ଡାସଲ୍ଟ ଏକ ଭାରତୀୟ କମ୍ପାନୀ ସହ ଭାରତରେ କାରଖାନା ସ୍ଥାପନ କରିବ। ଏହି ଜେଟ୍‌ରେ ପ୍ରାୟ ୬୦ ପ୍ରତିଶତ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଓ ଉପକରଣ ରହିବ।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲ୍‌ରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ ହୋଇଥିବା 'ଅପରେସନ୍ ସିନ୍ଦୂର'ରେ ରାଫେଲ୍ ଜେଟ୍ ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିଥିଲା। ଏପରି ସଫଳତା ପରିପ୍ରେକ୍ଷୀରେ 'ମେକ ଇନ ଇଣ୍ଡିଆ' ପଦକ୍ଷେପ ଅଧୀନରେ ଏହି ଲଢୁଆ ବିମାନ ନିର୍ମାଣ କରିବା ସକାଶେ ନିଷ୍ପତ୍ତି ହୋଇଥିଲା। ରାଫେଲ୍ ଜେଟ୍‌ର ସଫଳତା କାରଣରୁ ଏହାକୁ 'ଅପରେସନ୍ ସିନ୍ଦୂର'ର ନାୟକ ବୋଲି ବାୟୁସେନା ଉପାଧ୍ୟକ୍ଷ ଏୟାର ମାର୍ଶାଲ ନାଗେଶ କପୁର ମତ ବ୍ୟକ୍ତ କରିଥିଲେ। ପହଲଗାମ୍ ଆତଙ୍କୀ ହମ୍‌ଲାର ଜବାବ ସ୍ୱରୂପ 'ଅପରେସନ୍ ସିନ୍ଦୂର'ରେ ରାଫେଲ୍ ଜେଟ୍ ପାକିସ୍ତାନ ସୀମାରେ ଥିବା ଦୁଇଟି ପ୍ରମୁଖ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବା ଓ ଜୈଶ-ଏ-ମହମ୍ମଦ ମୁଖ୍ୟାଳୟକୁ ଧ୍ୱଂସ କରିବାରେ ସଫଳ ହୋଇଥିଲା। ଆଜିର ନିଷ୍ପତ୍ତି ପରେ ଭାରତୀୟ ବାୟୁସେନାର ବଳ ବହୁଗୁଣିତ ହେବ, ଯାହାକି ନିଶ୍ଚିତ ଭାବେ ପଡ଼ୋଶୀ ପାକିସ୍ତାନ ଓ ଚୀନ୍ ପାଇଁ ସତର୍କ ଘଣ୍ଟି ହେବ, ଏହା କହିବା ବାହୁଲ୍ୟ ମାତ୍ର।

### ସାମିଲ...

ସମେତ କେରଳ, ତାମିଲନାଡୁ, ଗୋଆ, ଝାଡ଼ଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ ଓ ପଞ୍ଜାବ ଆଦି ରାଜ୍ୟରେ ବନ୍ଦର କିଛିଟା ପ୍ରଭାବ ଦେଖିବାକୁ ମିଳିଥିଲା। ଓଡିଶା, ଝାରଖଣ୍ଡ, ଛତିଶଗଡ ଭଳି ଖଣି ସମୃଦ୍ଧ ରାଜ୍ୟରେ ମାଲ ପରିବହନ ପୂରାପୁରି ବନ୍ଦ ହୋଇଯାଇଥିଲା। ଏଥିସହ ବିଭିନ୍ନ ରାଜ୍ୟରେ ପରିବହନ, ଖୁଚୁରା ବ୍ୟବସାୟ ଓ ଶିକ୍ଷାନୁଷ୍ଠାନ ବିଶେଷଭାବେ ପ୍ରଭାବିତ ହୋଇଥିଲା। ଦେଶର ସହରାଞ୍ଚଳଗୁଡିକରେ ମୁଖ୍ୟତଃ ବନ୍ଦ ପାଳନ ହୋଇଥିଲା। ଓଡିଶାର କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବପୁର, ବଲାଙ୍ଗୀର, ପାରାଦ୍ୱୀପ ଭଳି ସହରାଞ୍ଚଳରେ ବନ୍ଦର ସାମାନ୍ୟ ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାୟତଃ ଶାନ୍ତିଶୃଙ୍ଖଳାର ସହ ପ୍ରତିବାଦ କରିଥିଲେ ବିଭିନ୍ନ ଟ୍ରେଡ ୟୁନିୟନର ସଦସ୍ୟମାନେ। କାଁଭାଁ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲେ ସ୍ଥିତି ସେଭଳି ଅପ୍ରୀତିକର ହୋଇନଥିଲା। ଅବଶ୍ୟ ଭୁବନେଶ୍ୱରର ଆଚାର୍ଯ୍ୟ ବିହାରରେ ଫସିରହିଥିଲା ଏକ ବରଯାତ୍ରୀ ଗାଡ଼ି। ବାଲେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବରଯାତ୍ରୀ ଗାଡ଼ିକୁ ଜୟଦେବ ବିହାର ଛକରେ ବିକ୍ଷୋଭକାରୀ ଅଟକାଇଥିଲେ। ବିକ୍ଷୋଭକାରୀଙ୍କ ସହ ଅଲୋଚନା ପରେ ସ୍ଥିତି ସ୍ୱଭାବିକ ହେଇଥିଲା। ସେହିପରି ବାଲୋଶ୍ୱରରେ ମଧ ଆନ୍ଦୋଳନକାରୀଙ୍କ ଆକ୍ରୋଶର ଶିକାର ହୋଇଥିଲେ ମଲ କର୍ମଚାରୀ। ସେପଟେ ରାୟଗଡା ସହରରେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ଆନ୍ଦୋଳନକାରୀ। ଶିରିଗୁଡ଼ା ଛକରେ ପୁଲିସ ବସ ବ୍ରେକ ଫେଲ ହୋଇଥିଲା, କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଦୁର୍ଘଟଣା ଟଳିଯାଇଥିଲା। ରାଜରାସ୍ତାରେ ଯାତ୍ରୀଙ୍କୁ ଅଟକାଇବା ସହ ବିଭିନ୍ନ ସ୍ଥାନରେ ବହୁ ଅନୁଷ୍ଠାନକୁ ବି ବନ୍ଦ କରିଥିଲେ ବିକ୍ଷୋଭକାରୀ। କୋରାପୁଟ ଲମତାପୁଟରେ ନୂତନ ପାଠ୍ୟ ପୁସ୍ତକ ସମ୍ପର୍କିତ ତାଲିମ ଶିବିରକୁ ଅଧାରୁ ବନ୍ଦ କରିଥିଲେ। ଅପ୍ରୀତିକର ପରିସ୍ଥିତି ପୂର୍ବରୁ ସେଣ୍ଟର ଛାଡ଼ି ପଳାଇଥିଲେ ଶିକ୍ଷକ ଶିକ୍ଷୟିତ୍ରୀ। ସେହିପରି କେତେକ ସ୍ଥାନରେ ସ୍କୁଲ ଓ ସରକାରୀ ଅଫିସ ବି ବନ୍ଦ କରିଥିଲେ ଆନ୍ଦୋଳନକାରୀ। ହନ୍ତସନ୍ତ ହୋଇଥିଲେ ପର୍ଯ୍ୟଟକ। ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସି ଫସିଥିଲେ ଶତାଧିକ ପର୍ଯ୍ୟଟକ। ରାଜପଥ ଅବରୋଧ ଯୋଗୁଁ ମାଲ ପରିବହନ ଏକପ୍ରକାର ଠପ ହୋଇଥିଲା। ବିଭିନ୍ନ ସ୍ଥାନରେ ଅଟକି ରହିଥିଲା ଶତାଧିକ ଟ୍ରକ। ଆନ୍ଦୋଳନକାରୀ ଟ୍ରେନ ଅଟକାଇବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥନ ନୀତିକୁ ବିରୋଧ କରି ୧୦ରୁ ଅଧିକ ଶ୍ରମିକ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ସାମିଲ ହୋଇଥିବା ପ୍ରମୁଖ ଟ୍ରେଡ ୟୁନିଅନଗୁଡ଼ିକ ମଧ୍ୟରେ ରହିଛନ୍ତି ସିଟୁ, ଏଆଇଟିୟୁସି, ହିନ୍ଦ ମଜଦୁର ସଭା, ଏଆଇସିସିଟିୟୁ, ଏଲପିଏଫ ଏବଂ ୟୁଟିୟୁସି। ଏହି ଧର୍ମଘଟକୁ କଂଗ୍ରେସ ମଧ ସମର୍ଥନ କରୁଥିଲା।

### ପଞ୍ଚାରେ...

ଅନେକ ସମୟରେ ଦେଖିବାକୁ ମିଳିଛି ଯେ ଜମି ଦଲାଲ୍‌ମାନେ ଭୁଲ୍ କାଗଜପତ୍ର ପ୍ରସ୍ତୁତ କରି ଅନେକ ନିରୀହ ଲୋକଙ୍କୁ ଫସାଇ ଦେଉଛନ୍ତି। ଜମି କିଣିଥିବା ଲୋକ ଜାଗା ମୁଣ୍ଡରେ ପହଞ୍ଚିବା ପରେ ଜାଣିବାକୁ ପାଏ ଯେ ସେ ବଡ଼ ଧରଣର ଠକେଇର ଠିକାର ହୋଇଛି। ତେଣୁ ଜନସାଧାରଣଙ୍କୁ ଏପରି ଠକାମୀରୁ ରକ୍ଷା କରିବା ସକାଶେ ରାଜ୍ୟ ସରକାର ଏପରି ନୂଆ ପଦକ୍ଷେପ ନେଇଥିବା ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଜମି ପଞ୍ଚାରେ କ୍ୟୁଆର୍ କୋଡ୍ ଲାଗିଲେ, ତୁରନ୍ତ ଉକ୍ତ ଜମିର ଇତିହାସ ଓ ଭୂଗୋଳ ଜଣାପଡ଼ିଯିବ। ତା'ଛଡ଼ା ଜମି କିଣାବିକା ସମୟରେ ତୁରନ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ନିକଟକୁ ମଧ ଖବର ଚାଲିଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ମୋହନ ସରକାର ଏଭଳି ସଂସ୍କାର ଆଣିବେ। ଏଭଳି ନିୟମ କାର୍ଯ୍ୟକାରୀ ହେବା ପରେ ଜମିଜମା ଠକେଇ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ ବୋଲି ମନ୍ତ୍ରୀ ଆଶା କରିଛନ୍ତି। ଏଥିସହ ରାଜ୍ୟ ସରକାର ରାଜ୍ୟରେ ଥିବା ସମସ୍ତ ଜମିର ସର୍ଭେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସରକାରୀ ଓ ବେସରକାରୀ ଜମିର ହିସାବକିତାବ କରି ଡାଟାବେସ୍ ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି ଶ୍ରୀ ପୂଜାରୀ।

### ସିକ୍ରେଟ...

କଣ ଥିଲା ପୁଲିସ ତାହା କୋର୍ଟରେ ଦାଖଲ କରିବା କଥା। ପୁଲିସ ଏ ନେଇ ଏକ କେସ ଡାଏରୀ କୋର୍ଟରେ ଦାଖଲ କରିବା କଥା। ଆଉ ଆମକୁ ମଧ ଏକ କପି ଦେବା ଦରକାର ବୋଲି ବିକ୍ରମଙ୍କ ଓକିଲ ଦୀପକ ଦାବି କରିଛନ୍ତି। କେଉଁ କାରଣରୁ ବିକ୍ରମ ତାଙ୍କ ପୁରୁଣା ବନ୍ଧୁ ପୀତବାସ ପଣ୍ଡାଙ୍କୁ ରାସ୍ତାରୁ ହଟାଇଦେଲେ, ତାକୁ ନେଇ ପୁଲିସ ଅନେକ ଥିଓରୀ ଉପସ୍ଥାପନା କରୁଛି। ଏହି ଫଟୋ ମଧ ଏକ କାରଣ ବୋଲି ଚାର୍ଜଶିଟରେ ଉଲ୍ଲେଖ ରହିଛି। ପୀତବାସ ଏହାକୁ କୁଆଡ଼େ ସର୍ବସାଧାରଣ କରିଦେବାକୁ ଧମକ ଦେଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି କାରଣରୁ ବିକ୍ରମ ଷଡ଼ଯନ୍ତ୍ର କରି ପୀତବାସଙ୍କୁ ହଟାଇ ଦେଲେ କି ବୋଲି ପ୍ରଶ୍ନ ଉଠୁଛି।

### ଶିକ୍ଷା...

ସଂରଚନାରେ ପରସ୍ପର ସହଯୋଗୀ ଓ ସାମର୍ଥ୍ୟରେ ସାର୍ବଭୌମ ହେବ। ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଓ ଶିକ୍ଷକମାନଙ୍କ ସହାୟତା ପାଇଁ ଶିକ୍ଷା କ୍ଷେତ୍ରରେ ଏଆଇକୁ ସାମିଲ କରିବାକୁ ହେବ। ଶିକ୍ଷାର ରୂପାନ୍ତରଣ ଓ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ଦାୟିତ୍ୱସମ୍ପନ୍ନ, ନୈତିକ, ସମାବେଶୀ ଓ ଭାରତ-କେନ୍ଦ୍ରିତ ସାର୍ବଭୌମ ଏଆଇ ମଡେଲ୍ ପ୍ରସ୍ତୁତି ପାଇଁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଇଆଇଟି ବମ୍ବେ ଓ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ମାନୁଫ୍ୟାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳୀକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ଦେଶର ୩୦ କୋଟି ଛାତ୍ରଛାତ୍ରୀ ଓ କୋଟି କୋଟି ଶିକ୍ଷକଙ୍କ ପାଇଁ ଏକ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ନିର୍ମାଣ କରିବା ସରକାରଙ୍କ ଲକ୍ଷ୍ୟ। ସେ ଆହୁରି କହିଛନ୍ତି ଯେ ୨୦୩୫ ସୁଦ୍ଧା ଭାରତର ଅର୍ଥନୀତିରେ ଏଆଇର ଅବଦାନ ୧.୭ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି। ଏଆଇ କେବଳ ଏକ ଟେକ୍ନୋଲୋଜି ନୁହେଁ, ବରଂ ଏହା ଭାରତର 'ଆସ୍ପିରେସନାଲ୍ ଇଣ୍ଡିଆ' (ମାନବୀୟ ସମ୍ବଳ)ର ଆକାଂକ୍ଷାକୁ ପୂରଣ କରିବା ଦିଗରେ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ଜଣେ ଯୁବକଙ୍କ ଦ୍ୱାରା ପ୍ରସ୍ତୁତ 'ଭତ୍ରୀ' (ଟ୍ରାଇବାଲ ଲାଙ୍ଗୁଏଜ୍) ଏଆଇ ମଡେଲ୍‌ର ଉଦାହରଣ ଦେବା ସହ ଦେଶର ପ୍ରତିଭାକୁ ପ୍ରଶଂସା କରିଛନ୍ତି।

### ୨୬୦ କୋଟି...

ପାଇଁ ଆମେରିକାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଦାବି କରାଯାଇଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ପୁଲିସ ବିଭାଗ ପକ୍ଷରୁ ଅଭିଯୁକ୍ତ ଡ୍ରାଇଭରକୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସେତେବେଳେ ତାକୁ ୫ ହଜାର ଡଲାର କ୍ଷତିପୂରଣ ଦେବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ଏହି ଘଟଣାରେ ଅଭିଯୁକ୍ତକୁ ୨୬୦ କୋଟିର କ୍ଷତିପୂରଣ ପ୍ରଦାନ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଭାରତୀୟ ଛାତ୍ରୀଙ୍କ ନାମ ଜାହ୍ନବୀ କଣ୍ଡୁଲା ଥିବା ବେଳେ ତାଙ୍କ ଉପରେ ପୁଲିସ୍ ବିଭାଗ ଡ୍ରାଇଭର୍ କେଭିନ୍ ଡେଭ୍ ଗାଡ଼ି ଚଢ଼ାଇ ଦେଇଥିଲା। ସେତେବେଳେ କେଭିନ୍‌ଙ୍କ ଗାଡ଼ିର ଗତି ଘଣ୍ଟା ପ୍ରତି ପ୍ରାୟ ୧୨୦ କିମି ଥିଲା। ଏକ ନିଶା କାରବାର ମାମଲା ସମ୍ପର୍କରେ ଖବର ପାଇବା ପରେ ସେ ଅତି ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଏହି ସମୟରେ ସେ ଜରୁରୀକାଳୀନ ଲାଇଟ୍ ସହ ସାଇରନ୍ ମଧ ବ୍ୟବହାର କରିଥିଲେ। କିନ୍ତୁ ତାଙ୍କ ଗାଡ଼ି ଜାହ୍ନବୀଙ୍କୁ ଧକ୍କା ଦେଇଥିଲା ଓ ଘଟଣାସ୍ଥଳରେ ହିଁ ଜାହ୍ନବୀ ପ୍ରାଣ ହରାଇଥିଲେ। ସମସ୍ତ ଘଟଣା ଆମେରିକାର ସିଟଲ ସହରରେ ଘଟିଥିଲା। ବୁଧବାର ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି ସିଟଲର ଆଟର୍ଣ୍ଣି ଏରିକା ଇଭାନ୍। ସେ କହିଛନ୍ତି ଯେ ଜାହ୍ନବୀଙ୍କ ମୃତ୍ୟୁ ତାଙ୍କୁ ବ୍ୟଥିତ କରିଛି। ଏହା ବେଶ୍ ହୃଦୟ ବିଦାରକ। ଏହା ତାଙ୍କ ପରିବାର ଓ ସାଙ୍ଗସାଥୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଗତ ଶୁକ୍ରବାର ଏକ ସ୍ଥାନୀୟ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ପ୍ରଥମେ ଜାହ୍ନବୀଙ୍କ ପରିବାର କୌଣସି ମେଲ୍ କିମ୍ବା ଫୋନ୍ କଲର୍ ଉତ୍ତର ଦେଇ ନ ଥିଲେ। ପରେ ତାଙ୍କ ଓକିଲ କୋର୍ଟରେ ହାଜର ହୋଇଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା, ଯାହା ପରେ ଆର୍ଥିକ ସହାୟତା ନେଇ ଉପରୋକ୍ତ ରାଶି ଘୋଷଣା କରାଯାଇଥିଲା। ଜାହ୍ନବୀ ସିଟଲର ଉତ୍ତର-ପୂର୍ବ କ୍ୟାମ୍ପସରେ ମାଷ୍ଟର୍ ଡିଗ୍ରୀ କରୁଥିବା ବେଳେ ତାଙ୍କ ମୃତ୍ୟୁ ପରେ ଅନେକ ଭିଡିଓ ସାମ୍ନାକୁ ଆସିଥିଲା। ପୁଲିସ ଡ୍ରାଇଭର୍ ଜଣଙ୍କ ଏହି ଘଟଣାକୁ ଗୁରୁତର ସହକାରେ ନେଇନଥିଲା। କିଛି ଅଧିକାରୀଙ୍କ ଶରୀରରେ ଲାଗିଥିବା କ୍ୟାମେରାରେ ସେମାନେ ହସୁଥିବା ଓ ଜାହ୍ନବୀଙ୍କ ଜୀବନର ମୂଲ୍ୟ ଢେର୍ କମ୍ ଥିବା କହୁଥିବା ସ୍ପଷ୍ଟ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆକ୍ରୋଶ ବଢ଼ିଥିଲା।

### ବିଜେଡି...

ଯେତେବେଳେ କଟାଗଲା, ସେତେବେଳେ ସଭାପତି ଭାବେ ସେ କାହିଁକି ହସ୍ତକ୍ଷେପ କଲେ ନାହିଁ ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ମୁଁ ଯାହା କହୁଛି ଶ୍ରୀଜଗନ୍ନାଥଙ୍କୁ ଅନେଇ କହୁଛି। ସତର ବଳ ହଜାରେ ହାତୀର ବଳ ସହ ସମାନ। କିନ୍ତୁ ମିଛର ବଳ ହଜାରେ ଗଧ ସହ ସମାନ। ତେଣୁ କିଏ ଗଧ କିଏ ହାତୀ, ଏକଥା ରାଜ୍ୟବାସୀ ବିଚାର କରିବେ।

ବିଜେଡିରୁ ହତାଶ ହେବା ପରେ ସେ ବିଜେପିରେ ଯୋଗ ଦେଇଛନ୍ତି। କିନ୍ତୁ ବିଜେପିର କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନାହିଁ। ଏନେଇ ସେ କହିଛନ୍ତି ଯେ ସେ ପ୍ରଚାରରେ ବିଶ୍ୱାସ କରନ୍ତି ନାହିଁ। ଏବେ ସେ ସାରା ରାଜ୍ୟ ବୁଲୁଛନ୍ତି ଆଉ ଲୋକଙ୍କ ମତାମତ ପଢୁଛନ୍ତି। ମାତ୍ର ଦୁଇ ବର୍ଷ ଧରି ବିଜେପି ସରକାର ଶାସନକୁ ଆସିଥିଲେ ବି ଲୋକଙ୍କ ଗଭୀର ବିଶ୍ୱାସ ରହିଛି। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ବହୁତ ଭଲ କାମ କରୁଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ସ୍ତରରେ ଓଡ଼ିଶାକୁ ନୂଆ ପରିଚୟ ଦେଇଛନ୍ତି। ତେଣୁ ୨୦୨୯ ବେଳକୁ ଆଉ ବିଜେଡି ଫେରିପାରିବ ନାହିଁ ବୋଲି ସେ ଦୃଢ଼ ଭାବେ କହିଛନ୍ତି। ୨୦୨୪ରେ ନବୀନ କି ତାଙ୍କ ପରାମର୍ଶଦାତାମାନେ ଜନମତକୁ ପଢ଼ି ପାରିନଥିଲେ। ଯେଉଁମାନେ କହିବାକୁ ଚାହୁଁଥିଲେ, ସେମାନଙ୍କୁ ସୁଯୋଗ ମଧ ଦିଆଯାଉନଥିଲା।

ତେବେ ୨୦୨୯ରେ ସେ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ସେତେବେଳର ସ୍ଥିତି କ'ଣ ଥିବ, ସେନେଇ ବିଚାର କରାଯିବ। ରାଜନୈତିରେ ସବୁବେଳେ ସବୁକଥା ସମାନ ନଥାଏ। ତେଣୁ ଏବେ ଆହୁରି ୩ ବର୍ଷ ଅଛି, ସେ ଲୋକଙ୍କ ସହ ସବୁବେଳେ ଥିଲେ ଆଉ ଅଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ସହ ଗୋଟେ ପର୍ଯ୍ୟାୟ କ୍ରମେ ରାଜ୍ୟ ବୁଲିଛି। ଏବେ ପୁଣିଥରେ ରାଜ୍ୟ ବୁଲୁଛି, ଲୋକଙ୍କୁ ଭେଟୁଛି, ସେମାନଙ୍କ ମତ ନେଉଛି।

### ପାଣ୍ଡ୍ୟା...

ସେ ପୁଣିଥରେ ସୁଯୋଗର ଫାଇଦା ନେବାରେ ବିଫଳ ହୋଇଥିଲେ। ସେ ଆଉଟ୍ ହେବା ପରେ ତିଲକ ବର୍ମାଙ୍କ ସହ ଈଶାନ୍ ମାତ୍ର ୩୧ ବଲ୍‌ରେ ୭୯ ରନ୍ ଯୋଡ଼ିବା ସହ ୨୦ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ଅବସରରେ ଭାରତ ଟି-୨୦ ବିଶ୍ୱକପ୍ ଇତିହାସରେ ସବୁଠାରୁ କମ୍ ବଲ୍‌ରେ ୧୦୦ ରନ୍ ପୂରଣ କରିଥିଲା। ଈଶାନ୍ ମାତ୍ର ୨୪ଟି ବଲ୍‌ରେ ୬ଟି ଚୌକା ଓ ୫ଟି ଛକା ମାଧ୍ୟମରେ ୬୧ ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ଭାରତ ସଅଳ ଦୁଇଟି ୱିକେଟ୍ ହରାଇଥିଲା। କିନ୍ତୁ ଅଭିଜ୍ଞ ହାର୍ଦ୍ଦିକ ୩୯ଟି ବଲ୍‌ରେ ଶିବମ୍ ଦୁବେଙ୍କ ସହ ୮୧ ରନ୍ ଯୋଡ଼ି ଭାରତକୁ ବଡ଼ ଟାର୍ଗେଟ୍ ଆଡ଼କୁ ଅଗ୍ରସର କରାଇଥିଲେ। ଦୁବେ ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୨୩ ରନ୍ କରିଥିବା ବେଳେ ତିଲକ ୨୫ ରନ୍ କରିଥିଲେ। ନାମ୍ବିଆ ପକ୍ଷରୁ ଅଧିନାୟକ ଗେରହାର୍ଡ ଏରାସ୍‌ମସ୍ ସଫଳତମ ବୋଲର୍ ଭାବେ ୪ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ଯଦିଓ ଦୁଇ ଓପନରଙ୍କ ୩୩ ରନ୍ ପାଇବା ସହ ୮୬ ରନ୍ ସୁଦ୍ଧା ମାତ୍ର ୨ଟି ୱିକେଟ୍ ହରାଇଥିଲା। କିନ୍ତୁ ଏହାପରେ ଭାରତୀୟ ବୋଲର୍‌ମାନେ ଦବ୍‌ଦବା ଜାହିର୍ କରିବା ଫଳରେ ନାମ୍ବିଆ ୧୮.୨ ଓଭର୍‌ରେ ମାତ୍ର ୧୧୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଲୌରେନ୍ ଷ୍ଟିନ୍‌କ୍ୟାମ୍ପ୍ ୨୯ ଓ ଜାନ୍ ଫ୍ରିଲିଙ୍କ୍ ୨୨ ରନ୍ କରିଥିବା ବେଳେ ଭାରତ ପକ୍ଷରୁ ହାର୍ଦ୍ଦିକଙ୍କ ବ୍ୟତୀତ ବରୁନ୍ ଚକ୍ରବର୍ତ୍ତୀ ୩ଟି ଓ ଅକ୍ଷର ପଟେଲ୍ ୨ଟି ୱିକେଟ୍ ନେଇଥିଲେ। ସୂଚନାଯୋଗ୍ୟ ଯେ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ୨୯ ରନ୍‌ରେ ପରାସ୍ତ କରିଥିଲା। ଏଥିସହ ଦଳ ତା'ର ତୃତୀୟ ମ୍ୟାଚ୍‌ରେ ଆସନ୍ତା ୧୫ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

## ଫଗୁ ଉତ୍ସବ ଉପଲକ୍ଷେ ଉତ୍କଳ ଯାଦବ ସମାଜ କଲ୍ୟାଣ ସମିତିର ପ୍ରସ୍ତୁତି ବୈଠକ

**କୋଲକାତା,୧୨।୨(ସଂଚାର ବ୍ୟୁରୋ):** କୋଲକାତାର ଯାଦବମାନଙ୍କ ସଂଗଠନ ଉତ୍କଳ ଯାଦବ ସମାଜ କଲ୍ୟାଣ ସମିତି ବାର ମାସ ତେର ପର୍ବରେ ମାତିଥାନ୍ତି। ସେମାନଙ୍କ ମୂଳ ପର୍ବ 'ଫଗୁ ଉତ୍ସବ'। ଚଳିତ ବର୍ଷ ଫଗୁ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ ପାଇଁ ଆଜାଦଗଡ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ସଭାପତି ଅରୁଣ କୁମାର ପଲାଇ ସଭାପତିତ୍ୱ କରିଥିବା ବେଳେ ସଂପାଦକ ପ୍ରଶାନ୍ତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ସଂଗଠକ ଅନନ୍ତ କୁମାର ସେନାପତି, ସନ୍ୟାସୀ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୨ ଫେବୃଆରୀ ରବିବାର ସକାଳ ଆଠ ଘଟିକା ସମୟରେ ଆଜାଦଗଡ ମା କଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଫଗୁ ଉତ୍ସବ ଅନୁଷ୍ଠିତ ହେବ। ସକାଳ ୯ ଘଟିକା ସମୟରେ ଆଲିପୁରର କୀର୍ତ୍ତନ ମଣ୍ଡଳିଙ୍କ ଦ୍ୱାରା ନଗର ପରିକ୍ରମା ଓ ଫଗୁ ଖେଳ ଅନୁଷ୍ଠିତ ହେବ।

## ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

**କୋଲକାତା,୧୨।୨(ସଂଚାର ବ୍ୟୁରୋ):** ସଲ୍ଟଲେକର ଜିଡି ୯୧ ନମ୍ବର ଘରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଏହି ଘଟଣାକୁ ନେଇ ସ୍ୱାଭାବିକ ଭାବରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକଙ୍କ ନାମ ତାପସ ରାୟ । ୬୫ ବର୍ଷିୟ ଏହି ବ୍ୟକ୍ତି ସେହି ଘରେ ଏକା ରହୁଥିଲେ। ଦକ୍ଷିଣ ବିଧାନ ନଗର ଥାନାର ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତାପସ ରାୟ ବୁଧବାର ଠାରୁ ଦେଖାଯାଇ ନଥିଲେ। ସେହି ଦିନ ଜଣେ ପଡ଼ୋଶୀ ତାଙ୍କୁ ଫୋନ୍ କରିଥିଲେ। ଫୋନ୍ ବାଜିଥିଲା କିନ୍ତୁ ସେ ଉତ୍ତର ଦେଇନଥିଲେ। ସନ୍ଦେହ ହେବାରୁ ଦକ୍ଷିଣ ବିଧାନ ନଗର ଥାନାକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ମୃତଦେହ ଦ୍ୱିତୀୟ ମହଲାର ବାଥରୁମରୁ ଉଦ୍ଧାର କରାଯାଇଥିଲା। ସ୍ତ୍ରୀଙ୍କଠାରୁ ଛାଡପତ୍ର ପରେ ସେ ସଲ୍ଟଲେକର ସେହି ଘରେ ଏକା ରହୁଥିଲେ।

## ଇ-ପତ୍ରିକା 'ସୂର୍ଯ୍ୟପ୍ରଭା' ଉନ୍ମୋଚିତ

**କୋଲକାତା,୧୨।୨(ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଛି ମାସିକ ଇ-ପତ୍ରିକା 'ସୂର୍ଯ୍ୟପ୍ରଭା' ଦ୍ୱିତୀୟ ବର୍ଷର ତୃତୀୟ ଅଙ୍କ। ଉତ୍ସବର ଶୁଭାରମ୍ଭ କରିଥିଲେ ସଂପାଦକ ଡଃ ବାମନ ଚନ୍ଦ୍ର ଦୀକ୍ଷିତ। ବିଶିଷ୍ଟ କବୟିତ୍ରୀ ମୈତ୍ରେୟୀ କମିଳାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ସ୍ୱନାମଧନ୍ୟ କବି, କବୟିତ୍ରୀ ଏବଂ ସାହିତ୍ୟିକ ଯୋଗ ଦେଇଥିଲେ।

## ଭାରତ ବନ୍ଦ୍‌ର ପ୍ରଭାବ

## ହିଞ୍ଜିଳିରେ ହନ୍ତସନ୍ତ ହେଲେ ଯାତ୍ରୀ




**ହିଞ୍ଜିଳିକାଟୁ,୧୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ଆଜି ଭାରତ ବନ୍ଦ ଡାକରା ଦେଇଥିଲା ଟ୍ରେଡ ୟୁନିୟନ । ଏନେଇ ହିଞ୍ଜିଳିକାଟୁ ବ୍ଲକ ଛକରେ ଏଆଇଟିୟୁସି ସମେତ ବିଭିନ୍ନ ଟ୍ରେଡ଼ ୟୁନିୟନ (ଶ୍ରମିକ ସଂଗଠନ) ର ଶତାଧିକ କର୍ମୀ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନେ ହାତରେ ପତାକା, ପୋଷ୍ଟର ବ୍ୟାନର ଆଦି ଧରି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜାତୀୟ ରାଜପଥକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ।ଚକ ଅଖ ବନ୍ଦ ଫଳରେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ବସ୍ ଷ୍ଟାଣ୍ଡରେ ବସ୍ ନଥିବାରୁ ଯାତ୍ରୀ ମୁଣ୍ଡରେ ହାତଦେଇ ବସିଥିଲା। ବିଭିନ୍ନ ଅଫିସକୁ ଆସୁଥିବା କର୍ମଚାରୀ ମଧ୍ୟ ସିଟି ବସ୍ ଏବଂ ଅଟୋକୁ ଅପେକ୍ଷା କରି କରି ନିରାଶ ହୋଇଥିଲେ। ଭାରତ ବନ୍ଦ ପ୍ରଭାବରେ ଆଜି ଗାଡିମୋଟର ସେବା ବନ୍ଦ ରହିଥିବା ବେଳେ ଅଟୋ ଚଳାଉଥିବା କିଛି ଯୁବକମାନେ କିନ୍ତୁ ଏହାର ଭରପୂର ମାତ୍ରାରେ ଫାଇଦା ଉଠାଇଥିଲେ ।

## ଖୋର୍ଦ୍ଧାରେ ସାଧାରଣ ଜୀବନଯାତ୍ରା ବ୍ୟାହତ



**ଖୋର୍ଦ୍ଧା,୧୨।୨ (ସଂଚାର ବ୍ୟୁରୋ):** ନୂତନ ଶ୍ରମ ଆଇନକୁ ବିରୋଧ କରି କୃଷକମାନଙ୍କ ସମର୍ଥନରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଗୁଡ଼ିକ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦେଇଥିବାରୁ ଖୋର୍ଦ୍ଧାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଏହି ଧର୍ମଘଟକୁ ଅନେକ କୃଷକ ସଂଗଠନ ସମର୍ଥନ କରିଛନ୍ତି। ବନ୍ଦ ସମୟରେ ବ୍ୟାଙ୍କିଂ, ସାଧାରଣ ପରିବହନ, ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ବାଧାପ୍ରାପ୍ତ ହୋଇଛି। ବ୍ୟବସାୟ ପ୍ରତିଷ୍ଠାନ ମଧ ପ୍ରଭାବିତ ହୋଇଛି। ବିକ୍ଷୋଭକାରୀମାନେ ରାଜପଥ ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଏବଂ ରାସ୍ତା ଅବରୋଧ କରିବା ଯୋଗୁଁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତଥାପି ହସ୍ପିଟାଲ, ଆମ୍ବୁଲାନ୍ସ ସେବା, ଔଷଧ ଦୋକାନ, ଜଳ ଯୋଗାଣ, ବିଦ୍ୟୁତ୍ ଏବଂ ଅଗ୍ନିଶମ ସେବା ସମେତ ଅତ୍ୟାବଶ୍ୟକୀୟ ଏବଂ ଜରୁରୀକାଳୀନ ସେବାଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରିଥିଲା। ଖୋର୍ଦ୍ଧାରେ ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ସଫଳ ହୋଇଛି ।

## ନୀଳଗିରି ବନ୍ଦ ଡାକରା ସଫଳ



**ନୀଳଗିରି,୧୨।୨ (ସଂଚାର ବ୍ୟୁରୋ):** ଭାରତ ବର୍ଷ ରଏଆଇଟିୟୁସି, ସିଟୁ, ଆଇଏନଟିୟୁସି, ଏଚଏମଏସ ସମେତ ୧୦ ଗୋଟି ଶ୍ରମିକ ସଂଗଠନ ସମେତ ଆଞ୍ଚଳିକ ଶ୍ରମିକ ସଂଗଠନ ମୋଟ ୩୦ ଗୋଟି ଶ୍ରମିକ ସଂଗଠନ ଡାକରାରେ ୧୨ ଫେବୃଆରୀକୁ ହରତାଳ ଜରିଆରେ ଶ୍ରମ ଆଇନ ସଂଶୋଧନ ବିରୁଦ୍ଧରେ ବନ୍ଦ ଡାକରା ଦିଆ ଯାଇଥିଲା। ଏହି ବନ୍ଦକୁ ନୀଳଗିରି ରେ ସଫଳ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସ ବାଦ କମ୍ୟୁନିଷ୍ଟ ପାର୍ଟି, ଜାତୀୟ କଂଗ୍ରେସ ଏବେ ବିଜୁ ଜନତା ଦଳର ସମର୍ଥନ ରେ ନୀଳଗିରିର ବନ୍ଦ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା । ସକାଳ ୬ ଘଟିକାରୁ ନୀଳଗିରିର ପରିବା ମାର୍କେଟ ଠାରୁ ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ, ଡାକ ଅଫିସ, ରେଞ୍ଜ ଅଫିସ, ତହସିଲ, କଚେରୀ ଓ ବ୍ଲକ, ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ,ଅଦାଲତ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଓକିଲ ମାନେ କୋଟ ବର୍ଜନ କରିଥିବା ବେଳେ କେବଳ ପୋଲିସ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ଏହି ଧର୍ମଘଟରେ ୧୦୦ରୁ ଉର୍ଦ୍ଧ୍ୱ ପାଚିକା, ବିଭିନ୍ନ ଦଳର କର୍ମୀଙ୍କ ସହ ୩ ଶହରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା ।

## ପାରାଦୀପରେ ଭାରତ ବନ୍ଦର ପ୍ରଭାବ



**ପାରାଦୀପ,୧୨।୨ (ସଂଚାର ବ୍ୟୁରୋ):** ଆଜି ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା। ଏହି ବନ୍ଦ ଡାକରାରେ ପାରାଦୀପ ବନ୍ଦର ସମେତ ପାରାଦୀପ ରେ ଥିବା ସମସ୍ତ ଶିଳ୍ପ କାରାଖାନା ରେ ଏହାର ପ୍ରଭାବ ପଡିଛି। କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ର ସରକାର ବିରୋଧରେ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ଡାକରାରେ ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ସମର୍ଥନ କରିଛନ୍ତି। ଦେଶର ୧୦ ଗୋଟି ଟ୍ରେଡ ୟୁନିଅନ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଚାଷୀ ସଂଗଠନ ସମର୍ଥନରେ ଅନେକ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଦେଶବ୍ୟାପୀ ଧର୍ମଘଟ ଡାକରାରେ ଆଜି ପାରାଦୀପ ବନ୍ଦର ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ ର ଶ୍ରମିକ ମାନେ ଏହି ଧର୍ମଘଟ ରେ ସାମିଲ ହୋଇଛନ୍ତି। ଏହି ଧର୍ମଘଟ ରେ ପାରାଦୀପ ବନ୍ଦର ସମେତ ଆଇଓସିଏଲ୍ ଓ ବିଭିନ୍ନ ଶିଳ୍ପାନୁଷ୍ଠାନ ରେ ଏହାର ପ୍ରଭାବ ପଡିଛି। କେନ୍ଦ୍ର ସରକାର ଆଣିଥିବା ୪ଟି ଶ୍ରମକୋର୍ଡ ଆଇନ ବିରୋଧ ରେ ୧୦ଟି କେନ୍ଦ୍ରିୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍ ଡାକରାରେ ଆଜି ଏହି ଧର୍ମଘଟ ପାରାଦୀପରେ ସଫଳ ହୋଇଛି । ଏହି ଧର୍ମଘଟ ରେ ପାରାଦୀପ ର ସମସ୍ତ ୧୦ଟି ଟ୍ରେଡ ୟୁନିୟନ ଏଥିରେ ସାମିଲ ହୋଇଛନ୍ତି।

### ମାଲିକ ଓ ଆର୍‌ଆଇଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ବେଆଇନ ଚିଙ୍ଗୁଡି ଘେରି

# ପଚାଶ ଏକର ଚାଷଜମି କ୍ଷତିଗ୍ରସ୍ତ

**ବାଲିଆପାଳ,୧୨।୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଦିନକୁ ଦିନ ବେଆଇନ ଚିଙ୍ଗୁଡି ଘେରି ବଢ଼ିବାରେ ଲାଗିଛି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନିରବ ରହିବା ଫଳରେ ମାଲିକ ମାନେ ଏକର ଏକର ଚାଷ ଜମି ମଝିରେ ଚିଙ୍ଗୁଡି ଘେରି କରୁଥିବାରୁ ଚାଷ କ୍ଷତିଗ୍ରସ୍ତ ହେଉଛି।

ସୂଚନା ଅନୁସାରେ ଚଉମୁଖ ଗ୍ରାମରେ ଉତ୍ତର ପାର୍ଶ୍ୱରେ ପଚାଶ ଏକରରୁ ଅଧିକ ବିଲରେ ଧାନ ଚାଷ କରି ୫୦ଟି ପରିବାର ଚଳିଥାନ୍ତି। ମାତ୍ର ସେହି ଗ୍ରାମର ରଞ୍ଜନ କୁମାର ପାତ୍ର ବିଲ ମଝିରେ ନିଜସ୍ୱ ଜାଗାରେ ବେଆଇନ ଚିଙ୍ଗୁଡି ଘେରି କରି ଲୁଣି ପାଣି ସାଙ୍ଗକୁ କେମିକାଲଯୁକ୍ତ ପାଣି ନିଷ୍କାସନ କରିବା ଫଳରେ ପାଖରେ ଥିବା ବିଲରେ ନୂଆ କରି ରୁଆ ଯାଇଥିବା ଧାନ



ଗଛ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଛି। ଏନେଇ ପାଞ୍ଚଦିନ ପୂର୍ବରୁ ଗ୍ରାମବାସୀ ତହସିଲର ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ତହସିଲଦାର ରାମହରି ଦାସ ସ୍ଥାନୀୟ ଆରଆଇଙ୍କୁ ରିପୋର୍ଟ ମାଗିଥିଲେ। ମାତ୍ର ଆରଆଇ ଏପର୍ଯ୍ୟନ୍ତ ତଦନ୍ତ କରିବା ପାଇଁ ଥରେ ବି ଆସିନାହାନ୍ତି ବୋଲି ଗ୍ରାମବାସୀ ଜନ୍ମଞ୍ଜୟ ପାତ୍ର, ମନ୍ମଥ ମହାରଣା, ରମେଶ ଦେ, କରଣ ଚନ୍ଦ୍ର ମହାରଣା, ବିନୋଦ ବିହାରୀ କର, ଶାନ୍ତି ଲତା ପଣ୍ଡା, ବିଜୟ ଖଟୁଆ, ବାବୁରାମ ଖଟୁଆ ପ୍ରମୁଖ ଅଭିଯୋଗ କରିଛନ୍ତି।

ଚାଷୀମାନେ ନିରାଶ ହୋଇ ବୁଧବାର ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହିତ ଚାଷୀଙ୍କର କ୍ଷତିପୂରଣ, ସେଠାରେ ଚିଙ୍ଗୁଡି ଘେରିକୁ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି। ଆର୍‌ଆଇ ସୃଷ୍ଟି ଧର ପଞ୍ଚାୟତ ସରକାରୀସ୍ତରରେ ବହୁ କାମ କରିବା ପାଇଁ ପଡୁଛି କହି ବାହାନା କରି ତଦନ୍ତ କରିବା ପରିବର୍ତ୍ତେ ମାଲିକଙ୍କ ଠାରୁ ମୋଟା ଅଙ୍କରେ ଅର୍ଥ ନେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଆର ଆଇ କୈଣସି ଅର୍ଥ କାରବାର ହୋଇନଥିବା କଥା ଅସ୍ୱୀକାର କରିଛନ୍ତି। ଶୁକ୍ରବାର ଏହି ଘଟଣାକୁ ଅନୁଧ୍ୟାନ କରି କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି।

## ୩ ଜନ୍ତୁ ଅବଶେଷ ତସ୍କରଙ୍କୁ କୋର୍ଟ ଚାଲାଣ




**ନୀଳଗିରି,୧୨।୨ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ କୁଲଡିହା ବନ ବିଭାଗ ପକ୍ଷରୁ ପୁଣି ଜଣେ ମହିଳାଙ୍କ ସମେତ ୩ଜଣ ଜଙ୍ଗଲିଜନ୍ତୁ ଦେହାବଶେଷ ତସ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୫୦ଟି ବଜ୍ରକାପ୍ତା କାତି ସହିତ ତିନୋଟି ମୋବାଇଲ ଫୋନ ଏବଂ ଦୁଇଟି ବାଇକ୍ ଜବତ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି। ଅଭିଯୁକ୍ତ ମାନଙ୍କ ମଧରେ ଜଣେ ମହିଳା ତସ୍କର ଥିବାରୁ ମହିଳାଙ୍କ ସଂପୃକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଜି ସେମାନଙ୍କୁ ମାନ୍ୟବର ନୀଳଗିରି ଏସଡିଜେଏମ କୋର୍ଟରେ ହାଜର କରାଯାଇଥିବା ବେଳେ ଓ. ଆର ୧୭କେ ୨୦୨୫/୨୬କେସରେ ଆଜିସୁଦ୍ଧା ମୋଟ ୧୭ଜଣଙ୍କୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ବନ୍ଧଗଡରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଫୁଲବାଣୀ,୧୨।୨ (ସଂଚାର ବ୍ୟୁରୋ):** ଚକ୍ଷୁ ମଣିଷର ଏକ ଗୁରୁତ୍ୱ ଅଙ୍ଗ ହୋଇଥିବା ବେଳେ ଦୁନିଆ କୁ ଦେଖିବା ପାଇଁ ଏହାର ସ୍ୱଚ୍ଛତା ବଜାୟ ରହିବା ନିତ୍ୟାନ୍ତ ଆବଶ୍ୟକ । ଏହାକୁ ଗୁରୁତ୍ୱ ଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଲେପ୍ରା ସୋସାଇଟି ଓ ମାହାନଦୀ ନେତ୍ର ଚିକିତ୍ସାଳୟଙ୍କ ମିଳିତ



ସହଯୋଗରେ ବନ୍ଧଗଡ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ଥାନୀୟ ଅଂଚଳରେ ଥିବା ସମସ୍ତ ବ୍ୟକ୍ତି ବିଶେଷ ଙ୍କ ଚକ୍ଷ୍ୟୁ ପରିକ୍ଷା କରି ମୋତିଆ ବିନ୍ଦୁ ଚିହ୍ନଟ କରିବା ଓ ଏହାର ଅସ୍ତ୍ରୋପଚାର କରାଇ ଠିକ୍ କରିବା । ଶିବିରରେ ତଳଦଣ୍ଡିକିଆ, ବନ୍ଧଗଡ, ରତଙ୍ଗ ଓ ପବିଙ୍ଗିଆ ପଂଚାୟତରୁ ୨୦ ଜଣରୁ ଅଧିକ ବ୍ୟକ୍ତି ନିଜର ଆଖି ମାଗଣାରେ ପରିକ୍ଷା କରିବା ସହିତ ଚିକିତ୍ସା କରାଇଥିଲେ । ସେଥି ମଧରୁ ତିନି ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠା ଯାଇଥିବା ବେଳେ ୦୫ ଜଣଙ୍କୁ ସୁଲଭ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା ।ସେହିପରି ଅନ୍ୟମାନଙ୍କର ଚକ୍ଷୁ ପରିକ୍ଷା କରି ଆଖି ଡ୍ରପ୍ ମାଗଣାରେ ବିତରଣ କରିବା ସହିତ ଆଖିର କିପରି ଯତ୍ନ ନେବେ ତାହା ଆଖି ସ୍କ୍ରିନଂ ଅଫିସର୍ ମହେନ୍ଦ୍ର ମେହେର ପରାମର୍ଶ ଦେଇଥିଲେ ।

## ଚୋରା ମଦ ଜବତ, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ,୧୨।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଁ ଏଏସଆଇ ପି.କେ. ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ପାନଦୋକାନରେ ଚଢ଼ାଉ କରି ପାନ ଦୋକାନରୁ ୫ ଲିଟର ୨୨୦ମିଲି ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀ ବାପି ବେହେରା (୩୫) ଙ୍କୁ ଧରି ଅସ୍ତରଙ୍ଗ ଥାନାରେ ପଚରା ଉଚରା କରିଥିଲେ। ଅସ୍ତରଙ୍ଗ ଥାନା



କେଶ ନମ୍ବର ୨୫/୨୬ ସହ ଅବକାରୀ ବିଭାଗ ରେ ମାମଲା ରୁଜୁ କରିବା ସହ ଗୁରୁବାର ବାପିଙ୍କୁ କୋର୍ଟ ଚାଲାଣ କରାଯାଇଛି ଯାହାକି ଅସ୍ତରଙ୍ଗ ଥାନା ଅଧିକାରିଣୀ ବିଦିତା ନାୟକ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଚୋରା ମଦ କାରବାର ସହ ନିଶା, ଅପରାଧୀଙ୍କ ଗତିବିଧି ଉପରେ ପୁଲିସ ନଜର ରହିବ ବୋଲି ସୂଚନା ମିଳିଛି।

## ମହିଳା ଉଦ୍ୟୋଗୀ ନିବେଦିତାଙ୍କୁ ସମ୍ବର୍ଦ୍ଧିତ କଲେ ଉପମୁଖ୍ୟମନ୍ତ୍ରୀ




**ନୀଳଗିରି,୧୨।୨ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଲୋକସଭା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନିବେଦିତା ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏହି ଖବର ପ୍ରଚାରିତ ହେବା କ୍ଷଣି ନୀଳଗିରିରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଧୋବିଶିଳା ପଂଚାୟତ ଗୋପୀନାଥପୁର ଗ୍ରାମର ଝିଅ ଏବଂ ବୋହୂ ହେଉଛନ୍ତି ନିବେଦିତା ପଣ୍ଡା। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମୁକେଶ ମହାଲିଙ୍ଗ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ,ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି,ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ,ଡ. ମୃଣାଳିନୀ ଦର୍ଶୱାଲ୍ ଏବଂ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀମତୀ ପଣ୍ଡା କେବଳ ଜଣେ ସଫଳ ମହିଳା ଉଦ୍ୟୋଗୀ ନୁହଁନ୍ତି,ସେ ପ୍ରାୟ ୩୦୦ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ଆତ୍ମସମ୍ମାନର ସହ ବଞ୍ଚିବାର ସୁଯୋଗ ଦେଇଛନ୍ତି ।

## ଢେଙ୍କାନାଳରେ ଭାରତ ବନ୍ଦ ସଫଳ



**ଢେଙ୍କାନାଳ,୧୨।୨ (ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କୃଷକ ମୋର୍ଚ୍ଚା, ସ୍ୱାଧୀନ ଶ୍ରମିକ ଫେଡେରେସନ, ବିଦ୍ୟୁତ ଉପଭୋକ୍ତା ମହାସଂଘର ମିଳିତ ଡାକରାରେ କରାଯାଇଥିବା ଭାରତ ବନ୍ଦ ଢେଙ୍କାନାଳରେ ସଫଳ ହେଇଛି। କୃଷକ ସଭା ଜିଲ୍ଲା ସମ୍ପାଦକ ସରୋଜ ଶତପଥି, ଆଇ. ଏନ.ଟି.ୟୁସି ର ନେତା ଅଯୋଧା ସାହୁ, ଏଲ. ପି. ଏଫର ସ୍ୱରୂପାନନ୍ଦ ଦାଶ, ସି.ଆଇ. ଟି.ୟୁ. ଜିଲ୍ଲା ସମ୍ପାଦକ ସର୍ବେଶ୍ୱର ସାହୁ, ଏ.ଟି. ୟୁ.ସି.ର ବରିଷ୍ଠ ନେତା ରବିରଥ, ଏ.ଆଇ.ସି.ସି. ଟି.ୟୁ ର ନେତା ଶ୍ରୀନିବାସ ସାହୁ, ଜିଲ୍ଲା କଂଗ୍ରେସର ସଭାପତି ଛବିରାଜ ବିଶ୍ୱାଳ, ପୂର୍ବତନ ସଭାପତି ସୁନୀଲ ଦାଶ, ନାରୀନେତ୍ରୀ ସ୍ମିତା ରାଣୀ ସାମଲ, ସଦର ବ୍ଲକ ସଭାପତି ଆଜିଦାନନ୍ଦ ବିହାରୀ, ସି.ପି.ଆଇ (ଏମ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ବଦ୍ରି ନାରାୟଣ ଦାସ ସହ ଅନ୍ୟମାନେ ମିଶି ରାସ୍ତାରେ ଥିବା ଦୋକାନ ବଜାର ଇତ୍ୟାଦି ବନ୍ଦ କରିବାକୁ ଅନୁରୋଧ କରି ସ୍ଲୋଗାନ ମାନ ଦେଇ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଓ ସଭା କରାଯାଇଥିଲା। ଏହି ଆନ୍ଦୋଳନ ପ୍ରତି ଜନଗଣଙ୍କର ସ୍ୱତଃ ସମର୍ଥନ ରହିଥିଲା। ଦୋକାନ ବଜାର, ବ୍ୟାଙ୍କ ବୀମା, ଘରୋଇ ବ୍ୟାଙ୍କ ବନ୍ଦ ରହିଥିଲେ । ବନ୍ଦ ସଫଳ ହୋଇଛି ବୋଲି ଆନ୍ଦୋଳନ କାରୀମାନେ ଦାବି କରିଛନ୍ତି ।

## ଯାଜପୁରରେ ଜାତୀୟ ଜନଗଣନା-୨୦୨୭ ପାଇଁ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ



**ଯାଜପୁର,୧୨।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଗତକାଲି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ ଏଥିରେ ଅଧକ୍ଷତା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ମିଲ୍ଲିତା ଦତ୍ତ, ଉପେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଡିଲିଙ୍ଗ ଆସିଷ୍ଟାଣ୍ଟ, ତିନି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ଯୋଗଦାନ କରିଥିଲେ।

ଏହି ଜନଗଣନା ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ସଂପନ୍ନ ହେବ । ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା ୨୦୨୬ ମସିହା ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ। ଏହା ପୂର୍ବରୁ ଏପ୍ରିଲ ୧ ରୁ ୧୫ ତାରିଖ ମଧରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ।

ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୧ ରୁ ୫ ମାର୍ଚ୍ଚ, ୨୦୨୭ ମଧରେ ରିଭିଜନାଲ ରାଉଣ୍ଡ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର କରି ଏହା କରାଯିବ। ଏହି ଜନଗଣନା ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ। ସିଏମଏମଏସ ଓ ମୋବାଇଲ ଆପ୍ ମାଧମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ । ଏହା ଦ୍ୱାରା ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ମନିଟରିଂ ସୁନିଶ୍ଚିତ ହେବ ।

## ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମଜୟନ୍ତୀ ଅବସରରେ ରକ୍ତଦାନ ଶିବିର


**ସତ୍ୟବାଦୀ,୧୨।୨ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଯୁଗର ପଞ୍ଚସଖା ମଧରେ ଆଚାର୍ଯ୍ୟ ହରିହର ଦାସ ଥିଲେ ଅନ୍ୟତମ।



ଆଜି ତାଙ୍କର ପବିତ୍ର ଜନ୍ମଜୟନ୍ତୀ ଅବସରରେ ନିଜ ଜନ୍ମମାଟି ଶ୍ରୀରାମଚନ୍ଦ୍ରପୁର ଶାସନ ଗ୍ରାମରେ ଥିବା ଆଚାର୍ଯ୍ୟ ହରିହର ଯୁବ ପରିଷଦ ତରଫରୁ ଆଚାର୍ଯ୍ୟଙ୍କ ସ୍ମୃତି ରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା ଓ ଓଡ଼ିଶା ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସ ଯୋଗଦେଇ ଅଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପୁରୀ ବ୍ଲଡ଼ ବ୍ୟାଙ୍କର ଡକ୍ଟର ଦୀପକ୍ ସାହୁଙ୍କ ତତ୍ତ୍ୱାବଧାନରେ ଆସିଥିବା ଟିମ୍ ଙ୍କ ଏଥିରେ ମୋଟ ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।ଶେଷରେ ଅତିଥି ମାନଙ୍କ ଦ୍ୱାରା ସମସ୍ତ ରକ୍ତଦାତା ମାନଙ୍କୁ ନିଜ ନିଜର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ରାଇଘରରେ ଭାରତ ବନ୍ଦ ସଫଳ

**ରାଇଘର,୧୨।୨ (ସଂଚାର ବ୍ୟୁରୋ):** ବିଭିନ୍ନ ସଂଗଠନ ଦ୍ୱାରା ମିଳିତ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ



ରାଇଘର ବ୍ଲକରେ କୃଷକ, ଶ୍ରମିକ, ଛାତ୍ର, ଯୁବକ, ମହିଳା, ଉଠା ଦୋକାନୀ, କ୍ଷୁଦ୍ର ବ୍ୟବସାୟୀ, ଠିକା କର୍ମଚାରୀ, ଅଙ୍ଗନବାଡି କର୍ମୀ, ପାଚିକା ସହାୟିକା, ଆଶା କର୍ମୀ ଆଦିବାସୀ ଦଳିତ ଓ ସଂଖ୍ୟାଲଘୁ ମାନଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ଏବଂ ସମସ୍ତଙ୍କ ମୌଳିକ ଅଧିକାରର ସୁରକ୍ଷା ଦାବିରେ ସର୍ବ ଭାରତ ଧର୍ମଘଟ ଓ ହରତାଳ ଡାକରାରେ ସାମିଲ ହୋଇ ରାଇଘର ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବନ୍ଦ ସମୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ଅତ୍ୟାବଶ୍ୟକ ସେବାଗୁଡ଼ିକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା। ସ୍କୁଲ ରୋଷେୟା ପାଚିକା ସହାୟିକା ଆଜି ଏହି ଧର୍ମଘଟ ରେ ସାମିଲ ହୋଇ ଥିଲେ। ରାଇଘର ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ଏକହଜାରରୁ ଅଧିକ ମହିଳା ଓ ଯୁବ ବ୍ୟକ୍ତି ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ବସ୍ତା ଭିନ୍ନକ୍ଷମ ମେଳାରେ ଦିବ୍ୟାଙ୍ଗଙ୍କୁ ଅପମାନ

## ପଞ୍ଜିକରଣ ନକରି କାଗଜ ଫିଙ୍ଗିଦେଲେ

**ବାଲିଆପାଳ,୧୨।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମଙ୍କ ପଞ୍ଜିକରଣ ନେଇ ବିବାଦ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ ବାଲିଆପାଳ ବ୍ଲକର ବାଲିକୁଟି ଗ୍ରାମର ବାପ ମା ଛେଉଣ୍ଡ ମାନସିକ ଭିନ୍ନକ୍ଷମ ସାକର ମୁର୍ମୁ ଅନଲାଇନ ପ୍ରମାଣପତ୍ର ନଥିବାରୁ ଦୀର୍ଘଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଅଛନ୍ତି। ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ପରାମର୍ଶରେ ସେ ବସ୍ତା ବ୍ଲକ ଶିବିରକୁ ଯାଇଥିଲେ। ସେହିପରି ଲଙ୍ଗଳେଶ୍ୱର ଗ୍ରାମର ବାସୁଦେବ ମଲ୍ଲିକ ଓ ସୁବଳ ଚନ୍ଦ୍ର ପଢ଼ିଆରୀ ମଧ ପ୍ରମାଣପତ୍ର ପାଇଁ ପହଞ୍ଚିଥିଲେ। ଶିବିରରେ ଦସ୍ତାବିଜ ପଞ୍ଜିକରଣ କରୁଥିବା କର୍ମଚାରୀମାନେ ଅନ୍ୟ ବ୍ଲକରୁ ଆସିଥିବା ଭିନ୍ନକ୍ଷମଙ୍କୁ ପଞ୍ଜିକରଣ କରିବାକୁ ମନା କରିଥିବା ସହ କାଗଜପତ୍ର ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଭିନ୍ନକ୍ଷମ ଅଧିକାର ଆଇନ–୨୦୧୬ ଉଲ୍ଲଂଘନ ହୋଇଥିବା ଅଭିଯୋଗ ଉଠିଛି। ବୁଦ୍ଧିଜୀବୀମାନେ ଜିଲ୍ଲା ପ୍ରଶାସନଙ୍କୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଆଗାମୀଦିନରେ ଭିନ୍ନକ୍ଷମଙ୍କ ସମ୍ମାନ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।



## କାକଟପୁରରେ ବନ୍ଦ: ସବୁଠି ଝୁଲିଲା ତାଲା

**କାକଟପୁର/ଅସ୍ତରଙ୍ଗ,୧୨।୨ (ସଂଚାର ବ୍ୟୁରୋ):** ଶ୍ରମ କୋର୍ଡ ପ୍ରତ୍ୟାହାର ଦାବୀରେ ବନ୍ଦ ଡାକରା ଦେଇଛନ୍ତି। ଏଥିସହ ଓଡିଶାରେ ଚାଲିଥିବା ବିଜୁଳି ବିଲ, କଟନି ଛଟିନି ଓ ମନରେଗା କୁ ପ୍ରସଙ୍ଗ କରି ବନ୍ଦ ଡାକରା ଦେଇଛନ୍ତି ବିଭିନ୍ନ ସଂଗଠନ। ଏହାର ପ୍ରଭାବ ପୁରୀ ଜିଲ୍ଲା କାକଟପୁର ଅଂଚଳରେ ଦେଖିବାକୁ ମିଳିଥିଲା।




ଗୁରୁବାର ସକାଳ ୬ଟାରୁ ବିକ୍ଷୋଭକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ଦୋକାନ ବଜାର ବନ୍ଦ ରହିଥିଲା। ଧର୍ମଘଟ ସମୟରେ କାକଟପୁର ଅଂଚଳରେ ରୋଗୀ ଚିକିତ୍ସା, ଆମ୍ବୁଲାନ୍ସ ସେବା, ଅଗ୍ନିସେବା ସହ ଜରୁରୀକାଳୀନ ଗାଡି ଯାତାୟାତ କରିଥିଲା। ଭାରତ ଡାକରା କୁ ସମର୍ଥନ ଜଣାଇ କାକଟପୁର ଅଂଚଳରେ ଦୋକାନ ବଜାର ସହ ବ୍ୟାଙ୍କ ଗୁଡିକ ବନ୍ଦ ରହିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟିରେ ରଖି ବିଭିନ୍ନ ଛକରେ ପୁଲିସ ମୁତୟନ ହୋଇଥିଲେ। କିନ୍ତୁ ଅସ୍ତରଙ୍ଗରେ ଦେଖିବାକୁ ମିଳିନଥିଲା।

### କଳିଙ୍ଗ ପାଇକ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ମଙ୍ଗଳା କ୍ଲବ୍ କଟକ ଚାମ୍ପିଅନ୍

**ଖୋର୍ଦ୍ଧା,୧୨।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ଷଷ୍ଠ କଳିଙ୍ଗ ପାଇକା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଫାଇନାଲ୍ ମ୍ୟାଚ୍ କ୍ଲବ୍ ମର୍ଣ୍ଣିଂ ଷ୍ଟାର ଖୋର୍ଦ୍ଧା ଏବଂ ମଙ୍ଗଳା କ୍ଲବ୍ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳା କ୍ଲବ୍ କଟକ ୨/୦ ଗୋଲରେ କ୍ଲବ୍ ମର୍ଣ୍ଣିଂ ଷ୍ଟାର ଖୋର୍ଦ୍ଧାକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ୍ ହୋଇଛି। କଳିଙ୍ଗ ପାଇକା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରାମର୍ଶଦାତା ଡକ୍ଟର ସଞ୍ଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଥିଲା।




ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ତାଙ୍କ ଭାଷଣରେ ଆଜିର ଯୁବପିଢ଼ିଙ୍କୁ ମୋବାଇଲ୍ ଏବଂ ସୋସିଆଲ ମିଡିଆରୁ ଯଥାସମ୍ଭବ ଦୂରରେ ରହିବାକୁ ଏବଂ ଦୈନନ୍ଦିନ କ୍ରୀଡା, ଯୋଗ, ବ୍ୟାୟାମ, ପ୍ରାଣାୟମରେ ବିନିଯୋଗ କରି ଏକ ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭାରତୀୟ ମହିଳା ଫୁଟବଲ୍ ଦଳର ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୂର୍ବତନ ପୌର ପରିଷଦ, ଖୋର୍ଦ୍ଧା, ଅଧକ୍ଷା ସଞ୍ଜୁକ୍ତା ସାହୁ, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ୱାର୍ଡ ନମ୍ବର-୧୫ କାଉନସିଲର, ପ୍ରବୀଣା ଜଗଦେବ, ପଞ୍ଚାୟତ ସମିତି ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଜିଲ୍ଲା ପ୍ରେସ୍ କ୍ଲବ୍, ଖୋର୍ଦ୍ଧା ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ରେଫରି ରାଜୁ ମହାନ୍ତି, ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ, ସଗିର ଅହମ୍ମଦ ଏବଂ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚାରି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ଉପଭୋଗ କରିବାକୁ ଖୋର୍ଦ୍ଧା ଏବଂ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ କ୍ରୀଡା ପ୍ରେମୀଙ୍କ ପାଇଁ କ୍ଲବ ସଭାପତି ଶୁଭେନ୍ଦ୍ର କୁମାର ସ୍ୱାଇଁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଆଗାମୀ ଦିନରେ ଏହି ପ୍ରତିଯୋଗିତାକୁ ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ।

### ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀ-୨୦୨୬

# ପୂର୍ବ ଭାରତରେ ଓଡ଼ିଶା ସ୍ୱଚ୍ଛ ଶକ୍ତି ନିବେଶର ଲକ୍ଷ୍ୟସ୍ଥଳ

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀର ତୃତୀୟ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଛି। ଏହା ଓଡ଼ିଶାର ସ୍ୱଚ୍ଛ ଶକ୍ତି ନେତୃତ୍ୱକୁ ଆହୁରି ସୁଦୃଢ଼ କରିପାରିଛି। ଗ୍ରୀଡକୋ ଲିମିଟେଡ ଓ ଓଡ଼ିଶା ସରକାରଙ୍କ

- ୬୭ ହଜାର କୋଟିର ନିବେଶ ପ୍ରତିଶ୍ରୁତି
- ହାଇଡ୍ରୋ ପ୍ରକଳ୍ପ, କୃଷି କ୍ଷେତ୍ରରେ ରହିଛି ସୁଯୋଗ

ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟର ନବୀକରଣୀୟ ଶକ୍ତି ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରକ, ନିବେଶକ, ଆର୍ଥିକ ପ୍ରତିଷ୍ଠାନ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଏକତ୍ରିତ ହୋଇଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା ଆଇ-ଫରେଷ୍ଟ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରୁଛି।

ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ରାଜ୍ୟର ପ୍ରଥମ ପବନ ଚାଳିତ ୧୫୦ ମିଟର ମାଷ୍ଟ ଏବଂ ଓଡ଼ିଶାର ୬ ସହର ପାଇଁ ସିଟି ଆକ୍ସିଲେଟର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପ୍ରାୟ ୬୭ ହଜାର କୋଟି ଟଙ୍କାର ନିବେଶ ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ୨୦୩୦ ସୁଦ୍ଧା ଭାରତ ସୁଦ୍ଧା ୫୦୦ ଗିଗାୱାଟ କ୍ଷମତା ବିଶିଷ୍ଟ ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ ରଖିଛି ଓ ସମତାଳରେ ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ବି ଦେଉଛି। ଉପକୂଳ ରାଜ୍ୟ ଭାବେ ଓଡ଼ିଶାରେ ସୌର ଏବଂ କ୍ଷୁଦ୍ର ଜଳବିଦ୍ୟୁତ ସହ ପବନ ଶକ୍ତି ବିକାଶ ପାଇଁ ବିଶେଷ ସମ୍ଭାବନା ରହିଛିବୋଲି ଶ୍ରୀ ସିଂହଦେଓ କହିଥିଲେ।

ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ




କହିଥିଲେ ଯେ ଆମର ଉଦ୍ଦେଶ୍ୟ କେବଳ ନବୀକରଣୀୟ ଶକ୍ତିର କ୍ଷମତା ବୃଦ୍ଧି ନୁହେଁ, ବରଂ ସିଷ୍ଟମର ଇଣ୍ଟିଗ୍ରେସନ। ଚଳିତ ବର୍ଷ ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀରେ ସ୍ୱାକ୍ଷରିତ ନିବେଶକ ପ୍ରତିଶ୍ରୁତି ଓ ବୁଝାମଣାପତ୍ର ମାଧ୍ୟମରେ ୬.୮ ଗିଗାୱାଟ କ୍ଷମତା ବିଶିଷ୍ଟ ୬୭ ହଜାର କୋଟି ଟଙ୍କାର ନିବେଶ ସଂଗ୍ରହ କରିଛୁ ବୋଲି ଶ୍ରୀ ଦେବ କହିଥିଲେ। ସମ୍ମିଳନୀରେ ଓଡ଼ିଶା ଉତ୍ପାଦନ ଏବଂ ସଂରକ୍ଷଣ ପ୍ରଯୁକ୍ତି ବିଦ୍ୟାରେ ଏକ ଦୃଢ଼ ଓ ବିବିଧ ପ୍ରକଳ୍ପ ସୂଚୀ ଉପସ୍ଥାପନ କରିଥିଲା। ଏଥିରେ ୫ ହଜାର ମେଗାୱାଟରୁ ଅଧିକ ଭାସମାନ ସୌର ଫଟୋଭୋଲଟାଇକ ପ୍ରକଳ୍ପ, ୩୬ଟି ଚିହ୍ନଟ ସ୍ଥାନରେ ୧୮ ହଜାର ମେଗାୱାଟର ପମ୍ପଡ ଷ୍ଟୋରେଜ ପ୍ରକଳ୍ପ ଓ ୫୦୦ ମେଗାୱାଟ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ରହିଛି।

### ମୁଖ୍ୟ ଶାସନ ସଚିବଙ୍କ ସହ କେନ୍ଦ୍ର ସମବାୟ ସଚିବଙ୍କ ବୈଠକ

# ସମବାୟ ଜରିଆରେ ଗ୍ରାମୀଣ ଅର୍ଥନୀତି ଅଭିବୃଦ୍ଧି ଯୋଜନା

**ଭୁବନେଶ୍ୱର,୧୨।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୁଟାନୀ, ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ ଓ ନିର୍ଦ୍ଦେଶକ ମୁକେଶ କୁମାର ଆଜି ଓଡ଼ିଶାରେ ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସମବାୟ ବିକାଶ କମିଟି (ଏସସିଡିସି)ର ଚତୁର୍ଥ ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ 'ସହକାରରୁ ସମୃଦ୍ଧି' ଦୃଷ୍ଟିକୋଣ ଅନୁଯାୟୀ ଗ୍ରାମୀଣ ଅର୍ଥନୀତିକୁ 'ସମବାୟ ମାଧ୍ୟମରେ ସମୃଦ୍ଧି' କରିବା ଲକ୍ଷ୍ୟ ନେଇ ସମବାୟ ବ୍ୟବସ୍ଥାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସମବାୟ ବିକାଶ କମିଟି ମାର୍ଗଦର୍ଶନ କରିଆସୁଛି।

ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ପ୍ୟାକ୍ସରେ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଉପରେ



- ସମବାୟ କ୍ଷେତ୍ରରେ ଅଧିକ ମହିଳାଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ
- ବହୁମୁଖୀ କେନ୍ଦ୍ର ଭାବେ ବିକଶିତ ହେବ ପ୍ୟାକ୍ସ ଓ ଲ୍ୟାମ୍ପ୍ସ

ଗୁରୁତ୍ୱ ଦିଆଯାଇଥିଲା। ପାକ୍ସ ମାଧ୍ୟମରେ ଜନୌଷଧି କେନ୍ଦ୍ର ଏବଂ ସାଧାରଣ ସେବା କେନ୍ଦ୍ରର ପ୍ରତିଷ୍ଠା, ପ୍ୟାକ୍ସ, ଲ୍ୟାମ୍ପଗୁଡ଼ିକୁ ବହୁମୁଖୀ ଓ ଏକକ ସେବା କେନ୍ଦ୍ରରେ ପରିଣତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। କେନ୍ଦ୍ର ସଚିବ ରାଜ୍ୟର ପ୍ରଦର୍ଶନରେ ସନ୍ତୋଷ ବ୍ୟକ୍ତ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସକ୍ରିୟ କାର୍ଯ୍ୟକାରିତାକୁ ପ୍ରଶଂସା କରିଥିଲେ। ଭିତ୍ତିଭୂମି ବିକାଶ ପାଇଁ ପ୍ୟାକ୍ସ, ଲ୍ୟାମ୍ପସଗୁଡ଼ିକୁ ଅତି କମରେ ଗୋଟିଏ ଏକର ସରକାରୀ ଜମି ପ୍ରଦାନ, ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଓ ପୁରାତନ ସମବାୟ ସମିତିଗୁଡ଼ିକୁ ସହାୟତା ପାଣ୍ଠି ଓ ଅଂଶଧନ ପ୍ରଦାନ। ଚଳିତ ବର୍ଷଠାରୁ ରାଜ୍ୟରେ ଆବଶ୍ୟକ ହେଉଥିବା ୬୦ ପ୍ରତିଶତ ସାର ସମବାୟ ସମିତି ମାଧ୍ୟମରେ ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ପ୍ୟାକ୍ସ ମାଧ୍ୟମରେ 'ନାଫେଡ୍' ବଜାର ଓ ଓମଫେଡ କିମ୍ବା 'ଅମୁଲ' ପାର୍ଲର ପ୍ରତିଷ୍ଠା, ପ୍ୟାକ୍ସ, ଲ୍ୟାମ୍ପସ ଜରିଆରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସମବାୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାଜ୍ୟର ଅଚଳ ଥିବା ଚିନିକଳର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି।

# ପୁଲିସ୍ ବସ୍‌ର ବ୍ରେକ୍ ଫେଲ୍‌: ବର୍ତ୍ତିଲେ ଶତାଧିକ ଆନ୍ଦୋଳନକାରୀ

**ରାୟଗଡ଼ା,୧୨।୨(ସଂଚାର ବ୍ୟୁରୋ):** ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଆନ୍ଦୋଳନକାରୀ। ରାୟଗଡା ଶିରିଗୁଡ଼ା ଛକରେ ଏକ ପୁଲିସ୍ ବସ୍‌ର ଅଚାନକ ବ୍ରେକ୍ ଫେଲ୍ ହେବା ଫଳରେ ଚାଳକ ଏହାକୁ ନିୟନ୍ତ୍ରଣରେ ରଖିପାରିନଥିଲେ। ତେବେ ସୌଭାଗ୍ୟବଶତଃ ଏଥିରେ କେହି ବି କ୍ଷତିଗ୍ରସ୍ତ ହୋଇନାହାନ୍ତି। ମିଳିଥିବା ସୂଚନାନୁସାରେ, ରାୟଗଡା ସହରର ଶିରିଗୁଡ଼ା ଛକରେ ଆଜି ବନ୍ଦ ପାଳନ କାରଣରୁ ଅନେକ ଯାନବାହନ ଅଟକିଥିଲା। ସେଠାରେ ଶତାଧିକ ଆନ୍ଦୋଳକାରୀ ରାସ୍ତାରେ ବିକ୍ଷୋଭ କରୁଥିଲେ। ଏଥିସହ ସାମ୍ବାଦିକମାନେ ମଧ ଖବର ସଂଗ୍ରହ କରିବା ସକାଶେ ସେଠାରେ ରହିଥିଲେ। ତେବେ ଏହି ସମୟରେ ରାୟଗଡ଼ାରୁ ନବରଙ୍ଗପୁରର ଯାଉଥିଲେ ୩୮ ଜଣ ପୁଲିସ କର୍ମୀ। କିନ୍ତୁ ଅଚାନକ ସେମାନଙ୍କ ବସ୍‌ର ବ୍ରେକ ଫେଲ୍ ହେବାରୁ ଏହା ଅଟକିନଥିଲା। ଫଳତଃ ବସ୍‌ଟି ବ୍ୟାରିକେଡ ଭାଙ୍ଗି ପ୍ରାୟ ୧୦୦ ମିଟର ଆଗକୁ ଗଡ଼ିଯାଇଥିଲା। ଏହି ସମୟରେ ବସ୍ ସାମନାରେ ଥିବା ଲୋକମାନେ ଚିତ୍କାର କରି ଏଣେତେଣେ ଦୌଡ଼ି ପଳାଇବା ସହ ନିଜ ଜୀବନ ରକ୍ଷା କରିଥିଲେ। ପରେ ଅବଶ୍ୟ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଧରଣର ଅଘଟଣ ଟଳିଯାଇଥିଲା।




# ବାଇକ୍‌କୁ ଧକ୍କା ଦେଇ ଜଳିଗଲା କଣ୍ଟେନର, ଜଣେ ମୃତ

**ନୟାଗଡ଼,୧୨।୨(ସଂଚାର ବ୍ୟୁରୋ):** ହୁତୁହୁତୁ ହୋଇ ଜଳିଗଲା କଣ୍ଟେନର। ଏକ ବାଇକକୁ ପଛପଟୁ ଧକ୍କା ଦେବା ପରେ ଉକ୍ତ କଣ୍ଟେନର୍‌ଟି ଜଳିଯାଇଛି। ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ଚମ୍ପାଗଡ଼ ଜାତୀୟ ରାଜପଥରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ସେହିପରି ଅନ୍ୟ ଜଣେ ଏହି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ମଧ ହୋଇଥିବା ଜଣାପଡ଼ିଛି। କୃଷ୍ଣଚନ୍ଦ୍ରପୁରର ଦୁଇ ଯୁବକ ଚାନ୍ଦପୁରରୁ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ



ଚମ୍ପାଗଡ ଛକ ନିକଟରେ ସେମାନଙ୍କ ବାଇକ୍‌କୁ ଉକ୍ତ କଣ୍ଟେନର୍‌ଟି ଧକ୍କା ଦେଇଥିଲା। ମୃତ୍ୟୁବରଣ କରିଥିବା ଯୁବକ ଜଣଙ୍କ ହେଲେ ବାଟୁ ବରାଳ ଓ ଏହି ଦୁର୍ଘଟଣାରେ ଦୀପକ ପାତ୍ର ଆହତ ହୋଇଛନ୍ତି।

### ● ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# ମୁନା ମହାନ୍ତିଙ୍କୁ ଅନ୍ତରୀଣ ଜାମିନ



**କଟକ, ୧୨।୨ (ସଂଚାର ବ୍ୟୁରୋ) :** ପୁଲିସ ଏସ୍‌ଆଇ ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ ଅନ୍ୟତମ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଅଧିକ ଚିକିତ୍ସା ପାଇଁ ସେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ମୁନା ମହାନ୍ତି। ହାଇକୋର୍ଟ ମାନବିକତା ଦୃଷ୍ଟିକୋଣରୁ ବିଚାର କରି ତାଙ୍କୁ ୧୫ଦିନ ପାଇଁ ଜାମିନ ପ୍ରଦାନ କରିଛନ୍ତି । ଯେଉଁଦିନ ଜାମିନ ଅବଧି ଶେଷ ହେବ ତା ପରଦିନ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନଚେତ ନିମ୍ନ ଅଦାଲତ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ପୁଲିସ୍ ଏସ୍‌ଆଇ ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ ସିବିଆଇ ପକ୍ଷରୁ ୧୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୨ଜଣ ଜାମିନ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମୁନା ମହାନ୍ତିଙ୍କ ଯକୃତ ଖରାପ ଥିବା ମେଡିକାଲ ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯାଇଥିଲା । ଏହା ଉପରେ ସିବିଆଇକୁ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆବେଦନକାରୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଆସନ୍ତା ୧୬ ତାରିଖରେ ସମସ୍ତ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ହେବ ବୋଲି ସୂଚନା ମିଳିଛି ।


# ମଦପିଇ ସ୍କୁଲରେ ଚେତାଶୂନ୍ୟ ହେଲେ ଛାତ୍ର



**ନୟାଗଡ଼, ୧୨।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲା ଦଶପଲ୍ଲା ସହରାଞ୍ଚଳ ଦଶପଲା ବାଳକ ଉଚ୍ଚ ବିଦ୍ୟାଳୟରୁ ଏକ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି । ସ୍କୁଲକୁ ଜଣେ ଛାତ୍ର ସ୍କୁଲରେ ମଦ ପିଇ ଶୋଇ ପଡ଼ିଥିବା ଖବର ସାମ୍ନାକୁ ଆସିଛି । ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ୍ୟପାନ କରି ଆସିଥିବା ବେଳେ ଚେତା ଶୂନ୍ୟ ହୋଇ ଗୁରୁବାର ସ୍କୁଲ ପରିସରରେ ପଡି ଯାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଭାବକଙ୍କୁ ଡକାଇ ଦୁଇ ଛାତ୍ରଙ୍କୁ ଅଭିଭାବକଙ୍କ ଜିମା ଦେଇଛନ୍ତି। ସେପଟେ ନିଶାସକ୍ତ ଛାତ୍ରଙ୍କ ମା ଅଭିଯୋଗ କରିଛନ୍ତି ମୋ ପୁଅ ଘରୁ ମଦ ପିଇ ଆସି ନାହିଁ। ବିଦ୍ୟାଳୟରେ ମଦ୍ୟପାନ କରିଛି । ପ୍ରଧାନ ଶିକ୍ଷକ ଏହାକୁ ଖଣ୍ଡନ କରି କହିଛନ୍ତି ମଦ ବାହାରେ ପିଇ ଆସିଥିବାର ଅନୁମାନ କରାଯାଉଛି।

### ● ଭଡ଼ାଘରେ ସେକ୍ସ ରାକେଟ୍ ଠାବ

# ୮ଜଣଙ୍କୁ ଧରିନେଲା ପୁଲିସ



**ଖୋର୍ଦ୍ଧା, ୧୨।୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ବିକାଶ ନଗରରେ ସେକ୍ସ ରାକେଟ ଠାବ ହୋଇଛି। ଏକ ଭଡ଼ାଘରେ ଚାଲିଥିଲା ଦେହ ବେପାର। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରିଛି। କିଙ୍ଗପିନ୍ ସମେତ ୩ ଦେହଜୀବୀ, ୪ଜଣ ଗ୍ରାହକଙ୍କୁ ପୁଲିସ ଧରିଛି। ଗତ କିଛି ଦିନ ଧରି ଏହି ସେକ୍ସ ସ୍କାଣ୍ଡାଲ ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ସ୍କ୍ୱାଡ୍ ଇନଚାର୍ଜ ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରିଥିଲା। ଆଜି ପୂର୍ବାହ୍ନରେ ପୁଲିସ ଚଢ଼ାଉ ସମୟରେ ଘର ଭିତରୁ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଭିତରେ ପଶିଥିଲେ। ସେତେବେଳେ ଘର ଭିତରେ ଗ୍ରାହକ ଓ ଦେହଜୀବୀମାନଙ୍କୁ ଅସଜ୍ଜିତ ଅବସ୍ଥାରେ ଧରିଥିଲେ।

# କାର୍ ଧକ୍କାରେ ବାମପନ୍ଥୀ ନେତା ଗୁରୁତର

**ବାଲେଶ୍ୱର,୧୨।୨(ସଂଚାର ବ୍ୟୁରୋ):** ବନ୍ଦ ବେଳେ ଅଘଟଣ। ଆନ୍ଦୋଳନକାରୀଙ୍କୁ ଧକ୍କା ଦେଲା କାର୍। ବାଲେଶ୍ୱର ଜିଲ୍ଲାରେ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ଚାଲିଥିବା ସମୟରେ ଏହି ଅଭାବନୀୟ ଘଟଣା ଘଟିଛି। ଏକ ଦ୍ରୁତଗାମୀ କାରକୁ ଅଟକାଇବା ସମୟରେ ବାମପନ୍ଥୀ ନେତା ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ହାତ ଓ ମୁହଁରେ ଶକ୍ତ ଆଘାତ ଲାଗିଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରତିବାଦ

# ସଂସଦ ପରିସରରେ ବିଜେଡି ସାଂସଦଙ୍କ ଧାରଣା

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ଶ୍ରୀମନ୍ଦିର ସୁରକ୍ଷା ବିପନ୍ନ ପ୍ରତିବାଦରେ ବିଜେଡି ରାଜ୍ୟସଭା ସାଂସଦଙ୍କ ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ନାରାବାଜି କରିଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ କ୍ଷମତାସୀନ ସରକାର ବିଫଳ ହୋଇଛନ୍ତି। ଏହାସହ ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ମଧ ସରକାର ବିଫଳ



ହୋଇଛନ୍ତି। ତେଣୁ ରାଜ୍ୟରେ ଥିବା କ୍ଷମତାସୀନ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦମାନେ। ଆଜି ପୂର୍ବାହ୍ନରେ ସାଂସଦ ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ, ନିରଞ୍ଜନ ବିଶି ଏବଂ ସୁବାଶିଷ ଖୁଣ୍ଟିଆ ପ୍ଲାକାର୍ଡ ଧରି ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ନାରାବାଜି କରିଥିଲେ। ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ହତ୍ୟା, ଚୋରି, ଲୁଣ୍ଠନ ଓ ତସ୍କରୀ ଭଳି ଘଟଣା ଉଦବେଗଜନକ ହୋଇଛି। ରାଜ୍ୟକୁ ଠିକରେ ଚଳାଇପାରୁ ନଥିବାରୁ ରାଜ୍ୟରେ କ୍ଷମତାଶୀନ ବିଜେପି ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସାଂସଦମାନେ କହିଛନ୍ତି ।

# ଧରାପଡ଼ିଲା ଡକାୟତି ଗ୍ୟାଙ୍ଗ: ୮ ଗିରଫ, ମାରଣାସ୍ତ୍ର ସହ ବହୁ ସାମଗ୍ରୀ ଜବତ

**ମୟୂରଭଞ୍ଜ, ୧୨।୨ (ସଂଚାର ବ୍ୟୁରୋ) :** ମୟୂରଭଞ୍ଜରେ ଧରାପଡ଼ିଲା ଡକାୟତି ଗ୍ୟାଙ୍ଗ । ୮ ଅଭିଯୁକ୍ତ ଗିରଫ, ଚୋରା ସମଗ୍ରୀ ଓ ବିଭିନ୍ନ ମାରଣାସ୍ତ୍ର ଜବତ । ମୟୂରଭଞ୍ଜ ଜିଲ୍ଲା ବୈଁଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗାଁରେ ଗତ ୧୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଚିନ୍ମୟ ମିଶ୍ରଙ୍କ ଘରକୁ ୮ ଜଣ ଅଜଣା ଦୁର୍ବୃତ୍ତ ପଶିଥିଲେ । ସେମାନେ ଚିନ୍ମୟଙ୍କୁ ମରଣାନ୍ତକ ଆକ୍ରମଣ କରି ଘରୁ ନଗଦ ଟଙ୍କା ଓ ସୁନାରୁପା ଗହଣା ଲୁଟି ନେଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଜଣେ ଦୁର୍ବୃତ୍ତଙ୍କୁ ଧରି ପୁଲିସ ଜିମା ଦେଇଥିଲେ । ଏହି ଘଟଣାରେ ତଦନ୍ତ କରି ପୁଲିସ ମୋଟ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କିଛି ବାଲେଶ୍ୱର ଓ କିଛି ମୟୂରଭଞ୍ଜ ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନେ ଏକ ଗ୍ୟାଙ୍ଗ ଗଠନ କରି ବିଭିନ୍ନ ଅଞ୍ଚଳରେ ଚୋରି, ଲୁଟ, ଛିନତାଇ ଓ ଡକାୟତି କରୁଥିଲେ। ଅଭିଯୁକ୍ତଙ୍କ ଠାରୁ



ନଗଦ ୫ହଜାର୯୧୦ ଟଙ୍କା ଅନେକ ଆଳଙ୍କାର, ବିଭିନ୍ନ ମାରଣାସ୍ତ୍ର ସହ ୮ଟି ମୋବାଇଲ ଫୋନ୍ ଓ ୨ଟି ସ୍କୁଟି ମଧ ଜବତ ହୋଇଛି।

# ଡିଜିଟାଲ ଆରେଷ୍ଟ ଫସିଲେ ଦମ୍ପତି

**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ମାତିଛନ୍ତି ସାଇବର ଠକ । ଭୁବନେଶ୍ୱରରେ ବରିଷ୍ଠ ନାଗରିକଙ୍କୁ ଦେଢ ଦିନ ଡିଜିଟାଲ ଆରେଷ୍ଟ କରିଛନ୍ତି ସାଇବର ଠକ। ନିଜକୁ ପୁଲିସର ପରିଚୟ ଦେଇ କଥା ହେଲେ ସାଇବର ଠକ। ଠକଙ୍କୁ ଟଙ୍କା ପଠାଇବାକୁ ବ୍ୟାଙ୍କକୁ ଯାଇଥିବା ବେଳେ ଜଣାପଡ଼ିଲା ସତ। ସାଇବର ଥାନାରେ ଦମ୍ପତିଙ୍କ ଅଭିଯୋଗ ପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ, ପୋଲିସ ପରିଚୟ ଦେଇ ସାଇବର ଠକ ଦମ୍ପତିଙ୍କ ସହ କଥା ହୋଇଥିଲେ। ସେମାନଙ୍କର ଆତଙ୍କି ଲିଙ୍କ ଥିବା କହି



ଧମକାଇଥିଲେ । ଏପରିକି କାଶ୍ମୀରରେ ଆତଙ୍କବାଦୀମାନେ ସେମାନଙ୍କ ଆଧାର କାର୍ଡ ବ୍ୟବହାର କରିଛନ୍ତି। ଆଧାର କାର୍ଡ ବ୍ୟବହାର ଯୋଗୁଁ ତାଙ୍କୁ ୬ ଲକ୍ଷର କମିଶନ ମିଳିଛି । ଏପରିକି ମନି ଲଣ୍ଡରିଂ କେସରେ କୁଆଡେ ସେମାନଙ୍କର ସମ୍ପୃକ୍ତି ଅଛି। କୋଟିଏ ଟଙ୍କା ଦେଲେ କେସରୁ ମୁକ୍ତି ମିଳିବ ବୋଲି କହି ଦମ୍ପତିଙ୍କୁ ଠକ ଧମକାଇଥିଲେ ।

ଠକେଇର ଶିକାର ପୁରୁଷ ଜଣଙ୍କ ନାଲକୋର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ହୋଇଥିବା ବେଳେ ମହିଳା ଜଣଙ୍କ ଅବସରପ୍ରାପ୍ତ ଅଧାପିକା। ଭୟରେ ପ୍ରାୟ ୩୫ ଘଣ୍ଟା ଧରି ଠକଙ୍କ କଥାରେ ଘରେ ନଜରବନ୍ଦୀ ହୋଇ ରହିଲେ । ଟଙ୍କା ପଠାଇବାକୁ ବ୍ୟାଙ୍କ ଯାଇଥିବା ବେଳେ ଠକର ଆକାଉଣ୍ଟଟି ଅଚଳ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଅଧିକ ଖୋଳତାଡ଼ ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ବ୍ୟାଙ୍କର ସହାୟତାରେ ସେମାନେ ସାଇବର ଥାନାକୁ ଜଣାଇଥିଲେ । ଫଳରେ ଏକ ବଡ଼ ଧରଣର ଠକେଇରୁ ବର୍ତ୍ତି ଯାଇଛନ୍ତି ଦମ୍ପତି ।

# କଟକରେ ଲେଜର ଲାଇଟ ମନା

- ଡିଜେ ଶବ୍ଦ ଉପରେ କଟକଣା ଲଗାଇଲେ ହାଇକୋର୍ଟ
- ସତ୍ୟପାଠ ଦାଖଲ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ

**କଟକ, ୧୨।୨ (ସଂଚାର ବ୍ୟୁରୋ) :** ବଢୁଥିବା ଶବ୍ଦ ଓ ଆଲୋକ ପ୍ରଦୂଷଣକୁ ରୋକିବା ପାଇଁ ଓଡ଼ିଶା ହାଇକୋର୍ଟ ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଲେଜର ଲାଇଟ ଏବଂ ବିକଟାଳ ଶବ୍ଦ କରୁଥିବା ଡିଜେ ବ୍ୟବହାର ଉପରେ ଗୁରୁତ୍ୱପୂର୍ଣ୍ଣ କଟକଣା ଲଗାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଟକ ସହରାଞ୍ଚଳରେ ଲେଜର ଲାଇଟ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ବିକଟାଳ ଶବ୍ଦଯୁକ୍ତ ଡିଜେ ବ୍ୟବହାର କରାଯାଇପାରିବ ନାହିଁ। ଡିଜେର ଶବ୍ଦ ସୀମା ସର୍ବାଧିକ ୬୫ ଡେସିବେଲ ମଧ୍ୟରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାତି ୧୦ଟା ପରେ କୌଣସି ପ୍ରକାରର ରୋଷଣୀ କିମ୍ବା ବାଦ୍ୟଯନ୍ତ୍ର ବଜାଇବା ଉପରେ କଟକଣା ଲଗାଯାଇଛି। ଶୁଣାଣି ସମୟରେ କୋର୍ଟ ଉଦବେଗ ପ୍ରକାଶ କରି କହିଛନ୍ତି ଯେ, ସହରରେ ଅତ୍ୟଧିକ ଲେଜର ଲାଇଟ ଏବଂ ଉଚ୍ଚଶବ୍ଦ ବିଶିଷ୍ଟ ଡିଜେ ବ୍ୟବହାର ଯୋଗୁଁ ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ବିଶେଷ କରି ଏହା ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି



କରୁଛି। ପୂର୍ବରୁ ମଧ ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିଲେ। ଦଶହରା ସମୟରେ ଏନେଇ କମିଶନରେଟ ପୁଲିସ କିଛି ସ୍ଥାନରେ ଚଢାଉ ମଧ କରିଥିଲା। ପରେ ପୁଣି ପୁଲିସ ଧିମା ପଡିଯାଇଛି। ତେଣୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ କମିଶନରେଟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ, ଏହି ସମ୍ବନ୍ଧରେ ପୁଲିସ କି କି ପଦକ୍ଷେପ ଗ୍ରହଣ କରିଛି, ତାହାର ଏକ ବିସ୍ତୃତ ରିପୋର୍ଟ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### କର୍ମଚାରୀଙ୍କ ପାଇଁ ବାରମ୍ବାର ବିବାଦରେ ଏସ୍‌ସିବି

# ନିର୍ଦ୍ଦେଶାବଳୀକୁ ଫୁ କରିଦେଉଛନ୍ତି ଅମାନିଆ କର୍ମଚାରୀ

**କଟକ, ୧୨।୨ (ସଂଚାର ବ୍ୟୁରୋ) :** ଏସସିବି ମେଡିକାଲରେ ଆଇସିୟୁକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଛି । ଜୀବନ ମରଣ ଆଶଙ୍କାରେ ଥିବା ଗୁରୁତର ରୋଗୀଙ୍କ ଜୀବନ ସହ ନିୟୋଜିତ କର୍ମଚାରୀମାନେ ଖେଳୁଛନ୍ତି। ସଙ୍କଟାପନ୍ନ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହେବା ବଦଳରେ ଖାମଖିଆଲ ହେଉଛନ୍ତି । ମେଡିସିନ୍ ସେଣ୍ଟ୍ରାଲ ଆଇସିୟୁରେ ରୋଗୀ ବେଡ଼ରୁ ଗଳିପଡ଼ିବା ଘଟଣା ପରେ ନିୟୋଜିତ କର୍ମଚାରୀମାନେ ପୁଣି ବିବାଦ ଘେରକୁ ଆସିଛନ୍ତି।

ନିକଟ ଅତୀତରେ ମେଡିସିନ୍ ବିଭାଗ ଆଇସିୟୁରେ ଜଣେ ଗୁରୁତର ମହିଳାଙ୍କୁ ହସ୍ପିଟାଲର ଜଣେ କର୍ମଚାରୀ ଅସଦାଚରଣ କରିଥିଲେ । ଏହି ଘଟଣାରେ ଅଭିଯୁକ୍ତ କର୍ମଚାରୀଙ୍କୁ




ପୁଲିସ ଗିରଫ କରି ଜେଲ ପଠାଇଥିଲା। ପୂର୍ବରୁ କାର୍ଡିଓଲୋଜି ବିଭାଗରେ ଜଣେ ଗୁରୁତର ରୋଗୀ ନିଖୋଜ ହେବା ଓ ଡାକ୍ତର ରୋଗୀଙ୍କୁ ଅଧା ଚିକିତ୍ସାରୁ ବାହାରକୁ ପଠାଇ ଦେବା ଘଟଣାକୁ ନେଇ ବିବାଦୀୟ ସ୍ଥିତି ଉପୁଜିଥିଲା । ସେହିପରି ଗତବର୍ଷ ହୋଲି ସମୟରେ ଟ୍ରମା ଆଇସିୟୁରେ ନର୍ସିଂ କର୍ମଚାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ରଙ୍ଗ ଓ ଅବିର ଉଡାଇଥିଲେ । ରୋଗୀମାନେ ଜୀବନ ମରଣ ସହ ଯୁଝୁଥିବା ବେଳେ କର୍ମଚାରୀମାନେ ମାନବିକତା ଭୁଲି ହୋଲି ଖେଳି ମସଗୁଲ ଥିଲେ । ଏହାକୁ ନେଇ ସେ ସମୟରେ ତମ୍ବିତୋଫାନ ହୋଇଥିଲା।

ତଦନ୍ତରେ ହୋଲି ଖେଳୁଥିବା ଜଣାପଡ଼ିବା ପରେ କିଛି କର୍ମଚାରୀଙ୍କୁ ଟ୍ରମା ଅଇସିୟୁରୁ ବଦଳି କରାଯାଇଥିଲା। ସେହିପରି ପୂର୍ବରୁ ପଦ୍ମଶ୍ରୀ କମଳା ପୂଜାରୀ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଅସୁସ୍ଥତା ଥିବା ସତ୍ତ୍ୱେ କିଛି ନର୍ସିଂ କର୍ମଚାରୀ ତାଙ୍କୁ ଧରି ରିଲ୍ସ ତିଆରି କରିଥିଲେ । ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା । ସେହିପରି ନବଜାତକଙ୍କ ଲାଗି ଥିବା ଏସଏନସିୟୁ ଓ ଆଇସିୟୁରେ ପିଲା ଚୋରି ଏବଂ ପିଲା ବଦଳ ଘଟଣାକୁ ନେଇ ଅନେକ ବିବାଦୀୟ ସ୍ଥିତି ଉପୁଜିଛି। ଆଇସିୟୁରୁ ପିଲା ଚୋରି ଘଟଣାରେ ଅଭିଯୁକ୍ତ ଗିରଫ ମଧ ହୋଇଛନ୍ତି । ଆଇସିୟୁରେ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସା ପାଇଁ ପୃଥକ ନିୟମ ରହିଛି

କର୍ମଚାରୀଙ୍କ ଖାମଖିଆଲି ଯୋଗୁଁ ବିଭିନ୍ନ ଆଇସିୟୁରେ ରୋଗୀମାନେ ଅନେକ ସମୟରେ ଅବହେଳାର ଶିକାର ହେଉଥିବା ଅଭିଯୋଗ ହେଉଛି । ମାତ୍ର ଏ ଦିଗରେ ବିଭାଗୀୟ ମୁଖ୍ୟଙ୍କର ନିଘା ନାହିଁ । ଏମିତିକି ଆଇସିୟୁରେ କିଛି କର୍ମଚାରୀ ଦୀର୍ଘ ଦିନ ନିଜ ସୁବିଧାରେ ଡ୍ୟୁଟି କରିଆସୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ କହିଛନ୍ତି, ଆଇସିୟୁରେ ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସୁବିଧା ପାଇବେ ସେଥିଲାଗି ହସ୍ପିଟାଲ୍ ପକ୍ଷରୁ ନିର୍ଦ୍ଦେଶନାମା ରହିଛି। କର୍ମଚାରୀ ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

# ଓଟିଇଟି ଫଳାଫଳ ପ୍ରକାଶିତ




**ଭୁବନେଶ୍ୱର, ୧୨।୨ (ସଂଚାର ବ୍ୟୁରୋ) :** ଗୁରୁବାର ପ୍ରକାଶ ପାଇଛି ଓଟିଇଟି-୨୦୨୫ର ରେଜଲ୍ଟ। ୨୦୨୫ ଡିସେମ୍ବର ୨୫ ତାରିଖ ପରୀକ୍ଷାର ରେଜଲ୍ଟ ଆଜି ପ୍ରକାଶ ପାଇଛି। ପେପର-୧ରେ ୪୫ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ଉତ୍ତୀର୍ଣ୍ଣ ହୋଇଥିବାବେଳେ ପେପର-୨ରେ ୧ ଲକ୍ଷ ୮ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩, ୯୫୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପେପର-୧ ଓ ପେପର-୨ରେ ମୋଟ୍ ୧ ଲକ୍ଷ ୬ ହଜାର ୪୧ ଉତ୍ତୀର୍ଣ୍ଣ ହୋଇଛନ୍ତି। ମେ' ତୃତୀୟ ସପ୍ତାହରେ ପରବର୍ତ୍ତୀ ଓଟିଇଟି-୨୦୨୬ ପରୀକ୍ଷା। ଖୁବ୍‌ଶୀଘ୍ର ଆବେଦନ ନେଇ ତାରିଖ ପ୍ରକାଶ ପାଇବ। ପରୀକ୍ଷା ତାରିଖ ଓ ସିଲାବସ୍ ନେଇ ମଧ ବୋର୍ଡ ସୂଚନା ଦେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







# ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୨.୭୫% ପହଞ୍ଚିଲା

## ୮ ମାସର ସର୍ବୋଚ୍ଚ ସ୍ତରରେ



ଭୁବନେଶ୍ୱର, ୧୨।୨: ୮ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ଖୁଚୁରା ମୁଦ୍ରାସ୍ଫୀତି। ଚଳିତ ବର୍ଷ ଜାନୁଆରୀରେ ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ୨.୭୫% ରହିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ନୂଆ ସିରିଜ୍ ଆଧାରରେ ତଥ୍ୟ ଜାରି ହୋଇଥିବାରୁ ମୁଦ୍ରାସ୍ଫୀତିରେ ପରିବର୍ତ୍ତନ ହେବା ନେଇ ପୂର୍ବରୁ ହିଁ ଅନୁମାନ କରାଯାଉଥିଲା।୨୦୨୫ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୨. ୮୨% ରହିଥିଲା।

ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ୧.୯୬ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ଏହି ବୃଦ୍ଧି ୨.୪୪ ପ୍ରତିଶତ ରହିଛି। ଜାନୁଆରୀରେ ଘରୋଇ ମୁଦ୍ରାସ୍ଫୀତି ବାର୍ଷିକ ତୁଳନାରେ ୨.୦୫ ପ୍ରତିଶତ ରହିଛି। ଗତ ମାସରେ ଗ୍ରାମାଞ୍ଚଳରେ ଏହା ୨.୩୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ଏହି ବୃଦ୍ଧି ୧.୯୨ ପ୍ରତିଶତ ରହିଛି। ମନ୍ତ୍ରଣାଳୟ ଅଧୀନରେ ଥିବା ଏନଏସଓ ଦରବୃଦ୍ଧି (ସିପିଆଇ)ର ନୂଆ ସିରିଜ ଜାରି କରିଛି। ୨୦୨୬ ଜାନୁଆରୀରେ ସିପିଆଇ ତଥ୍ୟରେ ଆଧାର ବର୍ଷ ବା ବେସ୍ ଇୟରକୁ ପରିବର୍ତ୍ତନ କରି ୨୦୨୪ କରାଯାଇଛି। ଏଥିରେ ଦାମ୍‌ର ସ୍ଥିତିକୁ ଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପାଇଁ ସାମଗ୍ରୀ ସଂଖ୍ୟା ୨୫୯କୁ ବଢ଼ାଇ ୩୦୮ ଏବଂ ସେବା ସଂଖ୍ୟା ୪୦ରୁ ବଢ଼ି ୫୦ କରାଯାଇଛି। ସରକାର ମୁଦ୍ରାସ୍ଫୀତି ମାପିବା ପାଇଁ ବେସ୍ ଇୟରକୁ ୨୦୧୨ରୁ ୨୦୨୪କୁ ପରିବର୍ତ୍ତନ କରିଛନ୍ତି। ପ୍ରାୟ ୧ ଦଶନ୍ଧି ପରେ ଏହି ପରିବର୍ତ୍ତନ ହୋଇଛି। ବ୍ଲୁମବର୍ଗର ଏକ ସର୍ଭେ ଅନୁସାରେ, ୩୨ ଜଣ ଅର୍ଥନୀତିଜ୍ଞ ଆକଳନ କରିଥିଲେ ଯେ, ଜାନୁଆରୀର ମୁଦ୍ରାସ୍ଫୀତି ହାର ପ୍ରାୟ ୨. ୭୭% ରହିବ। ପୁରୁଣା ସୂଚକାଙ୍କରେ ଖାଦ୍ୟ ଏବଂ ପାନୀୟର ଅଂଶ ପ୍ରାୟ ୫୦% ଥିଲା। ହେଲେ ଏବେ ଏହାକୁ ୩୬.୮%କୁ ହ୍ରାସ କରାଯାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ସଚିବ ସୌରଭ ଗର୍ଗଙ୍କ ଅନୁସାରେ, ଭାରତୀୟଙ୍କ ଆୟ ବୃଦ୍ଧି ପାଇବା ସହ ସେମାନେ ଏବେ ଖାଦ୍ୟ ଉପରେ କମ୍ ଏବଂ ଗୃହ ଓ ଅନ୍ୟାନ୍ୟ ସେବା ଉପରେ ଅଧିକ ଖର୍ଚ୍ଚ କରୁଛନ୍ତି।

# କମିଲା ସୁନା-ରୁପା ରେଟ୍, ଖସିଲା ସେନସେକ୍ସ-ନିଫ୍ଟି

ନୂଆଦିଲ୍ଲୀ, ୧୨।୨: ମାନ୍ଦା ହେଲା ବଜାର। ଖସିଲା ସୁନା ଏବଂ ରୁପା। ଗୁରୁବାର ସୁନା ରୁପା ଦାମ୍ ରେ ଅହେତୁକ ହ୍ରାସ ପରିଲକ୍ଷିତ ହୋଇଛି। ଏହାସହ ସେୟାର ବଜାର ବି ୪୦୦ ଅଙ୍କ ଖସିଛି। ଗୁରୁବାର କାରବାର ଆରମ୍ଭରୁ ଏମସିଏକ୍ସରେ ରୁପା ଶସ୍ତା ହୋଇଛି। ସେହିପରି ସୁନାର ଦାମ୍ ବି ହଜାରେ ଟଙ୍କା କମିଛି। ଦୁଇ ଦାମୀ ଧାତୁ ଚମକ ହରାଇବା ସହ ଭାରତୀୟ ସେୟାର ବଜାର ମଧ୍ୟ ଗୁରୁବାର କ୍ରାଶ୍ କରି ଯାଇଛି। ସପ୍ତାହର ଚତୁର୍ଥ ଦିନରେ ବଜାର ଖୋଲିବା ପରେ କ୍ରାଶ୍ କରିଯାଇଥିଲା। ବମ୍ବେ ଷ୍ଟକ୍‌ଏକ୍ସଚେଞ୍ଜରେ ୩୦ ସେୟାର ବିଶିଷ୍ଟ ବିଏସଇ ସେନସେକ୍ସ ୪୦୦ରୁ ଅଧିକ ଅଙ୍କ ଖସି ଯାଇଛି। ବୁଧବାର ସେନସେକ୍ସ ୮୪,୨୩୩.୬୪ ଅଙ୍କରେ ବନ୍ଦ ହୋଇଥିଲା। ଗୁରୁବାର ଏହା ୮୩,୯୬୮.୪୩ ଅଙ୍କରେ ଖୋଲିଥିଲା। ପରେ ଏହା ୮୩୭୯୫କୁ ଆସିଯାଇଥିଲା। ସେହିପରି ନିଫ୍ଟିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ୫୦ ସେୟାର ବିଶିଷ୍ଟ ନିଫ୍ଟି ବୁଧବାର ୨୫୯୫୩ରେ ବନ୍ଦ ହୋଇଥିଲା। ତେବେ ଗୁରୁବାର ଏହା ୨୫୯୦୬ରେ ଖୋଲିଥିଲା। ଏହାର କିଛି ମିନିଟ ପରେ ନିଫ୍ଟି ୨୫୮୨୨ ସ୍ତରକୁ ଚାଲି ଆସିଥିଲା। ଏମସିଏକ୍ସରେ ମାର୍ଚ୍ଚ ୫ରେ ରୁପାର ଭବିଷ୍ୟତ ଦର ୧ ଲକ୍ଷ ୬୦ ହଜାର ୪୫୩କୁ ଆସିଯାଇଛି। ଯାହା କିଛି ଦିନ ତଳେ ୪ ଲକ୍ଷ ୨୦ ହଜାରରେ ପହଁଚିଥିଲା। ଅର୍ଥାତ ଏବେସୁଦ୍ଧା ଦାମ୍ ଲକ୍ଷେ ୬୦ ହଜାର ଟଙ୍କା କମିଲାଣି। ସେହିପରି ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ୧୦ ଗ୍ରାମ୍ ପିଛା ୧,୫୮,୭୫୫ରୁ ୧,୫୭,୭୦୧କୁ ଖସି ଆସିଛି। ଅର୍ଥାତ ଦର ହଜାରେ ଟଙ୍କା କମିଛି।

# ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଓ ନିଶା ଦୁଇଟି ପୃଥକ୍ ପ୍ରସଙ୍ଗ




ୱାସିଂଟନ, ୧୨।୨: ଲସ୍ ଆଞ୍ଜେଲସ୍‌ରେ ସୋସିଆଲ ମିଡିଆ କମ୍ପାନିଗୁଡ଼ିକ ବିରୋଧରେ ଏକ ବଡ଼ ମାମଲା ଚାଲିଛି। ଶୁଣାଣି ସମୟରେ, ଇନଷ୍ଟାଗ୍ରାମ ମୁଖ୍ୟ ଆଡାମ ମୋସେରି କୋର୍ଟଙ୍କୁ କହିଛନ୍ତି, ଲୋକମାନେ ସୋସିଆଲ ମିଡିଆ ପ୍ରତି କ୍ଲିନିକାଲ୍ ଭାବରେ ନିଶାଗ୍ରସ୍ତ ହୋଇଯାଉଥିବା ଏଭଳି ଚିନ୍ତାଧାରା ସହ ମୁଁ ଏକମତ ନୁହେଁ। ତାଙ୍କର ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଅନେକ ପରିବାର ଅଭିଯୋଗ କରୁଛନ୍ତି ଯେ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ପିଲା ଓ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହି ମାମଲାରେ ମେଟାର ଇନଷ୍ଟାଗ୍ରାମ ଓ ଫେସବୁକ ତଥା ଗୁଗୁଲର ୟୁଟ୍ୟୁବ୍ ମୁଖ୍ୟ ଅଭିଯୁକ୍ତ। ଟିକଟକ୍ ଓ ସ୍ନାପ୍ ଏନେଇ ସହମତି ଭିତ୍ତିକ ବୁଝାମଣା କରି ସାରିଛନ୍ତି। ଏହି ନିଷ୍ପତ୍ତି ଏପରି ହଜାର ହଜାର ମାମଲାକୁ ପ୍ରଭାବିତ କରିପାରେ ବୋଲି ଅନୁମାନ କରାଯାଉଛି।

ଏହି ମାମଲାର କେନ୍ଦ୍ରରେ ଜଣେ ୨୦ ବର୍ଷୀୟ ଯୁବତୀ ଅଛନ୍ତି। ତାଙ୍କୁ କେଜିଏମ୍ ଭାବରେ ଚିହ୍ନଟ କରାଯାଇଛି। ମାମଲାରେ ତାଙ୍କ ସହିତ ଅନ୍ୟ ଦୁଇଜଣଙ୍କୁ ଡକାଯାଇଥିଲା।

## କୋର୍ଟରେ ଇନଷ୍ଟାଗ୍ରାମ ମୁଖ୍ୟଙ୍କ ମନ୍ତବ୍ୟ

ପରିବାର ଅଭିଯୋଗ କରିଛନ୍ତି ଯେ, ସୋସିଆଲ ମିଡିଆ କମ୍ପାନିଗୁଡ଼ିକ ଏପରି ବୈଶିଷ୍ଟ୍ୟ ଓ ଆଲଗୋରିଦମ ସୃଷ୍ଟି କରିଛନ୍ତି ଯାହା ପିଲାମାନଙ୍କୁ ଦୀର୍ଘ ସମୟ ପାଇଁ ଆପ୍ସରେ ନିୟୋଜିତ ରଖୁଛି। ସେମାନେ କହିଛନ୍ତି ଯେ, ଏହା ପିଲାମାନଙ୍କ ମଧ୍ୟରେ ଡିପ୍ରେସନ୍, ଚିନ୍ତା ଓ ଅନ୍ୟାନ୍ୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି କରିବାରେ ସହାୟକ ହେଉଛି। କୋର୍ଟରେ ମୋସେରି କହିଛନ୍ତି, ଏକ ପଦାର୍ଥର ଅତ୍ୟଧିକ ବ୍ୟବହାର ଓ ନିଶା ଦୁଇଟି ଭିନ୍ନ ଜିନିଷ। ସେ କହିଛନ୍ତି, ଅନେକ ଲୋକ ଇନଷ୍ଟାଗ୍ରାମରେ ଅତ୍ୟଧିକ ସମୟ ବିତାଇଥାନ୍ତି ଓ ପରବର୍ତ୍ତୀ ସମୟରେ ଖରାପ ଅନୁଭବ କରିଥାନ୍ତି। କିନ୍ତୁ ଏହାକୁ ଏକ ରୋଗ ବୋଲି କହିବା ଅନୁଚିତ। ଶୁଣାଣିରେ ଇନଷ୍ଟାଗ୍ରାମର ବିୟୁଟି ଫିଲ୍ଟରଗୁଡ଼ିକ ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଅଭିଯୋଗ ହୋଇଛି, ଏହି ଫିଲ୍ଟରଗୁଡ଼ିକ ଏପରି ଭାବରେ ମୁହଁକୁ ପରିବର୍ତ୍ତନ କରିଥାନ୍ତି ଯାହା ଯୁବବର୍ଗମାନଙ୍କ ମଧ୍ୟରେ ନିଜ ଶରୀରକୁ ନେଇ ଅସନ୍ତୋଷ ବୃଦ୍ଧି କରିପାରେ। ସେମାନଙ୍କ ଉପରେ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ଚାପ ପକାଇପାରେ। ମେଟା ଜାନୁଆରି ୨୦୨୫ରେ ତୃତୀୟ-ପକ୍ଷ ଏଆର ଫିଲ୍ଟରଗୁଡ଼ିକୁ ନିଷିଦ୍ଧ କରିଥିଲା। ମେଟା କହିଛି ଯେ, ଏହା କିଶୋରମାନଙ୍କୁ ସୁରକ୍ଷା ଦେବା ପାଇଁ ଅନେକ ନୂତନ ବୈଶିଷ୍ଟ୍ୟ ଯୋଡିଛି। ତଥାପି, ସମାଲୋଚକମାନଙ୍କ ଅନୁସାରେ ଗବେଷଣା ଉପରେ ଆଧାରିତ କିଶୋର ଆକାଉଣ୍ଟଗୁଡ଼ିକୁ ଏବେ ବି ଅନୁପଯୁକ୍ତ ଯୌନ ବିଷୟବସ୍ତୁ ଓ ଆତ୍ମ-କ୍ଷତି ପହଞ୍ଚାଉଥିବା ବିଷୟବସ୍ତୁ ଉପଲବ୍ଧ କରାଯାଉଛି। ତେବେ କମ୍ପାନି ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଓ ଭ୍ରାମକ ବୋଲି କହିଛି।

# ବୟନ ଶିଳ୍ପ ଉପରେ ବାଂଲାଦେଶ ଭଳି ସୁବିଧା ଭାରତକୁ ବି ମିଳିବ: ପିୟୁଷ ଗୋୟଲ






ନୂଆଦିଲ୍ଲୀ, ୧୨।୨: ବାଂଲାଦେଶ ଟେକ୍ସଟାଇଲ ଉପରେ ଆମେରିକା ଶୂନ୍ୟ ଟାରିଫ ଲଗାଇବା ପରେ ଭାରତ ସହିତ ହୋଇଥିବା ବାଣିଜ୍ୟ ଡିଲକୁ ନେଇ ଦେଶରେ ମୋଦୀ ସରକାରଙ୍କୁ ନାନା ସମାଲୋଚନା କରାଯାଇଥିଲା। ସମାଲୋଚନା ପରେ ଟ୍ରମ୍ପ ସରକାର ଭାରତ-ଆମେରିକା ଟ୍ରେଡ୍ ଡିଲର ଫ୍ୟାକ୍ଟସିଟରେ ପରିବର୍ତ୍ତନ କରିଥିଲେ। ଏଥିରେ ପୂର୍ବ ଅପେକ୍ଷା କିଛି ରିହାତି ଦିଆଯାଇଛି। ଏହା ସତ୍ତ୍ୱେ ବି ବଂଲାଦେଶ ବୟନଶିଳ୍ପ ଉପରେ ଆମେରିକାର ଶୂନ୍ୟ ଟାରିଫ୍ ଘୋଷଣା ପରେ ଏନେଇ ଭାରତକୁ ଏବେ ବି ସମାଲୋଚନା କରାଯାଉଛି। ଯାହାକୁ ନେଇ ବଡ଼ ବୟାନ ଦେଇଛନ୍ତି କେନ୍ଦ୍ର ବାଣିଜ୍ୟମନ୍ତ୍ରୀ ପିୟୂଷ ଗୋୟଲ। ଟେକ୍ସଟାଇଲରେ ବାଂଲାଦେଶ ଭଳି ଭାରତକୁ ମଧ୍ୟ ରିହାତି ଦିଆଯିବ ବୋଲି ପିୟୂଷ ଗୋୟଲ କହିଛନ୍ତି। ଡିଲ୍ ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ବାଂଲାଦେଶ ପରି ଆମେରିକା କପାରେ ଭାରତ ତିଆରି କରିଥିବା କପଡ଼ା ଉପରେ ମଧ ଶୂନ୍ୟ ଟାରିଫ ଲଗାଯିବ ବୋଲି ଗୁରୁବାର ପିୟୂଷ ଗୋୟଲ ବଡ଼ ଦାବି କରିଛନ୍ତି। କେବଳ ଏହି ଗୋଟିଏ କଥା ନୁହେଁ, ଟ୍ରେଡ୍ ଡିଲରେ ଆମେରିକା ଏକାଧିକ ଦିଗରେ ନିଜ ଜିଦ୍ ଛାଡୁଛି ବୋଲି ଶୁଣିବାକୁ ମିଳୁଛି। ଡିଲ୍ ଚୂଡ଼ାନ୍ତ ହେଲେ ପ୍ରକୃତ କଥା ସାମ୍ନାକୁ ଆସିବ। ପ୍ରକୃତରେ ଆମେରିକା ବାଂଲାଦେଶ ସହିତ ଯେଉଁ ବାଣିଜ୍ୟ ଡିଲ୍ କରିଛି ସେଥିରେ ବାଂଲାଦେଶ ଟେକ୍ସଟାଇଲ୍ ଉପରେ ଶୂନ୍ୟ ଶୁଳ୍କ ଘୋଷଣା କରିଛି। ଆମେରିକା ଠାରୁ କପା ଓ ସୂତା ଆଣି ବାଂଲାଦେଶ ଯେଉଁ କପଡ଼ା ତିଆରି କରି ରପ୍ତାନୀ କରିବ ସେଥିରେ ଆମେରିକାରେ କୌଣସି ଶୁଳ୍କ ଲଗାଇବ ନାହିଁ ବୋଲି ଡିଲରେ ରହିଛି। ଏହି ଖବର ସାମ୍ନାକୁ ଆସିବା ପରେ ଆମେରିକା ସହିତ ଭାରତ ସରକାରଙ୍କ ଡିଲ୍‌କୁ ନେଇ ସମାଲୋଚନା କରାଯାଇଥିଲା।କାରଣ ଟ୍ରମ୍ପ ସରକାର ଭାରତର ଟେକ୍ସଟାଇଲ୍ ଉପରେ ବି ୧୮ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଏହି ଡିଲ୍ ପରେ ଭାରତୀୟ ବୟନଶିଳ୍ପକୁ ବଡ଼ କ୍ଷତି ହେବ ବୋଲି କୁହାଯାଉଥିଲା। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ମୋଦୀ ସରକାର ଟ୍ରମ୍ପ ପ୍ରଶାସନ ଆଗରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛନ୍ତି। ଯାହାକୁ ନେଇ ବିରୋଧୀ ଓ ଶାସକ ଦଳ ମଧ୍ୟରେ ତର୍କବିତର୍କ ବି ହୋଇଥିଲା। ହେଲେ ପିୟୂଷ ଗୋୟଲ ଏନେଇ ସ୍ପଷ୍ଟୀକରଣ ରଖିଛନ୍ତି। ତେବେ ଆମେରିକା କଞ୍ଚାମାଲରେ ତିଆରି କପଡ଼ା ଉପରେ ହିଁ ଶୁଳ୍କ ଛାଡ଼ ହେବ ବୋଲି ଟ୍ରମ୍ପ ସର୍ତ୍ତ ରଖିଛି।

ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ପିୟୂଷ ଗୋୟଲ କହିଛନ୍ତି " ସେ ସଂସଦରେ ଆଉ ଏକ ମିଛ ପ୍ରଚାର କରୁଛନ୍ତି ଯେ ଟ୍ରେଡ୍ ଡିଲରେ ବାଂଲାଦେଶ ଭାରତ ଠାରୁ ଅଧିକ ଲାଭବାନ ହେବ। ଯେପରି ବାଂଲାଦେଶକୁ ସୁବିଧା ଦିଆଯାଇଛି ଯେ ଯଦି ସେ କଞ୍ଚାମାଲ ଆମେରିକାରୁ କିଣି ଏହାକୁ ପ୍ରୋସେସିଂ କରି କପଡ଼ା ତିଆରି କରେ ଓ ରପ୍ତାନୀ କରେ ତେବେ ଆମେରିକା ଏହା ଉପରେ ଶୂନ୍ୟ ପାରସ୍ପରିକ ଶୁଳ୍କ ଲଗାଇବ। ଭାରତ ପାଇଁ ମଧ ସମାନ ସୁବିଧା ଅଛି, ଏବଂ ଭାରତ ମଧ ଏହା ପାଇବ।"

ଗୋୟଲ ଆହୁରି କହିଛନ୍ତି ଯେ ଯଦିଓ ଏହି କଥା ପୂର୍ବରୁ ଘୋଷଣା ହୋଇଥିବା ଢାଞ୍ଚାରେ ନାହିଁ, ତେବେ ମାର୍ଚ୍ଚ ସୁଦ୍ଧା ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ଏହିସବୁ ସୁବିଧା ଭାରତ ପାଖରେ ରହିବ। ଗୋୟଲ କହିଛନ୍ତି ଯେ ବର୍ତ୍ତମାନ ଆମ ଚୁକ୍ତିର ଫ୍ରେମୱର୍କ ତଆରି ଚାଲିଛି। ଯେବେ ଚୂଡ଼ାନ୍ତ ହୋଇଯିବ ସେତେବେଳେ ଆପଣ ଏହି ଡିଲ୍ ଫାଇନାଲ୍ କପିରେ ଦେଖିପାରିବେ। ବର୍ତ୍ତମାନ, ସଦ୍ୟତମ ଚୁକ୍ତି ଅନୁଯାୟୀ, ଭାରତ ପୂର୍ବରୁ ଆମେରିକୀୟ ଅତିରିକ୍ତ-ଲମ୍ବା ମୁଖ୍ୟ କପା ଆମଦାନୀ ପାଇଁ ଶୁଳ୍କ ରିହାତି ପ୍ରଦାନ କରିସାରିଛି। ତଥାପି, ବାଂଲାଦେଶ ପରି, ଭାରତ ଏପର୍ଯ୍ୟନ୍ତ ଆମେରିକୀୟ କପା ବ୍ୟବହାର କରି ପ୍ରସ୍ତୁତ ପୋଷାକ ପାଇଁ ଶୂନ୍ୟ-ଶୁଳ୍କ ପ୍ରବେଶ ସୁରକ୍ଷିତ କରିନାହିଁ।

ଯଦି ଭାରତ ଶେଷରେ ଆମେରିକା ସହିତ ଏପରି ଏକ ଚୁକ୍ତିରେ ପହଞ୍ଚିବାରେ ସଫଳ ହୁଏ, ତେବେ ଏହା ଭାରତର ଅଧିକ ଶ୍ରମଶକ୍ତି ଲାଗୁଥିବା ବୟନ କ୍ଷେତ୍ର ପାଇଁ ଏକ ସ୍ୱାଗତଯୋଗ୍ୟ ଆଶ୍ୱସ୍ତି ହେବ। କାରଣ ଆମେରିକା ଭାରତର ବୟନ ରପ୍ତାନି ପାଇଁ ଶୀର୍ଷ ବଜାର ହୋଇ ରହି ଆସିଛି। ଦେଶରୁ ସମସ୍ତ ବୟନ ଏବଂ ପୋଷାକ ରପ୍ତାନୀର ୩୦% ଆମେରିକାକୁ ଯାଇଥାଏ। ଗତ ସପ୍ତାହରେ, ଭାରତ ଏବଂ ଆମେରିକା ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚିବା ପରେ କପଡ଼ା ରପ୍ତାନିକାରୀଙ୍କ ମଧ୍ୟରେ ଖୁସିର ଲହରି ଦେଖିବାକୁ ମିଳିଥିଲା। ଟ୍ରମ୍ପ ଶୁଳ୍କକୁ ୫୦% ରୁ ୧୮% କୁ ହ୍ରାସ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଭାରତକୁ ବାଂଲାଦେଶ, ପାକିସ୍ତାନ (୧୯%), ଭିଏତନାମ (୨୦%) ଏବଂ ଚୀନ୍ (୩୦%) ପରି ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଶୁଳ୍କ ଲାଭ ଦେଇଥିଲା। ହେଲେ ଏହି ଖୁସି ବେଶି ଦିନ ପର୍ଯ୍ୟନ୍ତ ରହିଲା ନାହିଁ। କାରଣ ଆମେରିକା ବାଂଲାଦେଶ ସହିତ ଯେଉଁ ଡିଲ୍ କରିଥିଲା ସେଥିରେ ଜବାବୀ ଶୁଳ୍କକୁ ୨୦% ରୁ ୧୯%କୁ ହ୍ରାସ କରିବା ସହିତ ବୟନ ଶିଳ୍ପ ଉପରେ ଶୂନ୍ୟ ଶୁଳ୍କ ଲାଗୁ କରି ଭାରତକୁ ଝଟ୍‌କା ଦେଇଥିଲା।

ଏଥିରେ ଦୁଇଟା ଦିଗ ରହିଛି। ଯଦି ବାଂଲାଦେଶ ଆମେରିକାରୁ କପା କିଣି ପୋଷାକ ତିଆରି କରେ ଓ ଏହାକୁ ରପ୍ତାନୀ କରେ ତେବେ ଏହା ଉପରେ ଶୂନ୍ୟ ଶୁଳ୍କ ଲଗାଯିବ। ତେଣୁ ବାଂଲାଦେଶ ଏବେ ଆମେରିକାରୁ କଞ୍ଚାମାଲ କିଣିବାକୁ ବାଧ ହେବ। ଫଳରେ ଭାରତୀୟ କପା ଓ ସୂତା ବ୍ୟବସାୟୀଙ୍କୁ ବଡ଼ ଘାଟା ହୋଇପାରେ।

# ତାପଜ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ ନେଇ ଆଶଙ୍କା

ନୂଆଦିଲ୍ଲୀ, ୧୨।୨: ଚଳିତ ଆର୍ଥିକ ବର୍ଷରେ ଦେଶରେ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ଠାରୁ କମ୍ ହେବା ନେଇ ଆଶଙ୍କା କରାଯାଉଛି। ଆର୍ଥିକ ବର୍ଷର ପ୍ରଥମ ନଅ ମାସରେ ହୋଇଥିବା ଉତ୍ପାଦନ ହାର ଓ ଡିସେମ୍ବର ମାସରେ ହୋଇଥିବା ପ୍ରଦର୍ଶନରୁ ଏହା ଅନୁମାନ କରାଯାଉଛି। ଡିସେମ୍ବର ମାସରେ ତାପଜ ଶକ୍ତି ଉତ୍ପାଦନ ନୈରାଶ୍ୟଜନକ ରହିଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଜାରି କରିଥିବା ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷର ପ୍ରଥମ ନଅ ମାସ ଅର୍ଥାତ୍ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଦେଶରେ ୭.୨ ଗିଗାୱାଟ୍ ତାପଜ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ପୂରା ବର୍ଷରେ ୧୨.୮୬ ଗିଗାୱାଟ ତାପଜ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଥିଲା। ଡିସେମ୍ବରଲ ମାସରେ ତାପଜ ଶକ୍ତି କ୍ଷେତ୍ରରେ କୌଣସି ଅତିରିକ୍ତ ଉତ୍ପାଦନ କ୍ଷମତା ବିନିଯୋଗ ହୋଇ ପାରି ନାହିଁ। ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ଜମି ଅଧିଗ୍ରହଣ ସମସ୍ୟା ଦେଇ ଗତି କରୁଥିବା ବେଳେ କେତେକ ନିର୍ମାଣାଧୀନ ପ୍ରକଳ୍ପକୁ ଉପଯୁକ୍ତ ଉପକରଣ ମିଳି ପାରୁ ନଥିବାରୁ ସେଗୁଡ଼ିକ ଉତ୍ପାଦନକ୍ଷମ ହେବା ବିଳମ୍ବ ହେଉଛି।

୨୦୨୫ରେ ଦେଶରେ ତାପଜ ଶକ୍ତି ଉତ୍ପାଦନ କ୍ଷମତାରେ ଅତିରିକ୍ତ ୧୫.୪ ଗିଗାୱାଟ ସଂଯୋଗ କରିବାର ଲକ୍ଷ୍ୟ ଥିଲା। କିନ୍ତୁ ୪.୫ ଗିଗାୱାଟ ସଂଯୋଗ ହୋଇପାରିଛି।ଚଳିତବର୍ଷ ମଧ୍ୟ ୯.୪ ଗିଗାୱାଟସଂଯୋଗ ହୋଇପାରିବାରଆଶା ରହିଛି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୮,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୫,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୪୦୦ ଓ ୧,୪୫,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଗଣଶିକ୍ଷା ମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ



ରାଇଘର,୧୨।୨ (ସଂଚାର ବ୍ୟୁରୋ): ଗଣଶିକ୍ଷା ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ହଟ୍ଟଗୋଳ ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସୀମାନ୍ତ ହାଟଭାରଣ୍ଡୀ ଠାରେ।

ସୂଚନାଥାଉକି ସରକାରୀ ଗୋପବନ୍ଧୁ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସହ ସୀମାନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ଯୁକ୍ତ ୨ କଳା ଉଦଘାଟନ ପାଇଁ ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଉଦଘାଟଣ କରି ଯାଇଥିବା ବେଳେ ହାଟ ଭାରଣ୍ଡୀ ଠାରେ କଂଗ୍ରେସ ନେତା ତଥା ଉମରକୋଟ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡଙ୍କ ସମେତ କଂଗ୍ରେସ କର୍ମୀ ଗଣେରାମ କୁର୍ମି, ରେଖା ରାଜ ସିଂ ରାଜପୁତ, ପୁରୁଷତ୍ତମ ଗଣ୍ଡ, ଅରବିନ୍ଦ ଗଣ୍ଡ, ନୀତିଶ କୁମାର ଗଣ୍ଡ, ମନୋଜ କୁମାର ହାଲବା, ଗିରିଧାରୀ ସାହୁ, ଛେଦୁ ଗଣ୍ଡ, ଶଙ୍କର ଗଣ୍ଡ, ଜଇଲୁ ଗଣ୍ଡ, ଲଛନ ମାଝୀ, ବୋଧନ ଗଣ୍ଡ, ଓମ ହଲବା ଙ୍କ ସହ ବହୁ କଂଗ୍ରେସ କର୍ମୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବିରୋଧ କରିଥିଲେ।

ଆଜି ବିଭିନ୍ନ ସଂଘଠନ ତରଫରୁ ଆଜି ଭାରତ ବନ୍ଦ ରହିଥିବା ବେଳେ ଗାଡି ମଟର ଦୋକାନ ବଜାର ବନ୍ଦ ରହିଥିଲା ଏହି ଦିନ ଆଜି ଓଡିଶା ର କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଳୟ ବାର୍ଷିକ ଉତ୍ସବ ଯୋଗ ଦେବା ସହ କଲେଜ ଉଦଘାଟଣ କରି ଯାଇଥିବା ବେଳେ ଆଜି ଏହିଭଳି ବିରୋଧ ର ସମ୍ମୁଖୀନ ହୋଇଥିଲେ, ଘଟଣା ସ୍ଥଳରେ ବିଜେପି କର୍ମୀ ଏବଂ କଂଗ୍ରେସ କର୍ମୀ ଙ୍କ ସହ ଧସ୍ତାଧସ୍ତି ହୋଇଥିଲା ଘଟଣା ସ୍ଥଳରେ ପୋଲିସ ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲେ

## ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ



ଧାମନଗର,୧୨।୨ (ସଂଚାର ବ୍ୟୁରୋ): ଆସାମ ବଙ୍ଗୀୟ ସାରସ୍ୱତ ମଠ, କଦମ୍ବକଣ୍ଠା ଆଶ୍ରମ ଅଧୀନସ୍ଥ ନିଗମ ସାରସ୍ୱତ ସଂଘ, କୋଠାର ଆନୁକୂଲ୍ୟରେ ପବିତ୍ର ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୪୪ତମ ଅବିଭକ୍ତ ବାଲେଶ୍ୱର-ଭଦ୍ରକ ଜିଲ୍ଲା ଭକ୍ତ ସମ୍ମିଳନୀ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ଉଦଯାପିତ ହୋଇଯାଇଛି। ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ସମଗ୍ର ଅଞ୍ଚଳ ଏକ ଆଧାତ୍ମିକ ରୂପ ଧାରଣ କରିଥିଲା।୧୧ ତାରିଖ (ଅଧିବାସ) ପ୍ରଥମ ଦିନରେ ଅଧିବାସ କାର୍ଯ୍ୟକ୍ରମ ସହ ଭକ୍ତମାନଙ୍କ ଦ୍ୱାରା ଏକ ଭବ୍ୟ ନଗର ପରିଭ୍ରମଣ କରାଯାଇଥିଲା। ଏହାପରେ ଗୁରୁଦେବଙ୍କ ପୂଜାର୍ଚ୍ଚନା କରାଯାଇ ପରିବେଶକୁ ଭକ୍ତିମୟ କରାଯାଇଥିଲା। ସନ୍ଧ୍ୟାରେ ବିଶିଷ୍ଟ ସାଧୁ ସନ୍ଥଙ୍କ ଦ୍ୱାରା ଧର୍ମ ସଭା ଅନୁଷ୍ଠିତ ହୋଇଥିଲା

### ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ଚାମ୍ପିଅନସିପ୍

## ମୟୂରଭଞ୍ଜ ମହିଳା ପୁଲିସ ଜିତିଲା ସ୍ୱର୍ଣ୍ଣ ପଦକ




ବାରିପଦା,୧୨।୨ (ସଂଚାର ବ୍ୟୁରୋ): ଉତ୍କଳ କାରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ଓଡିଶା ଶକ୍ତି ଉତ୍ତୋଳନ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୨ ତମ ରାଜ୍ୟ ଶକ୍ତି ଉତ୍ତୋଳନ ଚମ୍ପିୟାନ-ସିପରେ ଓଡିଶା ପୋଲିସ, ମୟୂରଭଞ୍ଜର ରୁପାଲୀ ପଲେଇ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ ବିଭାଗ ସହିତ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଚିପଟଅସ୍ତିଆ ନିବାସୀ ସୋମନାଥ ପଲେଇ ଓ ସେବତୀ ପଲେଇଙ୍କ ସୁପୁତ୍ରୀ ରୁପାଲୀ ପାଠ ପଢିବା ସହ ଶକ୍ତି ଉତ୍ତୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତୀ ସମୟରେ ନିଜ ପ୍ରଚେଷ୍ଟାରେ ଓ କଠୋର ପରିଶ୍ରମ ବଳରେ ସେ ରାଜ୍ୟ ଏବଂ ଜାତୀୟ ସ୍ତରରେ ବହୁବାର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବିବାହ ପରେ ଏବଂ ପୋଲିସ ବିଭାଗରେ କାର୍ଯ୍ୟ ବ୍ୟସ୍ତତା ଭିତରେ ଥାଇ ମଧ୍ୟ ପୁଣି ଥରେ ଏ ବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ବର୍ତ୍ତମାନ ସେ ଜିଲ୍ଲା କ୍ରୀଡା ବିଭାଗରେ କୋଚ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଖବର ପାଇ ପୋଲିସ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ପୋଲିସ ଆର ଆଇ ଆଲୋକ କୁମାର କାନୁନଗୋ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ଶୁଭାଶିଷ ନାୟକ, କୋଚ ଅବନୀ ମହାନ୍ତି ଓ ପୋଲିସ ସଙ୍ଘର କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଜାଗର ପାଇଁ ସଜେଇ ହେଉଛି କପିଳାସ



ଗଁଦିଆ,୧୨।୨ (ସଂଚାର ବ୍ୟୁରୋ): ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଢେଙ୍କାନାଳ ଜିଲ୍ଲାର କପିଳାସ ସ୍ଥିତ ବାବା ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ମନ୍ଦିର ପରିସର ଏବେ ବିଶ୍ୱପ୍ରସିଦ୍ଧ ଜାଗର ଯାତ୍ରା ବା ମହାଶିବରାତ୍ରି ପାଇଁ ପ୍ରସ୍ତୁତ ହେବାରେ ଲାଗିଛି। ମହାଶିବରାତ୍ରିକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ସମଗ୍ର କପିଳାସ ଅଞ୍ଚଳରେ ଏବେ ଏକ ଅପୂର୍ବ ଆଧାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।ଚିତ୍ରକରଙ୍କ ସ୍ପର୍ଶରେ ଜୀବନ୍ତ ହେଉଛି ମୂର୍ତ୍ତିମନ୍ଦିର ପରିସରରେ ଥିବା ସମସ୍ତ ଛୋଟବଡ଼ ମନ୍ଦିର, ଗର୍ଭଗୃହ ଏବଂ ପ୍ରାଙ୍ଗଣକୁ ଆକର୍ଷଣୀୟ ରଙ୍ଗରେ ସଜାଯାଉଛି। ବିଶେଷ କରି ସ୍ଥାନୀୟ ଚିତ୍ରକରମାନେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରି ମୂର୍ତ୍ତିଗୁଡ଼ିକୁ ନୂଆ ରୂପ ଦେବାରେ ଲାଗିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ସଜବାଜ କରାଯାଇଛି। ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥିପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ମଜବୁତ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିବା ବେଳେ ଖରା ଓ ବର୍ଷାରୁ ରକ୍ଷା ନିମନ୍ତେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସେଡ୍ (ଛାଉଣୀ) ନିର୍ମାଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବାହିନୀ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସୂଚନା ମିଳିଛି।

## ମଣ୍ଡଳସ୍ତରୀୟ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର




ମାର୍ଶାଘାଇ,୧୨।୨ (ସଂଚାର ବ୍ୟୁରୋ): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ର ମଣ୍ଡଳ ସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସମ୍ବଳ ଶିକ୍ଷକ ଚିତ୍ତରଞ୍ଜନ ସିଂ ଏବଂ ବିଳାସିନୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସୁଶାନ୍ତ ବେଉରା ଉଦଘାଟନ କରିଥିଲେ । ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷିକା ଅସୀମା ବେହୁରା ଏବଂ ସୁନିତା ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲର ତିନିଜଣ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ୨୦୪ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୦୨ ଜଣ ଙ୍କ ପାଇଁ ଚଷମା ଏବଂ ୫ ଜଣଙ୍କର ଚକ୍ଷୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ସହିତ ଯୋଗାଯୋଗ କରାଯାଇଥିଲା ।

## ଖଜୁରୀପଡ଼ାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ବ୍ରହ୍ମପୁର ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ

ଫୁଲବାଣୀ,୧୨।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ାର ବିଭିନ୍ନ ଅଞ୍ଚଳରେ କାମଧେନୁ ଯୋଜନାର ଗାଇ ପାଳନ କରି ସ୍ୱାବଲମ୍ବୀ ହୋଇପାରିବା ପାଇଁ ୧୯ ଜଣ ହିତାଧିକାରୀ ଚାଷୀଙ୍କୁ ୨ଟି ଲେଖାଏଁ ଉନ୍ନତ ମାନର ଜର୍ସି ଗାଈ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଦିଆଯାଇଛି। ଏହି ଗାଈ ଗୁଡ଼ିକୁ ହିତାଧିକାରୀ ଚାଷୀମାନେ ପାଳନ କରୁଛନ୍ତି ଓ ଖାଦ୍ୟ ଦାନା କିଭଳି ଭାବରେ ଦେଉଛନ୍ତି କୌଣସି ରୋଗରେ ପୀଡିତ ହେଲେ କେଉଁ ଚିକିତ୍ସା ପଦ୍ଧତି ଅବଲମ୍ବନ କରୁଛନ୍ତି ସେନେଇ ବୁଧବାର ଦିନ ବ୍ରହ୍ମପୁର ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ଅରବିନ୍ଦ ବେହେରା ଖଜୁରୀପଡ଼ାରେ ପହଞ୍ଚି ଗାଈ ଗୁଡ଼ିକୁ ଦେଖିବା ସହିତ ସେମାନଙ୍କର ସମସ୍ତ ନିୟମାବଳୀ ଉପରେ ହିତାଧିକାରୀ ଚାଷୀ ମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ଥିବା ଜଣାପଡିଛି।

### 'ମୋ ଗାଁ - ମୋ ଗର୍ବ'ର ଲକ୍ଷ୍ୟ ସ୍ଥାନୀୟ ଅଞ୍ଚଳ ବିକାଶ

## ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତି ବିକାଶକୁ ଗୁରୁତ୍ୱ



କାକଟପୁର/ଅସ୍ତରଙ୍ଗ,୧୨।୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଗାଦିବ୍ରହ୍ମ ମଠ ପରିସରରେ ମୋ ଗାଁ -ମୋ ଗର୍ବ ଆବାହକ ଅରୁଣ କୁମାର ବିଶ୍ୱାଳ ଓ ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ବିକାଶକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗାଦିବ୍ରହ୍ମ ମଠର ବିକାଶ ଓ ରକ୍ଷା-ସଂରକ୍ଷଣ ସହିତ ମାଘ ସପ୍ତମୀ ମେଳା-୨୦୨୭ ସୁଚାରୁ ଓ ସୁସଂଗଠିତ ଭାବେ ଆୟୋଜନ କରିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆର୍ଥିକ ଭାର କମେଇବା ଓ ସ୍ଥାୟୀ ପରିଚାଳନା ନିମନ୍ତେ ସଦସ୍ୟ ନାମାଙ୍କନ କରି ମାସିକ ଦାନ ସଂଗ୍ରହ କରିବାକୁ ସର୍ବ ସମ୍ମିତ କ୍ରମେ ନିଷ୍ପତି ନିଆଯାଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର, ଛାତ୍ରୀ ଙ୍କ ଶିକ୍ଷା ଗୁଣବତ୍ତା ବୃଦ୍ଧି ପାଇଁ ଏକ ଗ୍ରାମ ଶିକ୍ଷା କମିଟି ଗଠନ କରିବା ପ୍ରସ୍ତାବକୁ ମଧ ଅନୁମୋଦନ କରାଯାଇଥିଲା। ଏହି କମିଟି ମାଧ୍ୟମରେ ସାମୂହିକ ଭିତିରେ ପାଠ ପଢା ସହାୟତା ଓ ଶିକ୍ଷାଗତ ମାର୍ଗ ଦର୍ଶନ ପ୍ରଦାନ କରାଯିବ ବୋଲି ଆବାହକ ଅରୁଣ କୁମାର ବିଶ୍ୱାଳ ମତବ୍ୟକ୍ତ କରିଥିଲେ।

ଗ୍ରାମବାସୀଙ୍କ ପାଇଁ ସହଜ ଓ ସୁଲଭ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଧାନରେ ରଖି ଐଶାନେଶ୍ୱର ଉଚ୍ଚ ବିଦ୍ୟାଳୟ ନିକଟରେ 'ମୋ ଗାଁ କ୍ଲିନିକ' ସ୍ଥାପନ କରିବା ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଯୁବପୀଢ଼ିଙ୍କ କୌଶଳ ବିକାଶ ଓ ଡିଜିଟାଲ ସଚେତନତା ପାଇଁ ଅପ୍ରେଲ ୨୦୨୬ରେ ଗୋଟିଏ କମ୍ପ୍ୟୁଟର ତାଲିମ୍ କେନ୍ଦ୍ର ଆରମ୍ଭ କରିବା ପ୍ରସ୍ତାବ ମଧ ଗୃହୀତ ହୋଇଥିଲା। ସମସ୍ତ ନିଷ୍ପତି ଓ କାର୍ଯ୍ୟକଳାପ 'ମୋ ଗାଁ - ମୋ ଗର୍ବ' ପରାମର୍ଶଦାତା ତତ୍ତ୍ୱାବଧାନରେ ପାରଦର୍ଶୀ ଓ ଦାୟିତ୍ୱଶିଳ ଭାବେ ପରିଚାଳିତ ହେବ। ସଭାର ଶେଷ ପର୍ଯ୍ୟାୟରେ ଗତ ମାଘସପ୍ତମୀ ମେଳା ସଫଳ ଆୟୋଜନ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ସମସ୍ତ କମିଟି ସଦସ୍ୟ, ନେତୃ ବୃନ୍ଦ ଓ ଯୁବକଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ସମ୍ମାନିତ କରାଯାଇ ଗାଁର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କୁ ଏକତାବଦ୍ଧ ହେବାକୁ ଆହ୍ୱାନ କରାଯାଇଥିଲା। ଏହି ସ୍ୱତନ୍ତ୍ର ସଭାରେ ନିକଟବର୍ତ୍ତୀ ବିଭିନ୍ନ ଗାଁର ୧୫୦ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ ଓ ଗ୍ରାମବାସୀ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଗ୍ରାମର ସାମଗ୍ରିକ ବିକାଶ ସମ୍ପର୍କିତ ମତବ୍ୟକ୍ତ କରିଥିଲେ।

## ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପାଠଚକ୍ର



ନୀଳଗିରି,୧୨।୨ (ସଂଚାର ବ୍ୟୁରୋ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ପାଠଚକ୍ର ଭାରପ୍ରାପ୍ତ ଅଧକ୍ଷା ମମତା ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଇଂଜିନିୟର ଭୁବନେଶ୍ୱର ବେହେରାଙ୍କ ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡ଼ିଙ୍ଗି ଶୀର୍ଷକ ପାଠଚକ୍ରରେ ବିଷୟ ବିଶେଷଜ୍ଞ ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ଭାଷାବିତ୍ ନଟବର ଶତପଥୀ ଯୋଗଦେଇ ଶୀର୍ଷକ ଉପରେ ଏକ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶିବାନୀ ଡଗର, ଜୁନିଅର ମହାବିଦ୍ୟାଳୟର ଶ୍ରୀଯୁକ୍ତ ସତ୍ୟରଞ୍ଜନ ମିଶ୍ର, ସଂସ୍କୃତ ବିଭାଗର ଅଧାପକ ସଞ୍ଜୟ କୁମାର ପତି, ଡିଗ୍ରୀ ମହାବିଦ୍ୟାଳୟର ଅଧାପିକା ମଣିମାଳା ବିଶ୍ୱାଳ, ଅଧାପିକା ମୌସୁମୀ ଭୋଳ, ମମତା ପ୍ରିୟଦର୍ଶିନୀ ସାହୁ ପାଠଚକ୍ରରେ ଉପସ୍ଥିତ ଥିଲେ । ଉକ୍ତ ପାଠଚକ୍ରକୁ ବିଭାଗର ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିବାବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା। ଏହି ପାଠଚକ୍ରରେ ବିଭାଗର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

## ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




କେନ୍ଦ୍ରାପଡା,୧୨।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜଜାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳନ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଂଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ସିଆର୍‌ସିସି ବିରଜା ନଳିନୀ ମହାନ୍ତି, ସମ୍ମାନୀତ ଅତିଥି ଭାବେ ରବିନ୍ଦ୍ର କୁମାର ବାରିକ, ପରିଚାଳନା ପରିଷଦ ସଭାପତି ରଞ୍ଜୁଲତା ସ୍ୱାଇଁ ଯୋଗଦେଇଥିଲେ । ସ୍କୁଲରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଅତିଥି ଛାତ୍ର ଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ, ଗୀତାଞ୍ଜଳି ପରିଡା, ମାନସୀ ସିଂ, ଅତୁଳା ମୋନାଲିସା ରାଉତ ପ୍ରମୁଖ ସହଯୋଗ କରିଥିବାବେଳେ ବରିଷ୍ଠ ଶିକ୍ଷକ ସେକ୍ ରିଜୱାନ୍ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ମାର୍ଶାଘାଇ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମାର୍ଶାଘାଇ,୧୨।୨ (ସଂଚାର ବ୍ୟୁରୋ): ମାର୍ଶାଘାଇ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୯ ତମ ବାର୍ଷିକ ଉତ୍ସବ ଏବଂ ଡାଇମଣ୍ଡ ଜୁବୁଲି ପୂର୍ବ ଉତ୍ସବବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ଅଧାପକ ସୁକାନ୍ତ କୁମାର ପ୍ରଧାନ, ମହାକାଳପଡ଼ା ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ନନ୍ଦାରସ୍ଥିତ ଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଦିକନ୍ଦ ସାହୁ, ସଂସ୍କୃତ ଶିକ୍ଷକ ପଣ୍ଡିତ ସଚିତ୍ର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ କୁମାର ପ୍ରଧାନ, ଶିକ୍ଷକ ଅକ୍ଷୟ ନାୟକ ପ୍ରମୁଖ ଅତିଥି ଭାବରେ ମଞ୍ଚାସିନ ଥିଲେ । ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ଲୀଳାମୟ ଜଗନ୍ନାଥ' ପରିବେଷଣ ବେଶ ଚିତାକର୍ଷକ ହୋଇଥିଲା । ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ମାଟ୍ରିକ ପରୀକ୍ଷା ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ନାଳ ପୋତିଦେଲେ ବିଧାୟକଙ୍କ ସ୍ତ୍ରୀ

### କୃତ୍ରିମବନ୍ୟା ଆଶଙ୍କା କରି ଉପଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସ୍ଥାନୀୟ ଚାଷୀ





ନୀଳଗିରି,୧୨।୨ (ସଂଚାର ବ୍ୟୁରୋ): ନୀଳଗିରି ବିଜ୍ଞାପିତ ଅଞ୍ଚଳର ୨ ନମ୍ବର ୱାର୍ଡର ପଶ୍ଚିମ ପାଖରେ ଥିବା ମୂଲ୍ୟବାନ ଚାଷ ଜମିକୁ ପୋତି ଘର ବାଡ଼ି କିସମ କରି ଅଧିକ ଦାମରେ ବିକିବା ପାଇଁ ରାଜ୍ୟ ରାଜପଥ ୧୯ ରାସ୍ତାକଡରେ ଏକ ଜମିକିଣି ଉକ୍ତ ଜମିରେ ସରକାରୀ ଜାଗାରୁ ହଜାର ହଜାର ଟ୍ରିପ ମାଟି ଉଠାଇ ପୋତିବା ସହ ସରକାରୀ ନାଳପୋତିବା ଘଟଣାରେ ପୁଣି ବିବାଦକୁ ଆସିଛନ୍ତି ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ। ଏନେଇ ସ୍ଥାନୀୟବାସିନ୍ଦା ନ୍ୟାୟ ପାଇଁ ଜିଲ୍ଲାପାଳ ଓ ଉପଜଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ମୁତାବକ ନୀଳଗିରି ତହସିଲ ଅଧୀନ ନିଜଗଡ ମୌଜା ଖାତା ନଂ ୫୮୩/୧୧୪୦ ପ୍ଲଟ ନଂ ୧୦୨/୩୨୦୦ ଏବଂ ୨୨୧/୩୨୦୧ ଦୁଇଟି ପ୍ଲଟକୁ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ନିଜ ସ୍ତ୍ରୀ ସ୍ନେହଲତା ଖଟୁଆଙ୍କ ନାମରେ କିଣି ରାଜ୍ୟରାଜପଥ ୧୯କଡ଼ରେ ଥିବା ଉକ୍ତ ଚାଷଜମିରେ ମାଟି ପକାଇବା ଏପରିକି ଜମିକୁ ଲାଗିରହିଥିବା ସରକାରୀ ନାଳକୁ ପୋତିଦେବା ଫଳରେ ଆଗାମୀ ବର୍ଷାଋତୁରେ ପ୍ରଫୁଲ୍ଲ କୁମାର ବେହେରା, ବୁଲୁ ବେହେରା, ରବିନାରାୟଣ ମଲ୍ଲିକ, ଖଗେନ୍ଦ୍ର ବେହେରା, ଜଗବନ୍ଧୁ ମଲ୍ଲିକ, ସାବିତ୍ରୀ ପଲେଇ, ଗୌରହରି ମଲ୍ଲିକ ପ୍ରମୁଖଙ୍କ ଘର ବୁଡି ଯିବାର ଭୟ ରହିଛି। ଏଥିସହ ଉକ୍ତ ଜମିର ଉଭୟ ପାର୍ଶ୍ୱରେ ଚାଷଜମି ଗୁଡିକରେ ପ୍ରବଳ ବର୍ଷା ଜଳ ମାଡିଯାଇ କୃତ୍ରିମ ବନ୍ୟା ହୋଇ ବ୍ୟାପକ କ୍ଷୟକ୍ଷତି ହେବାର ସମ୍ଭାବନାକୁ ଆଖିଆଗରେ ରଖି ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ଆରଡିସି କଟକ, ନୀଳଗିରି ଉପଜିଲ୍ଲାପାଳ, ମାଇନିଙ୍ଗ ଅଧିକାରୀ, ତହସିଲଦାର ନୀଳଗିରିଙ୍କୁ ଅବଗତ କରି ବିହିତ ପଦକ୍ଷେପନେବାକୁ ଅନୁରୋଧ କରିଛନ୍ତି।

## ବାସୁଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

### ନାମ ସଙ୍କୀର୍ତ୍ତନ ସହ ବିଭିନ୍ନ ଗ୍ରାମ ପରିକ୍ରମା



ଗରଦପୁର,୧୨।୨ (ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ବାସୁଦେବ ଗୋସେଇଁ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବହୁ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଗ୍ରାମର ର ସମସ୍ତ ଅଧିବାସୀ ନିଜକୁ ସାମିଲ୍ କରିଛନ୍ତି। ଏହା ସହ ଆଖପାଖ ଗ୍ରାମରେ ମଧ ବାସୁଦେବଙ୍କ ଗ୍ରାମ ପରିକ୍ରମା ଏକ ଆଧାତ୍ମିକ ଚେତନା ସୃଷ୍ଟି କରିଛି । ଗରଦପୁର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ କିଣିଲୋ ଗ୍ରାମରେ ସାତ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏଥି ମଧ୍ୟରେ ବାସୁଦେବ ଗୋସେଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଏବଂ ହରିହାଟ ଉତ୍ସବ ଆହୋଜିତ ହେବ। ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା ବହୁ ଆଡମ୍ବର ସହକାରେ ପାଳନ ହେବ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହେବା ସହ ତିନି ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହେବ।

## ସାମ୍ବାଦିକଙ୍କ ମାତୃ ବିୟୋଗ

କେନ୍ଦ୍ରାପଡା,୧୨।୨(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମର ସମାଜସେବୀ ଅମ୍ବିକା ଲେଙ୍କାଙ୍କ ୮୨ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ହୃଦଘାତରେ ବିୟୋଗ ଘଟିଛି। ମୃତ୍ୟୁ ଖବର ଜାଣିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯାଦବ ନେତା ଚିତ୍ତରଞ୍ଜନ ଦାସ ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନା ବିଜେପି ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା ପ୍ରମୁଖ ଶୋକପ୍ରକାଶ କରିଛନ୍ତି । ମୃତଶରୀରକୁ ଗ୍ରାମ ଶୋଭା ଯାତ୍ରା କରାଯାଇ ଗାଁ ସ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଛି । ଜ୍ୟେଷ୍ଠପୁତ୍ର ସାମ୍ବାଦିକ ଅଲେଖ ପ୍ରସାଦ ଲେଙ୍କା ମୁଖାଗ୍ନି ଦେଇଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

## ଏସଡିଏଏ କପରେ ବାଜି ମାରିଲା ଫୁଲବାଣୀ ଜେଡି କ୍ଲବ



ଫୁଲବାଣୀ,୧୨।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ପରିସରରେ ରାଜ୍ୟ ସ୍ତରୀୟ ଫୁଟବଲ ଚମ୍ପିୟାନସିପ- ୨୦୨୬ ଚଳିତ ମାସ ୪ତାରିଖରେ ଆରମ୍ଭ ହୋଇ ୧୧ ତାରିଖରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପିତ ତଥା ଫାଇନାଲ ଖେଳ ଏଫ.ସି. ସମ୍ବଲପୁର ସହ ଜେ.ଡି. କ୍ଲବ ଫୁଲବାଣୀ ମଧ୍ୟରେ କଡା ମୁକାବିଲାର ସହ ଖେଳ ଆୟୋଜନ ହୋଇ ୧-୦ ଗୋଲରେ ଫୁଲବାଣୀ ଦଳ ବିଜୟୀ ହୋଇ ଉପଖଣ୍ଡ କ୍ରୀଡା ସଂଘ କପ ହାସଲ କରିପାରିଛି ।

ଏଥିରେ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, କ. ନୂଆଗାଁ ବ୍ଲକ ର ବିଜେପି ନେତା କୃଷ୍ଣ ମୋହନ ପାଣିଗ୍ରାହୀ, ଜେଡି କ୍ଲବର ପ୍ରତିଷ୍ଠାତା ଜଳନ୍ଧର ବେହେରା, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ପ୍ରଥମ ସଟ ଦେଇ ଖେଳକୁ ଉଦଘାଟନ କରିଥିଲେ । ଏଥିରେ ଶ୍ରେଷ୍ଠ ସ୍କୋରର ଭାବେ ଜେଡି କ୍ଲବର ଜିତୁ ମୁଦୁଲି, ଶ୍ରେଷ୍ଠ ଗୋଲ କିପର ଭାବେ ରବି, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ ଅଭି ମୁଦୁଲି, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ରଞ୍ଜନ କୁମାର ମହାନ୍ତିଙ୍କୁ ସ୍ମାରକୀ ଟ୍ରଫି କାର୍ତ୍ତିକ ହେନ୍ତାଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବିଜେତା ଫୁଲବାଣୀ ଦଳକୁ ୩୧ ହଜାର ୧ ଟଙ୍କା ଏବଂ ଉପବିଜେତା ସମ୍ବଲପୁର ଦଳ ୨୫ ହଜାର ୧ ଟଙ୍କା ସହ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ଫାଇନାଲ ଖେଳକୁ ମୁଖ୍ୟ ରେଫେରୀ ଭାବେ ଜିତେନ୍ଦ୍ର ପ୍ରସାଦ ସ୍ୱାଇଁ, କାମାକ୍ଷା ପ୍ରସାଦ ପ୍ରଧାନ, ସୁନିଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

## ବିଶ୍ୱ ରେଡିଓ ଦିବସ



ସୁବର୍ଣ୍ଣପୁର,୧୨।୨ (ସଂଚାର ବ୍ୟୁରୋ): ବିଶ୍ୱ ରେଡ଼ିଓ ଦିବସ ଆଜିର ଅତ୍ୟାଧୁନିକ ଡିଜିଟାଲ ଯୁଗରେ ମଧ ଆକାଶବାଣୀର ବିଶ୍ୱାସନୀୟତା ବଜାୟ ରହିଛି। ୧୮୯୦ ମସିହାରୁ ଆରମ୍ଭ ହୋଇଥିବା ଏହି ଜୟଯାତ୍ରା ଆଜି ଶିଖରରେ ପହଞ୍ଚିଛି। ଇଟାଲୀ ବୈଜ୍ଞାନିକ ମାର୍କୋନିଙ୍କ ଅବଦାନ ପ୍ରତିଟି ଜନମାନସରେ ସ୍ମରଣୀୟ ହୋଇରହିଛି ବହୁଜନ ହିତାୟ ବହୁଜନ ଶୁଖାୟ ନାରା ଦେଉଥିବା ଆକାଶବାଣୀ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିଛି। ୟୁନିସ୍କୋର ଛତିଶତମ ସମ୍ମିଳନୀର ନିଷ୍ପତି ଅନୁସାରେ ପ୍ରତିବର୍ଷ ଫେବୃଆରୀ ତେର ତାରିଖକୁ ସାରା ବିଶ୍ୱରେ ରେଡ଼ିଓ ଦିବସ ୨୦୧୧ ମସିହାରୁ ପାଳନ ହୋଇଆସୁଛି। ୧୯୫୬ ମସିହାରେ ଅଲ ଇଣ୍ଡିଆ ରେଡ଼ିଓ ନାମ ଆକାଶବାଣୀ କରାଯାଇଛି। ଚଳିତ ବର୍ଷ ଏହି ଦିବସ ର ବିଷୟବସ୍ତୁ ରହିଛି "ଆକାଶବାଣୀ ଓ କୃତିମ ବୁଦ୍ଧିମତ୍ତା " ଏତେ ସବୁ ମାଧମ ଥିଲେ ସୁଦ୍ଧା ଆକାଶବାଣୀର ଗ୍ରହଣୀୟତା ଆଜି ବି ସ୍ପଷ୍ଟ ଅନୁମେୟ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଆକାଶବାଣୀର ମହତ୍ୱକୁ ବହୁଗୁଣିତ କରିଛି।

ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଆଜି ବି ଓଡ଼ିଶାର ଗ୍ରାମାଞ୍ଚଳରେ ହଜାର ହଜାର ରେଡ଼ିଓ ଶ୍ରୋତା ଅଛନ୍ତି। ଠିକ ସେହିପରି ଜଣେ ଶ୍ରୋତା ହେଉଛନ୍ତି ସୁଦାମ ଗାଈଗରିଆ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ନିପଟ ମଫସଲ ଗାଁ ର ବାସିନ୍ଦା ଆଜିକୁ ବାଇଶି ବର୍ଷ ହେବ ଓଡିଶା ର ବିଭିନ୍ନ କେନ୍ଦ୍ରର କାର୍ଯ୍ୟକ୍ରମ ଶୁଣିବା ସହ ପ୍ରତେକ୍ଷ୍ୟ ଭାବରେ କାର୍ଯ୍ୟକ୍ରମ ରେ ଜଡିତ ହୋଇପାରିଛନ୍ତି। ଆଜି ବି ସେ ବଲାଙ୍ଗୀର, ସମ୍ବଲପୁର, କଟକ କେନ୍ଦ୍ର ର କାର୍ଯ୍ୟକ୍ରମ ନିୟମିତ ଶୁଣନ୍ତି ଓ ମତାମତ ଦିଅନ୍ତି। ରାଜ୍ୟର ଅନେକ ଶ୍ରୋତା ସଂଘ ସହିତ ଜଡିତ ରହି ଅନେକ ଥର ସମ୍ମାନିତ ହୋଇଛନ୍ତି। ତାଙ୍କ କହିବା ଅନୁସାରେ ଆକାଶବାଣୀ ର ବିଭିନ୍ନ ବିଭାଗ ରେ ପ୍ରଚାରିତ ହଉଥିବା କାର୍ଯ୍ୟକ୍ରମରୁ ଅନେକ ଶିକ୍ଷଣୀୟ ସୂଚନା ମିଳିଥାଏ।




# ଖରାଦିନେ ଦେଖାଦେଇପାରେ ହୃଦଘାତ, ଜଣ୍ଡିସ



ଖୁବଶୀଘ୍ର ଆସିବାକୁ ଯାଉଛି ଗ୍ରୀଷ୍ମଋତୁ। ଏହି ଗରମ ଦିନ ଆସିବା ମାତ୍ରେ ଅଧିକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଖରାଦିନେ ବିଶେଷ କରି, ଆଲର୍ଜି, ଡିହାଇଡ୍ରେସନ୍, ଷ୍ଟ୍ରୋକ, ଭାଇରାଲ୍ ଜ୍ୱର, ଡାଇରିଆ, କିଡନୀ ଷ୍ଟୋନ, ଆଖି ସଂକ୍ରମଣ, ପେଟ ରୋଗ ଭଳି ଦେଖାଦେଇଥାଏ। ଶରୀରରେ ଜଳ ଅଭାବରୁ ଡିହାଇଡ୍ରେସନ୍ ଦେଖାଦେଇଥାଏ। ଯାହା ହାର୍ଟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। କେବଳ ସେତିକି ନୁହେଁ, ଶରୀରରେ ଜଳର ଅଭାବ ହେଲେ, କିଡନୀ ଷ୍ଟୋନ୍ ଦେଖାଦେଇଥାଏ। କେବଳ ସେତିକି ନୁହେଁ, ଜଳର ଅଭାବରୁ ପରିସ୍ରାରେ ରକ୍ତ ପଡିବା, ବାନ୍ତି ହେବା , ପେଟ ଯନ୍ତ୍ରଣା, ପିଠି ଯନ୍ତ୍ରଣା ଓ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦେଇଥାଏ। ଏହି ସବୁ ସମସ୍ୟା ଆଗକୁ ଦେଖାଦେଇପାରେ। ତେବେ କେଉଁ ସବୁ ସମସ୍ୟା ସୃଷ୍ଟି ହୋଇଥାଏ ଆମେ ଆଜି ସେ ସମ୍ପର୍କରେ ଆସନ୍ତୁ ଜାଣିବା। ତେଣୁ ଖରା ବଢିବା ପୂର୍ବରୁ ଏଥିପ୍ରତି ସତର୍କ ରୁହନ୍ତୁ।

**ହାର୍ଟ ଷ୍ଟ୍ରୋକ:** ହାର୍ଟ ଷ୍ଟ୍ରୋକ୍ ବର୍ତ୍ତମାନ ସମୟରେ ଖୁବ୍ ସାଧାରଣ ରୋଗ ପାଲଟିଗଲାଣି। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଏହି ରୋଗ ଅଧିକ ଦେଖାଦିଏ। ଶରୀରରେ ଫୁଡ ପଏଜନିଙ୍ଗ, ଜ୍ୱର, ପେଟ କାଟିବା ଏବଂ ବାନ୍ତି ଭଳି କିଛି ସମସ୍ୟା ଦେଖିବାକୁ ମିଳିଥାଏ। ଏଥିରୁ ବଞ୍ଚିବା ପାଇଁ ହେଲେ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ରଖିବା ସହ ଅଧିକ ମାତ୍ରାରେ ପାଣି ପିଇବା ଆବଶ୍ୟକ। ଖାସ୍ କରି ଖରାଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ଜରୁରୀ। ଖରାଦିନେ ଶରୀରରେ ଜଳୀୟ ଅଂଶ ଠିକ ରହିବା ଆବଶ୍ୟକ। ସେଥିପାଇଁ ଅଧିକରୁ ଅଧିକ ପାଣି ପିଇବା ସହ ସବୁଜ ପନିପରିବା, ସାଲାଡ ଏବଂ ଫଳମୂଳ ଖାଇବା ଜରୁରୀ। ଏହି ଭଳି ପଦକ୍ଷେପ ନେଲେ ଶରୀରରେ ଜଳୀୟ ଅଂଶର ଅଭାବ ରହିବ ନାହିଁ। ଯାହାଦ୍ୱାରା ହାର୍ଟଷ୍ଟ୍ରୋକର ଆଶଙ୍କା କମ୍ ହେବ।

**ଏସିଡିଟି:** ଖରାଦିନେ ଏସିଡିଟି ଭଳି ସମସ୍ୟା ଅଧିକ ଦେଖାଦେଇଥାଏ। ଅଧିକ ଏସିଡିଟି ହେଲେ ଜୀବନ ଚାଲିଯିବା ପରି ଅନୁଭବ ହୋଇଥାଏ। ଅଧିକ ଏସିଡିଟି ହେଲେ ଛାତିରେ ଜଳାପୋଡା ଏବଂ ଯନ୍ତ୍ରଣା, ବାନ୍ତି ଭଳି ଅନୁଭବ କରିବା ଭଳି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ଏହି ସମସ୍ୟାକୁ ରୋକିବା ପାଇଁ ଖାଦ୍ୟ ଉପରେ ନିୟନ୍ତ୍ରଣ ଆବଶ୍ୟକ। ଭଜା ଏବଂ ମସଲାଯୁକ୍ତ ଖାଦ୍ୟ ଏସିଡିଟି ହେବାର ସବୁଠାରୁ ବଡ କାରଣ। ତେଣୁ ଖରାଦିନେ ଏହି ଖାଦ୍ୟଠାରୁ ଦୂରରେ ରୁହନ୍ତୁ।

**ଜଣ୍ଡିସ:** ଖରାଦିନେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ପର୍ଯ୍ୟନ୍ତ ସମସ୍ତ ପାଖରେ ଜଣ୍ଡିସର ଆଶଙ୍କା ବଢି ଯାଇଥାଏ। ଖରାପ ଖାଦ୍ୟପେୟ ହିଁ ଖରାଦିନେ ଆମ ଜଣ୍ଡିସର ଆଶଙ୍କାକୁ ବଢାଇ ଦେଇଥାଏ। ଏତିକି ନୁହେଁ ଖରାଦିନେ ହାଡ଼ଫୁଟି ଭଳି ସମସ୍ୟା ମଧ୍ୟ ଅଧିକ ମାତ୍ରାରେ ବଢିଯାଇଥାଏ। ତେଣୁ ଏହି ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଏଥିପ୍ରତି ସଚେତନ ରହିବା ଜରୁରୀ। ପ୍ରଚୁର ପାଣି ପିଇବା, ସୁସ୍ଥକର ଖାଦ୍ୟ ଖାଇବା ସହ ପରିଷ୍କାର ପରିଚ୍ଛନ୍ନତା ରହିବା ଏହି ସବୁ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିବ।

# ହଠାତ୍ ଭୋକ ଲାଗିବା ବନ୍ଦ ହୋଇଯିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ




କିଛି ଲୋକଙ୍କର ହଠାତ୍ ସ୍ୱାଭାବିକ ଭୋକ କମିଯାଏ। ଏହାକୁ ପ୍ରାୟତଃ ଥକ୍କାପଣ, ପାଗ କିମ୍ବା ଦିନଚର୍ଯ୍ୟାରେ ପରିବର୍ତ୍ତନ ବୋଲି ଖାରଜ କରାଯାଏ। ଭୋକ ଆମ ଶରୀରର ଆବଶ୍ୟକତା ଏବଂ ଆଭ୍ୟନ୍ତରୀଣ ସନ୍ତୁଳନକୁ ସୂଚିତ କରେ। ଯେତେବେଳେ ଶରୀରକୁ ଶକ୍ତିର ଆବଶ୍ୟକତା ଥାଏ ସେତେବେଳେ ଭୋକ ଲାଗିବା ସ୍ୱାଭାବିକ। ଯଦି ଆପଣ କୌଣସି ନିର୍ଦ୍ଦିଷ୍ଟ କାରଣ ବିନା କ୍ରମାଗତ ଭୋକ ଅଭାବ ଅନୁଭବ କରନ୍ତି, ତେବେ ଏହା ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଏବଂ ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ। ସମୟ ଅନୁସାରେ ଏବଂ ସଠିକ୍ ପରିମାଣରେ ନ ଖାଇବା ଦ୍ୱାରା ଦୁର୍ବଳତା, ମୁଣ୍ଡ ବୁଲାଇବା, ଚିଡ଼ିଚିଡ଼ା ହେବା ଏବଂ ଏକାଗ୍ରତାର ଅଭାବ ହୋଇପାରେ। ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ। ଦୀର୍ଘ ସମୟ ଧରି ଭୋକ ହ୍ରାସ ହେବା ଦ୍ୱାରା ଓଜନ ହ୍ରାସ ଏବଂ ପୁଷ୍ଟିକର ଅଭାବ ହୋଇପାରେ। ଏହା ଆପଣଙ୍କ ଚର୍ମ, କେଶ ଏବଂ ନିଦ୍ରା ଗୁଣବତ୍ତା ଉପରେ ମଧ୍ୟ ପ୍ରଭାବ ପକାଇପାରେ। କେତେକ ସମୟରେ, ଜଣେ ବ୍ୟକ୍ତି କୌଣସି ସ୍ପଷ୍ଟ କାରଣ ବିନା କ୍ଳାନ୍ତ ଏବଂ ଅଳସୁଆ ଅନୁଭବ କରନ୍ତି। ତେଣୁ, ଭୋକରେ ପରିବର୍ତ୍ତନକୁ ବୁଝିବା ଏବଂ ତୁରନ୍ତ ସେଗୁଡ଼ିକୁ ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତରଙ୍କ କହିବା ଅନୁସାରେ, କ୍ରମାଗତ ଭାବରେ ଭୋକ ନ ଲାଗିବା ପ୍ରାୟତଃ ଏକ ଅନ୍ତର୍ନିହିତ ଚିକିତ୍ସା ଅବସ୍ଥା ସହିତ ଜଡିତ ହୋଇପାରେ। ଗ୍ୟାସ, ଏସିଡିଟି କିମ୍ବା ପେଟ ଫୁଲିବା ଭଳି ପାଚନ ସମସ୍ୟା ଭୋକ କମାଇପାରେ। ଥାଇରଏଡ୍ ରୋଗ ଶରୀରର ମେଟାବୋଲିଜିମ୍ ମଧ୍ୟ ପ୍ରଭାବିତ କରେ, ଯାହା ଫଳରେ ଭୋକ କମିଯାଏ। ଯକୃତ କିମ୍ବା ବୃକକ୍ ସମସ୍ୟା, ଦୀର୍ଘକାଳୀନ ସଂକ୍ରମଣ, କିମ୍ବା ହରମୋନ୍ ଅସନ୍ତୁଳନ ମଧ୍ୟ ଏହାର କାରଣ ହୋଇପାରେ। ଚାପ, ଅବସାଦ ଏବଂ ଚିନ୍ତା ଭଳି ମାନସିକ କାରଣଗୁଡ଼ିକ ମଧ୍ୟ ଭୋକକୁ ଦମନ କରିପାରେ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହାକୁ ଶରୀର ପକ୍ଷରୁ ଏକ ସତର୍କ ସଙ୍କେତ ବୋଲି ବିବେଚନା କରାଯିବା ଉଚିତ।

ସୁସ୍ଥ ଭୋକ ବଜାୟ ରଖିବା ପାଇଁ, ନିୟମିତ ସମୟରେ ଖାଦ୍ୟ ଖାଆନ୍ତୁ ଏବଂ ଦୀର୍ଘ ସମୟ ଧରି ଭୋକ ନଖାଇ ଦିଅନ୍ତୁ। ଫଳ, ପନିପରିବା ଏବଂ ପର୍ଯ୍ୟାପ୍ତ ପ୍ରୋଟିନ୍ ଥିବା ହାଲୁକା, ତାଜା ଏବଂ ପୁଷ୍ଟିକର ଖାଦ୍ୟ ବାଛନ୍ତୁ। ଭଜା ଏବଂ ଜଙ୍କ୍ ଫୁଡ୍ ସୀମିତ କରନ୍ତୁ। ତେବେ ଏଭଳି ଲକ୍ଷଣ ଦେଖାଗଲେ ପ୍ରଚୁର ପାଣି ପିଅନ୍ତୁ ଏବଂ ପର୍ଯ୍ୟାପ୍ତ ନିଦରେ ଶୁଅନ୍ତୁ। ପ୍ରତିଦିନ ଚାଲିବା କିମ୍ବା ବ୍ୟାୟାମ କରନ୍ତୁ। ଚାପ କମାଇବା ପାଇଁ ଯୋଗ, ଧ୍ୟାନ କିମ୍ବା ଆପଣଙ୍କ ପସନ୍ଦର କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ।ଯଦି ଦୁଇରୁ ତିନି ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ନଲାଗେ, ଦ୍ରୁତ ଓଜନ ହ୍ରାସ, ସ୍ଥାୟୀ ଦୁର୍ବଳତା କିମ୍ବା ମୁଣ୍ଡ ବୁଲାଇବା କିମ୍ବା ଖାଇବା ପରେ ବାନ୍ତି ଅନୁଭବ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ।

# ଶୀଘ୍ର କମିଯିବ ପେଟର ଚର୍ବି



ଆଜିର ଦ୍ରୁତ ଗତି ଜୀବନରେ, କାମର ଚାପ ଏବଂ ପରିବର୍ତ୍ତନଶୀଳ ଅଭ୍ୟାସ ସିଧାସଳଖ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ସମୟ ଅଭାବରୁ ଲୋକମାନେ ସଠିକ ସମୟରେ ଖାଇବା କିମ୍ବା ନିଜ ଶରୀରର ଆବଶ୍ୟକତାକୁ ବୁଝିପାରୁ ନାହାଁନ୍ତି। ଫାଷ୍ଟଫୁଡ ଏବଂ ଖାଇବା ପାଇଁ ପ୍ରସ୍ତୁତ ଜିନିଷଗୁଡ଼ିକ ଦୈନନ୍ଦିନ ଖାଦ୍ୟର ଏକ ଅଂଶ ପାଲଟିଛି, ଯାହାର ପରିଣାମ ଧୀରେ ଧୀରେ ଶରୀରରେ ଦୃଶ୍ୟମାନ ହେବାରେ ଲାଗିଛି। ଓଜନ ବୃଦ୍ଧି, ଥକ୍କାପଣ ଏବଂ ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସାଧାରଣ ହୋଇଗଲାଣି। ବିଶେଷକରି ମୋଟାପଣ ଏକ ସମସ୍ୟା ପାଲଟିଛି ଯାହା ଅନେକ ଅନ୍ୟାନ୍ୟ ରୋଗକୁ ନିମନ୍ତ୍ରଣ କରେ। ଲୋକମାନେ ଫିଟ ଦେଖାଯିବା ଏବଂ ସକ୍ରିୟ ରହିବା ପାଇଁ ନୂତନ ପଦ୍ଧତି ଚେଷ୍ଟା କରନ୍ତି, କିନ୍ତୁ ପ୍ରାୟତଃ, ଉପଯୁକ୍ତ ସୂଚନା ଅଭାବରୁ, ସେମାନେ ଭୁଲ ପସନ୍ଦ କରନ୍ତି। ଏପରି ପରିସ୍ଥିତିରେ, ଅଧିକ ଅସୁବିଧା ବିନା ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ସନ୍ତୁଳିତ ଚିନ୍ତାଧାରା ଏବଂ ବୁଦ୍ଧିମାନ କାର୍ଯ୍ୟର ଆବଶ୍ୟକତା ରହିଛି। ମେଦବହୁଳତା ପଛରେ ଅନେକ କାରଣ ଥାଇପାରେ, କିନ୍ତୁ ସବୁଠାରୁ ବଡ଼ କାରଣ ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଜୀବନଶୈଳୀ। ଯଦି ଆପଣ ମଧ୍ୟ ଓଜନ ବୃଦ୍ଧି ବିଷୟରେ ଚିନ୍ତିତ, ତେବେ ପ୍ରଥମେ ଆପଣଙ୍କ ଖାଦ୍ୟ ଅଭ୍ୟାସ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି, ରାତ୍ରୀ ଭୋଜନରେ କରାଯାଇଥିବା ଏକ ଛୋଟ ଭୁଲ ଓଜନ ବୃଦ୍ଧି କରିପାରେ। କ୍ଳାନ୍ତିକର ଦିନ ପରେ, ଶରୀରକୁ ବିଶ୍ରାମ ଏବଂ ଭଲ ନିଦ ଆବଶ୍ୟକ। ରାତିରେ ଭାରୀ ଖାଦ୍ୟ ଖାଇବା କେବଳ ନିଦକୁ ପ୍ରଭାବିତ କରେ ନାହିଁ ବରଂ ଦ୍ରୁତ ଓଜନ ମଧ୍ୟ ବୃଦ୍ଧି କରିପାରେ। ଏକ ସ୍ଲିମ ଫିଗର ହାସଲ କରିବା ପାଇଁ, ରାତିରେ ହାଲୁକା ଏବଂ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ।

**ସବୁଜ ସାଲାଡ:** ସବୁଜ ସାଲାଡରେ ଭରପୂର ପରିମାଣରେ ଫାଇବର ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରିଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂରଣ ରହିଥାଏ ଏବଂ ଭୋକ ଲାଗିବା ରୋକିଥାଏ। ଏହାର କ୍ୟାଲୋରୀ ପରିମାଣ କମ୍ ଥିବାରୁ, ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣଙ୍କ ରାତ୍ରୀ ଭୋଜନ ସାଲାଡରେ କେବଳ ତାଜା ପନିପରିବା ସାମିଲ କରିବା ଭଲ।

**ସୁପ୍:** ରାତ୍ରୀ ଭୋଜନ ପାଇଁ ସୁପ ଏକ ଉତ୍ତମ ପସନ୍ଦ। ଏହା ହାଲୁକା ଏବଂ ସହଜରେ ହଜମ ହୁଏ। କଖାରୁ, ଟମାଟୋ, ଗାଜର କିମ୍ବା ପାଳଙ୍ଗ ସହିତ ତିଆରି ପନିପରିବା ସୁପରେ କ୍ୟାଲୋରୀ କମ୍ ଥାଏ ଏବଂ ଆପଣଙ୍କୁ ସନ୍ତୁଷ୍ଟ ରଖେ ଏବଂ ଓଜନ ବୃଦ୍ଧି ରୋକିଥାଏ।

**ଓଟ୍ସ ଇଡ୍‌ଲୀ:** ଓଟ୍ସ ଇଡ୍‌ଲୀ ଏକ ସୁସ୍ଥ ରାତ୍ରୀ ଭୋଜନ ବିକଳ୍ପ। ଏଥିରେ ପ୍ରଚୁର ପରିମାଣର ପ୍ରୋଟିନ ଥାଏ, ଯାହା ଶରୀର ପାଇଁ ଲାଭଦାୟକ। ସ୍ୱାଦିଷ୍ଟ ହେବା ସହିତ, ଏହା ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରେ।

**ମଟର ଉପମା:** ମଟର ଉପମା ଏକ ସାଧାରଣ ଖାଦ୍ୟ ନୁହେଁ, କିନ୍ତୁ ଏହା ଏକ ଉତ୍ତମ ରାତ୍ରିଭୋଜନ ଖାଦ୍ୟ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ K ଏବଂ C, ଫୋଲେଟ ଏବଂ ପ୍ରୋଟିନ ଭରପୂର। ଏହା କେବଳ ପୁଷ୍ଟିକର ନୁହେଁ ବରଂ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ।

**ଦହି:** ଦହିକୁ ପେଟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ହଜମକୁ ଉନ୍ନତ କରେ ଏବଂ ପେଟକୁ ଶାନ୍ତ କରେ। ରାତିରେ ଦହିରେ ଚିନି ମିଶାଇବା ପରିହାର କରନ୍ତୁ। ଉତ୍ତମ ସ୍ୱାଦ ପାଇଁ, ଆପଣ ଟିକେ କଳା ଲୁଣ ଏବଂ ଗୋଲମରିଚ ମିଶାଇ ପାରିବେ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ୍ୟ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି।



# ଅଜୀର୍ଣ୍ଣ ସମସ୍ୟା ଅଛି କି?

ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ୍ୟ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।



